ବର୍ଷ-୨୪, ସଂଖ୍ୟା-୨୮୭
ଭୁବନେଶ୍ୱର
୨୧ ନଭେମ୍ବର, ୨୦୨୪ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 287
Bhubaneswar
21 November, 2024 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ସ୍ୱରା ଭାସ୍କରଙ୍କୁ ଚିହ୍ନି ପାରୁନାହାଁନ୍ତି ପ୍ରଶଂସକ



# ବିପୁଳ ସମ୍ଭାବନା ସୃଷ୍ଟି କଲା ସିଙ୍ଗାପୁର ଗସ୍ତ

**ସିଙ୍ଗାପୁର,୨୦।୧୧(ମହାଭାରତ):** ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡିଶା ପ୍ରତିନିଧୀ ଦଳର ସିଙ୍ଗାପୁର ଗସ୍ତ ସଫଳ ହୋଇଛି। ଫଳରେ ବିଶ୍ୱ ପୁଞ୍ଜି ବିନିଯୋଗ ଏବଂ ଶିଳ୍ପ ଅଭିବୃଦ୍ଧିର ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବରେ ପ୍ରତିଷ୍ଠିତ ହେବା ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ଗସ୍ତରେ ଶିଳ୍ପ ହବ୍ ତଥା ଭାରତର ବିକାଶ ଯାତ୍ରାରେ ପ୍ରମୁଖ ଭାବେ ଓଡିଶା ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଛି। ଅନ୍ତିମ ଦିନରେ ଇକୋସଫ୍ଟର ସିଇଓ ତଥା ସହ-ପ୍ରତିଷ୍ଠାତା ମାର୍କସ୍ ଲିମ୍ଙ୍କ ସହ ଆଲୋଚନା ହୋଇଥିଲା। ଏହି ଅବସରରେ ଏକ ଅଭିନବ ସ୍ଥାୟୀ ଜଳ ସମାଧାନ ଏବଂ ଓଡିଶାର ଶିଳ୍ପ ଏବଂ ସହରାଞ୍ଚଳ ଇକୋସିଷ୍ଟମରେ ସେମାନଙ୍କର ସମ୍ଭାବ୍ୟ ଏକୀକରଣ ଉପରେ ଧ୍ୟାନ ଦିଆଯାଇଥିଲା। ଜାହାଜ ପୁନଃ ବ୍ୟବହାର, କଣ୍ଟେନର ଉତ୍ପାଦନ ଏବଂ ବନ୍ଦର ଭିତ୍ତିକ ଶିଳ୍ପ ଭିତ୍ତିଭୂମି ବିକାଶର ଭବିଷ୍ୟତ ବିଷୟରେ ଆଲୋଚନା ପାଇଁ ପ୍ରତିନିଧୀ ଦଳ ଏପି ମୋଲର ମାର୍ସ ଗ୍ରୁପର ରେନେ ପିଲ ପେଡେରେନଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନା ଫଳରେ ରାଜ୍ୟରେ ଶିଳ୍ପ ବିବିଧତା ଏବଂ ସ୍ଥାୟୀ ଅଭିବୃଦ୍ଧି ପାଇଁ ଯନ୍ତ୍ରପାତି ଉତ୍ପାଦନ, ଶୀତଳ ଭଣ୍ଡାର ଏବଂ ଶୀତଳ ଶୃଙ୍ଖଳା, ସବୁଜ ହାଇଡ୍ରୋଜେନ ଏବଂ ସବୁଜ ଆମୋନିୟା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ଶିଳ୍ପ ଗ୍ୟାସ କ୍ଷେତ୍ରଗୁଡିକରେ ପୁଞ୍ଜି ବିନିଯୋଗର ସୁଯୋଗ ଆସିବ। ଏହି ଅବସରରେ ୪୦୦ରୁ ଅଧିକ ପ୍ରବାସୀ ଓଡ଼ିଆ ଯୋଗଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ସିଙ୍ଗାପୁର ଗସ୍ତ ଅତ୍ୟନ୍ତ ଫଳପ୍ରଦ ହୋଇଛି, ଯାହା ଦ୍ୱାରା ଓଡିଶାର ଅଭିବୃଦ୍ଧି ଯାତ୍ରା ପାଇଁ ଆମକୁ ନୂତନ ରାସ୍ତା ଖୋଜିବାକୁ ତଥା ମୂଲ୍ୟବାନ ଜ୍ଞାନ ଆହରଣ କରିବାର ସୁଯୋଗ ମିଳିଛି। ଆମର ବିଶ୍ୱସ୍ତରୀୟ ପ୍ରସାରକୁ ମଜବୁତ କରିବା ପାଇଁ ଏଠାରେ ପ୍ରବାସୀ ଓଡ଼ିଆଙ୍କ ଗୁରୁତ୍ୱପୂର୍ଣ୍ଣ ସମ୍ଭାବ୍ୟ ସହଯୋଗ ପାଇଁ ମୁଁ ସମସ୍ତଙ୍କୁ ଓଡିଶା ପରିଦର୍ଶନ କରିବାକୁ ଏବଂ 'ଉତ୍କଳ ଓଡ଼ିଶା: ମେକ୍ ଇନ୍ ଓଡିଶା କନକ୍ଲେଭ ୨୦୨୫' ରେ ଯୋଗଦେବାକୁ ଆମନ୍ତ୍ରଣ କରୁଛି।



# ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ

ଭୁବନେଶ୍ୱର,୨୦।୧୧(ମହାଭାରତ): ରାଜ୍ୟରେ ଆଜିଠୁ ଖୋଲିଲା ଧାନ ମଣ୍ଡି। ବରଗଡ଼ରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାର ଶୁଭାରମ୍ଭ କରିଛନ୍ତି। ଏଥିସହ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି।

ଚଳିତ ବର୍ଷ ମୋହନ ମାଝୀ ସରକାର ଅମଳରେ କଟନୀ ଛଟନୀ ସମସ୍ୟା ରୋକିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ କ୍ୱିଣ୍ଟାଲ ପ୍ରତି ଚାଷୀ ୩୧ ଶହ ଟଙ୍କା ପାଇବେ। ଏଥିସହ ଧାନର କଳାବଜାରୀ ରୋକିବାକୁ ସୀମା ସିଲ୍ କରାଯିବ।

ବରଗଡ଼ କଳାପାଣି ମଣ୍ଡିରେ ଆଜି ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି ଯୋଗାଣ ମନ୍ତ୍ରୀ। ବରଗଡ଼ ଅତାବିରା ସମେତ ସମୁଦାୟ ୩ଟି ସ୍ଥାନରେ ମନ୍ତ୍ରୀ ଧାନ କିଣା ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି। ଆସନ୍ତା କାଲିଠୁ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ମଣ୍ଡିରେ ଧାନ କିଣା ପ୍ରକ୍ରିୟାର ଶୁଭାରମ୍ଭ ହେବ। ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଆଜିର ଦିନ ହେଉଛି ଚାଷୀଙ୍କ ପାଇଁ ଉତ୍ସବର ଦିନ। ବରଗଡ଼ ଜିଲ୍ଲା ହେଉଛି ଓଡ଼ିଶାର ଭାତ ହାଣ୍ଡି। ତେଣୁ ଏହିଠାରୁ ମଣ୍ଡି ଖୋଲିବାର ଶୁଭାରମ୍ଭ କରାଗଲା। ଆସନ୍ତାକାଲିଠୁ ଅନ୍ୟ ଜିଲ୍ଲାମାନଙ୍କରେ ମଣ୍ଡିରେ ଧାନ କିଣା ଆରମ୍ଭ ହେବ। ଆମ ସରକାର ଦେଇଥିବା କଥା ରଖିଲା। ସୀମା ସିଲ୍ କରାଯିବାର ବ୍ୟବସ୍ଥା କରାଯାଇଛି। ସୀମାରେ ସିସିଟିଭି ଲଗାଯାଇଛି। ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ବାହାର ରାଜ୍ୟର ଧାନ ଆମ ରାଜ୍ୟରେ ପଶିବନି।

ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ମଣ୍ଡିରେ ଚାଷୀଙ୍କ ପାଇଁ ଖାଇବା, ଶୌଚାଳୟ ବ୍ୟବସ୍ଥା କରାଯାଇଛି। ପଲିଥିନ ବ୍ୟବସ୍ଥା ବି କରାଯାଇଛି। ବାହାର ରାଜ୍ୟର ଧାନ କିପରି ଆମ ରାଜ୍ୟରେ ପ୍ରବେଶ ନ କରିବ ତାହାର ବ୍ୟବସ୍ଥା କରାଯାଇଛି। ପ୍ରତି ଜିଲ୍ଲାରେ ବିଜେପି କର୍ମୀ ବି ସଜାଗ ଅଛନ୍ତି। ଧାନର ଯେପରି କଳା ବଜାରୀ ନ ହେବ କି ଚୋରା କାରବାର ନ ହେବ ତା' ଉପରେ ତୀକ୍ଷଣ ଦୃଷ୍ଟି ରଖାଯାଇଛି।

ତେବେ ଏଥର ଯେପରି ଧାନର କଳାବଜାରୀ ନ ହୁଏ ତା' ଉପରେ କଡ଼ା ନଜର ରଖାଯାଇଛି। ଧାନ କିଣାରୁ ବିକ୍ରି ପର୍ଯ୍ୟନ୍ତ ମଣ୍ଡିରେ ଅଫିସର ଜଗିବେ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ କହିଛନ୍ତି ଯେ, ୪ରୁ ୫ଟି ମଣ୍ଡିକୁ ନେଇ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି ଓ ଦଲାଲମାନେ ଯେପରି ମଣ୍ଡିକୁ ନ ଆସିବେ ସେଥିପାଇଁ ପାଟ୍ରୋଲିଂ କରାଯିବ। ୮୦୦ ଟଙ୍କା ସବସିଡି ପାଇବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ।

# ମହତାବ ଜୟନ୍ତୀ ନେଇ ବଡ଼ ପ୍ରସ୍ତୁତି

ଭୁବନେଶ୍ୱର,୨୦।୧୧(ମହାଭାରତ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ହରେକୃଷ୍ଣ ମହାତାବଙ୍କ ୧୨୫ତମ ଜନ୍ମ ଜୟନ୍ତୀ ପାଳନ ନିମନ୍ତେ କେନ୍ଦ୍ର ସରକାର ଆଜି ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। କମିଟିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଧ୍ୟକ୍ଷ ଥିବାବେଳେ ଅନ୍ୟ ୨୩ଜଣ ସଦସ୍ୟ ଅଛନ୍ତି। ରାଜ୍ୟର ଅବସରପ୍ରାପ୍ତ ପ୍ରଶାସକଙ୍କ ସମେତ ପ୍ରତିଷ୍ଠିତ ସାହିତ୍ୟିକ ଓ ରାଜନେତାମାନେ ଏହି କମିଟିରେ ସ୍ଥାନ ପାଇଛନ୍ତି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ପ୍ରଥମଥର ପାଇଁ ଜାତୀୟସ୍ତରରେ ମହତାବ ଜୟନ୍ତୀ ପାଳନ ନିମନ୍ତେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି।



ଆଜି ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ସ୍ୱର୍ଗତ ଡଃ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମ ଜୟନ୍ତୀ ପାଳନ ପାଇଁ ଭାରତ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି।

କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଏକ୍ସ-ଅଫିସୋ ସଦସ୍ୟ ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ,କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାତ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସାଂସଦ ଭର୍ତ୍ତୃହରି ମହତାବ, ପ୍ରଧାନମନ୍ତ୍ରୀ ମ୍ୟୁଜିୟମ ଓ ଲାଇବ୍ରେରୀ ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର, ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ, ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ଏକ୍ସ-ଅଫିସୋ ସଦସ୍ୟ ଓ ସଂସ୍କୃତି ସଚିବ ଅରୁନିଶ୍ ଚାୱାଲା କମିଟିର ସଦସ୍ୟ ସଚିବ ଅଛନ୍ତି।

କମିଟିରେ ସଦସ୍ୟ ଭାବେ ବିଜେପି ନେତା ମନମୋହନ ସାମଲ, ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ ଓ ସ୍ୱପନ ଦାସଗୁପ୍ତାଙ୍କ ସମେତ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଅର୍ଥନୀତିକ ଉପଦେଷ୍ଟା ପରିଷଦର ସଦସ୍ୟ ସଞ୍ଜିବ ସାନ୍ୟାଲ, ଜାତୀୟ ଐତିହ୍ୟ ପ୍ରାଧିକରଣ ଅଧ୍ୟକ୍ଷ ପ୍ରଫେସର କିଶୋର ବାସା, ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଲୋକ କୁମାର ରାଏ, ଅବସରପ୍ରାପ୍ତ ଆଇଏଏସ୍ ଯୁଗଳ କିଶୋର ମହାପାତ୍ର, ଅବସରପ୍ରାପ୍ତ ଆଇଏଫଏସ୍ ଲଳିତ ମାନସିଂ, ଅବସରପ୍ରାପ୍ତ ଆଇଆରଏସ୍ ସିଦ୍ଧାର୍ଥ ପ୍ରଧାନ, ଓଡ଼ିଆ ଲେଖିକା ଡଃ ପ୍ରତିଭା ରାୟ, ଗୌରହରି ଦାସ, ଡଃ ରାଜେନ୍ଦ୍ର କିଶୋର ପଣ୍ଡା, ଡଃ ହରପ୍ରସାଦ ଦାସ ଓ ଓଡ଼ିଆ ଲେଖକ ତରୁଣକାନ୍ତି ମିଶ୍ର(ପୂର୍ବତନ ମୁଖ୍ୟ ସଚିବ)ଙ୍କୁ ଏହି କମିଟିର ସଦସ୍ୟ ଭାବେ ସାମିଲ କରାଯାଇଛି।ମହତାବଙ୍କ ୧୨୫ତମ ଜୟନ୍ତୀ ପାଳନ ନିମନ୍ତେ ଆବଶ୍ୟକ କାର୍ଯ୍ୟକ୍ରମର ରୂପରେଖା ପ୍ରସ୍ତୁତ କରିବା ସହ ନୀତିଗତ ନିଷ୍ପତ୍ତି ଓ ଗାଇଡଲାଇନ୍ ଏହି କମିଟି ସ୍ଥିର କରିପାରିବେ। ଅନ୍ୟପକ୍ଷରେ ଆସନ୍ତାକାଲିଠୁ ରାଜ୍ୟ ସରକାରଙ୍କ ଦ୍ୱାରା ମହତାବଙ୍କ ୧୨୫ତମ ଜନ୍ମ ଜୟନ୍ତୀର ୩ଦିନିଆ ସ୍ମରଣୋତ୍ସବ ଭୁବନେଶ୍ୱରର ରବୀନ୍ଦ୍ରମଣ୍ଡପରେ ୩ଦିନ ଧରି ପାଳନ ହେବାର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି।

# ଧର୍ମଶାଳା ବିଧାୟକଙ୍କ ଉପରେ ଆକ୍ରମଣ

**ଯାଜପୁର,୨୦।୧୧(ମହାଭାରତ):** ଆଜି ସନ୍ଧ୍ୟାରେ ଯାଜପୁର-ବରୁଆଁ ରାସ୍ତାର ବୁଢ଼ାଘାଟ ନିକଟରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ (ଲିକୁ)ଙ୍କ ଉପରେ ଆକ୍ରମଣ ହୋଇଛି। ଏଥି ସହିତ ତାଙ୍କର ଗାଡ଼ିକୁ ମଧ୍ୟ ଲାଠି ଓ ଲୁହାଛଡ଼ରେ ପିଟି ଭାଙ୍ଗିଛନ୍ତି ଆକ୍ରମଣକାରୀ।

## ଯାଜପୁର ଯାଉଥିବାବେଳେ ଗାଡ଼ି ଭଙ୍ଗା ରୁଜା, ହତ୍ୟା ଉଦ୍ୟମ

## ବବି ଦାସଙ୍କ ସମର୍ଥକ ଆକ୍ରମଣ ଅଭିଯୋଗ

## ୮ ଜଣ ଆହତ, ୨୬ ଜଣଙ୍କ ବିରୋଧରେ ମାମଲା

ଯାଜପୁରରେ ଆୟୋଜିତ ଏକ ବୈଠକରେ ଯୋଗ ଦେବା ପାଇଁ ଯାଉଥିବା ବେଳେ ପୂର୍ବତନ ବିଧାୟକ ବବି ଦାସଙ୍କ ସମର୍ଥକଙ୍କ ଦ୍ୱାରା ଏହି ଆକ୍ରମଣ କରାଯାଇଛି ବୋଲି ବିଧାୟକ ଅଭିଯୋଗ କରିଛନ୍ତି।ତେବେ ବିଜେଡି ନେତା ବବି ଦାସ ଏହି ଘଟଣାକୁ ନିନ୍ଦା କରିବା ସହ ତାଙ୍କ ଦଳ ହିଂସାରେ ବିଶ୍ୱାସ କରେ ନାହିଁ ବୋଲି ସଫେଇ ଦେଇଛନ୍ତି। ତେବେ ଏହି ଆକ୍ରମଣ ଯୋଗୁଁ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖାଯାଇଛି। ବ୍ୟାପକ ଭଙ୍ଗାରୁଜା ହୋଇଛି। ମୁହାଁମୁହିଁ ପରିସ୍ଥିତି ଯୋଗୁଁ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି। ବିଜେପି କର୍ମୀମାନେ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆକ୍ରମଣକାରୀଙ୍କୁ ଗିରଫ ନ କଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଧମକ ଦେଇଛନ୍ତି। ଘଟଣା ସ୍ଥଳରେ ଏସପି ଙ୍କ ସମେତ ବହୁ ପୋଲିସ ଅଧିକାରୀ ଏବଂ ସଶସ୍ତ୍ର ପୋଲିସ ବାହିନୀ ପହଞ୍ଚିଛନ୍ତି।




ଏହି ଘଟଣାକୁ ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ ନିନ୍ଦା କରାଯିବା ସହ ଘଟଣାରତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ବିଧାୟକ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଯାଜପୁର ଟାଉନ ଥାନା ସମ୍ମୁଖରେ ବିଧାୟକଙ୍କ ବିରୋଧରେ ଶତାଧିକ ବିଜେଡି କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଘଟଣାରେ ୭ ରୁ ୮ ଜଣ ଆହତ ହୋଇଥିବାବେଳେ ପୋଲିସ ପକ୍ଷରୁ ୨୬ ଜଣଙ୍କ ବିରୋଧରେ ଏଫ୍ଆଇଆର ରୁଜୁ ହୋଇଛି।

ଘଟଣାରୁ ପ୍ରକାଶ ଯେ, ବିରଜା ମନ୍ଦିରର ଉନ୍ନତି କରଣ ପାଇଁ ମୂଳ ବିରଜା ହାଟ (ବିରଜା ମନ୍ଦିର ନିକଟସ୍ଥ) କୁ ଜନସାଧାରଣ ଓ ବ୍ୟବସାୟୀଙ୍କ ସୁବିଧାକୁ ନେଇ ବର୍ଷେ ପୂର୍ବରୁ ଶୁକପୁର ନିକଟକୁ ଉଠାଇ ନିଆଯାଇଛି। ତେବେ ଏହା ବିରୁଦ୍ଧରେ କେତେକ ବ୍ୟବସାୟୀ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଇତି ମଧ୍ୟରେ ସରକାର ବଦଳିଛି ଓ ହାଟକୁ ପୁଣି ପୁରୁଣା ସ୍ଥାନରେ କରିବା ପାଇଁ ପ୍ରଶାସନ ଉଦ୍ୟମ ଆରମ୍ଭ କରିଛି। ଏଥି ପୂର୍ବରୁ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ୍ୟ ମୁଳ ସ୍ଥାନରେ ହାଟ ହେବ ବୋଲି ଘୋଷଣା କରିଯାଇଥିଲେ। ନିୟନ୍ତ୍ରିତ ବଜାର କମିଟି ପୁରୁଣା ହାଟରେ ଜମି ଅଧିଗ୍ରହଣ କରିଥିବା ବେଳେ ଆସନ୍ତା କାଲି ଗୁରୁବାର ବିରଜା ମନ୍ଦିର ନିକଟରେ ପୁଣି ହାଟ ଖୋଲିବାକୁ ଯାଉଥିବା ନେଇ ଡ଼ାକବାଜି ଯନ୍ତ୍ର ରେ ଆଜି ପ୍ରଚାର ହୋଇଥିଲା। ଏହାକୁ କେତେକ ବିରୋଧ କରି ବୁଧବାର ସଂଧ୍ୟାରେ ବୁଢା ଘାଟ ସେତୁ ନିକଟରେ ଯାଜପୁର - କୁଆଖିଆ ଭାୟା ବରୁଆଁ ରାସ୍ତା କୁ ଅବରୋଧ କରି ଆନ୍ଦୋଳନ ଚଳାଇଥିଲେ।

ଆକ୍ରମଣର ଶିକାର ହୋଇଥିବା ବିଧାୟକ ଶ୍ରୀ ସାହୁ ଗଣମାଧ୍ୟମକୁ କହିଛନ୍ତି, ଡିଡିଏମ୍ଙ୍କ କାର୍ଯ୍ୟାଳୟରେ ଏକ ବୈଠକ ହେବାର ଥିଲା। ଏହି ବୈଠକକୁ ଯିବା ସମୟରେ ମୋତେ ବୁଢ଼ାଘାଟ ନିକଟରେ ଆକ୍ରମଣ ହୋଇଛି। କିଛି ଲୋକ ରାସ୍ତାରୋକ କରିଥିଲେ। ରାସ୍ତା ବନ୍ଦ ଥିବାରୁ ମୋ ଗାଡ଼ି ସେଠାରେ ଅଟକି ଥିଲା। ସେମାନେ ମୋ ଗାଡ଼ିକୁ ରଡ୍ ଓ ଠେଙ୍ଗାରେ ପିଟିଥିଲେ। ଗାଡ଼ିରେ ମୋତେ ଦେଖି ମୋ ଆଡ଼କୁ ମାଡ଼ି ଆସିଥିଲେ। ମୋତେ ପିଟି, ମୋ ଚେନ୍ ଛିଡ଼ାଇ ନେଇଥିଲେ। ବବି ଭାଇ ଜିନ୍ଦାବାଦ୍ କହି ମୋତେ ସେମାନେ ଆକ୍ରମଣ କରିଥିଲେ। ତୁରନ୍ତ ଏଠୁ ପଳା, ନହେଲେ ମାରିଦେବୁ ବୋଲି ସେମାନେ କହିଥିଲେ।

ଧର୍ମଶାଳା ବିଧାୟକ ବାରମ୍ବାର ବିରଜା ପ୍ରକଳ୍ପ ଓ ଯାଜପୁରକୁ ନେଇ ଜାଣିଶୁଣି ଆକ୍ଷେପ କରି କହୁଥିବାରୁ ଆଜି ଏହି ଘଟଣା ଘଟିଲା ବୋଲି ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓ ତାଙ୍କ ଭାଇ ଲଲ କହିଛନ୍ତି।ତେବେ ବିଜେଡି ହିଂସାକୁ ପ୍ରଶ୍ରୟ ଦିଏ ନାହିଁ ଓ ଏହି ଘଟଣାକୁ ସେ ନିନ୍ଦା କରୁଥିବା କହିଛନ୍ତି ବବି ଦାସ। ଏହା ସହିତ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପ୍ରଶାସନକୁ କହିଥିବା ତଥା ତାଙ୍କ ପକ୍ଷରୁ ସମସ୍ତ ସହାୟତା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଗଣମାଧ୍ୟମରେ କହିଛନ୍ତି ବବି। ଅନ୍ୟ ପକ୍ଷରେ ବିଧାୟକଙ୍କ ଉପରେ ଏହି ଆକ୍ରମଣକୁ ମନ୍ତ୍ରୀ ପ୍ରଦୀପ କୁମାର ବଳ ସାମନ୍ତ, କୋରେଇ ବିଧାୟକ ଆକାଶ ଦାସ ନାୟକ, ବଡଚଣା ବିଧାୟକ ଅମର ନାୟକ,ବିଜେପି ର ଜିଲ୍ଲା ସଭାପତି ଗୌତମ ରାୟ ପ୍ରମୁଖ ତୀବ୍ର ନିନ୍ଦା କରିଛନ୍ତି।

# ୩ ହାତୀ ମୃତ୍ୟୁ ଘଟଣାରେ ଦୁଇ ଗିରଫ

ନାକଟିଦେଉଳ,୨୦।୧୧(ମହାଭାରତ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ଘୋଷରାମାଳ ଫରେଷ୍ଟ ସେକ୍ସନର ବୁରୋମାଲ ଜଙ୍ଗଲରେ ବାରହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାରରେ ଲାଗି ଗତ ୧୮ ତାରିଖରେ ୩ଟି ହାତୀଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ବନ ବିଭାଗ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅନ୍ୟ ଦୁଇ ଜଣ ଅଭିଯୁକ୍ତ ଅଦ୍ୟାବଧି ଫେରାର ରହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଘୋଷରାମାଳ ଗ୍ରାମର ସଂଜିତ ବେହେରା (୫୦) ଏବଂ ଗୋବିନ୍ଦ ବସନ୍ତରା (୨୪)। ଏଥି ସହିତ ହାତୀ ମୃତ୍ୟୁ ସ୍ଥାନରୁ ୧ କେଜି ବାଇଣ୍ଡିଙ୍ଗ ତାର ସହ ୭୦ରୁ ଅଧିକ ବାଉଁଶ ଖୁଣ୍ଟ ମଧ୍ୟ ଜବତ କରାଯାଇଛି।ହାତୀ ମୃତ୍ୟୁ ଘଟଣା ପରେ ସଙ୍ଗେ ସଙ୍ଗେ ବନ ବିଭାଗ ଏହାକୁ ଗମ୍ଭୀରତାର ସହ ନେଇ ଏହି ଘଟଣାରେ ସମ୍ପୃକ୍ତ ଥିବା ଶିକାରୀମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ସେହିଦିନ ବନ ବିଭାଗ ୪ ଜଣଙ୍କୁ ସେମାନଙ୍କ ଘରୁ ଉଠାଇ ନେଇ ଅଟକ ରଖିବା ସହ ଅଧିକ ପଚରା ଉଚରା କରିଥିଲା।

# 'ଦାନା' କ୍ଷୟକ୍ଷତି ଆକଳନ ପାଇଁ ୨୪ରେ ଆସିବ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୨୦।୧୧(ମହାଭାରତ): ବାତ୍ୟା 'ଦାନା' ଓ ପରବର୍ତ୍ତୀ ବନ୍ୟା ପରିସ୍ଥିତିଜନିତ କ୍ଷୟକ୍ଷତିର ଆକଳନ ପାଇଁ ଆସନ୍ତା ୨୪ତାରିଖରେ କେନ୍ଦ୍ର ସରକାରଙ୍କ ଆନ୍ତଃମନ୍ତ୍ରଣାଳୟ ଟିମ୍ ଓଡ଼ିଶା ଆସିବ। ଏହି ଟିମ୍ ୨୭ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ରହି ପ୍ରଭାବିତ ୩ଟି ଜିଲ୍ଲା ଗସ୍ତ କରିବା ସହ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବ ବୋଲି ଜଣାପଡ଼ିଛି। ଆଜି ଏ ସମ୍ପର୍କରେ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, 'ଦାନା' କ୍ଷୟକ୍ଷତିର ଆକଳନ ପାଇଁ କେନ୍ଦ୍ରୀୟ ଟିମ୍ ୨୪ତାରିଖରେ ଓଡ଼ିଶା ଆସିବେ।୨୭ତାରିଖ ପର୍ଯ୍ୟନ୍ତ ପ୍ରଭାବିତ ୩ଟି ଜିଲ୍ଲାକୁ ଗସ୍ତ କରି ସ୍ଥିତିର ଅନୁଧ୍ୟାନ କରିବେ। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ପିକେ ରାଏଙ୍କ ନେତୃତ୍ୱରେ ୭ଜଣିଆ। ଟିମ୍ ଓଡ଼ିଶା ଆସୁଛନ୍ତି। ସେମାନେ ୨୫ରେ ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଯାଇ କ୍ଷୟକ୍ଷତି ଆକଳନ ଓ ସ୍ଥିତି ପରଖିବେ। ୨୬ତାରିଖରେ ଲୋକସେବା ଭବନରେ ମୁଖ୍ୟ ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ରାଜ୍ୟ ସରକାର କ୍ଷୟକ୍ଷତି ଆକଳନ ରିପୋର୍ଟ ଦେବେ।

# ୫ ଦିନ ଶୀତ

ଭୁବନେଶ୍ୱର, ୨୦।୧୧(ମହାଭାରତ: ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ଗତ ଦୁଇଦିନ ଧରି ତାପମାତ୍ରା ହ୍ରାସ ପାଇବା ଯୋଗୁଁ ଶୀତର ପ୍ରଭାବ ବୃଦ୍ଧି ପାଇଛି। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ପାଣିପାଗର ସ୍ଥିତିରେ ବିଶେଷ ପରିବର୍ତ୍ତନର ସୂଚନା ନାହିଁ ହେବ ବୋଲିଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି।ଗତକାଲି କନ୍ଧମାଳ ଜିଲାର ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୬ ଦଶମିକ ୬ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଥିଲା। ଆଜି ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, କଳାହାଣ୍ଡି, କନ୍ଧମାଳ ଓ କେନ୍ଦୁଝର ଜିଲାର କେତେକ ସ୍ଥାନରେ ଘନକୁହୁଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି। ଅନ୍ୟପକ୍ଷରେ ଚଳିତ ସପ୍ତାହର ଶେଷ ଆଡ଼କୁ ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଓଡ଼ିଶାରେ ଲଘୁଚାପର ପ୍ରଭାବ ରହିବା ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

## ଶ୍ରୀଲିଙ୍ଗରାଜଙ୍କ ଶୃଙ୍ଖଳିତ ନୀତିକାନ୍ତି ପାଇଁ ଆସିବ ସ୍ୱତନ୍ତ୍ର ଆଇନ

**ଭୁବନେଶ୍ୱର, ୨୦/୧୧ :** ଆଉ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତି ବିଭ୍ରାଟ ହେବନି। ଆଗାମୀ ୨ ମାସ ମଧ୍ୟରେ ଶେଷ ହେବ ଶ୍ରୀଲିଙ୍ଗରାଜ ମନ୍ଦିର ସ୍ୱତନ୍ତ୍ର ଆଇନ ପ୍ରସ୍ତୁତ ପ୍ରକ୍ରିୟା। ଯାହା ଦ୍ୱାରା ମନ୍ଦିରରେ ଶୃଙ୍ଖଳିତ ହେବ ଠାକୁରଙ୍କ ନୀତିକାନ୍ତି। ଏହା ସହିତ ଶ୍ରୀଜିଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତିର ସୁରକ୍ଷା ବି ହୋଇପାରିବ। ଏ ନେଇ କେନ୍ଦ୍ର ସଂସ୍କୃତି ବିଭାଗ ଦ୍ୱାରା ମଗାଯାଇଥିବା ସ୍ପଷ୍ଟୀକରଣ ଏବେ ଦିଆଯାଇଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେ କହିଛନ୍ତି, ଆମେ ଅତୀତରେ ଏ ବାବଦରେ ସମୀକ୍ଷା ବି କରିଥିଲୁ।

# ଫେବୃଆରୀ ୧୮ରୁ ଯୁକ୍ତ ୨ ଥିଓରି

ଭୁବନେଶ୍ୱର,୨୦।୧୧(ମହାଭାରତ): : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ବାର୍ଷିକ ପରୀକ୍ଷା-୨୦୨୫ ଆସନ୍ତା ଫେବ୍ରୁଆରିରୁ ଆରମ୍ଭ ହେବ ବୋଲି କୁହାଯାଇଛି। ସିଏଚ୍ଏସ୍‌ଇ ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ଫେବ୍ରୁଆରି ୧୮ ତାରିଖ ଠାରୁ ୨୭ ତାରିଖ ଯାଏଁ ଯୁକ୍ତ ୨ ପରୀକ୍ଷା ଅନୁଷ୍ଠିତ ହେବ। ଫେବ୍ରୁଆରି ୧୮ ତାରିଖ ଦିନ ବିଜ୍ଞାନ ଓ ଧନ୍ଦାମୂଳକ ବିଷୟରେ ପରୀକ୍ଷା ଆରମ୍ଭ ହେବ। ସେହିପରି ଫେବ୍ରୁଆରି ୧୯ ତାରିଖ ଠାରୁ କଳା ଓ ବାଣିଜ୍ୟର ଥିଓରି ପରୀକ୍ଷା ହେବ। ପ୍ରାକ୍ଟିକାଲ ପରୀକ୍ଷା ଜାନୁଆରି ୨ରୁ ୧୨ ତାରିଖ ଯାଏଁ ଜାରି ରହିବ। ଯୁକ୍ତ ୨ ବାର୍ଷିକ ପରୀକ୍ଷା ପାଇଁ ହାତରେ କମ ସମୟ ରହିଛି। ଏଥି ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ପାଠପାଢ଼ୁ ତୀବ୍ର କରିଦିଆଯାଇଛି। ଠିକ୍ ସମୟରେ କୋର୍ସ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅଭିଭାବକମାନେମାନେ ନିଜନିଜର ପିଲାମାନଙ୍କ ସଫଳତା ପାଇଁ ମଧ୍ୟ ଲାଗିପଡ଼ିଛନ୍ତି। ସେହିପରି ଶିକ୍ଷାବର୍ଷ ୨୦୨୪-୨୫ରେ ଯୁକ୍ତ ୨ ପରୀକ୍ଷା ପାଇଁ ରେଗୁଲାର ତଥା ଏକ୍ସରେଗୁଲାର ଛାତ୍ରୀଛାତ୍ରଙ୍କ ନିମନ୍ତେ ପଞ୍ଜୀକରଣ ସମୟସୀମା ବୃଦ୍ଧି କରାଯାଇଛି। ବୁଧବାରଠାରୁ ଆସନ୍ତା ୨୫ତାରିଖ ମଧ୍ୟରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟର ଆଗ୍ରହୀ ଛାତ୍ରୀଛାତ୍ର ଏଥିପାଇଁ ଆବେଦନ କରିପାରିବେ। ୬୦୦ ଟଙ୍କା ଜରିମାନା (ଫାଇନ୍) ସହ ଏହି ଆବେଦନ କରାଯିବାକୁ ଥିବାବେଳେ ୨୮ତାରିଖରେ ଡକ୍ୟୁମେଣ୍ଟ ଦାଖଲ କରିବାକୁ ପଡ଼ିବ ଯେଉଁ ଛାତ୍ରଛାତ୍ରୀମାନେ ଫର୍ମ ଫିଲଅପ୍ କରିଥିବେ, ସେମାନେ ବାର୍ଷିକ ପରୀକ୍ଷା-୨୦୨୫ରେ ସାମିଲ ହୋଇପାରିବେ।



ଯୁକ୍ତ ୨ ବାର୍ଷିକ ପରୀକ୍ଷା-୨୦୨୫ ପାଇଁ ଗତ ସେପ୍ଟେମ୍ବର ୧୮ ତାରିଖ ଠାରୁ ଆରମ୍ଭ ହୋଇଥିଲା। ବିନା ଜରିମାନାରେ ଏହି ପ୍ରକ୍ରିୟା ଅକ୍ଟୋବର ୧ ତାରିଖ ଯାଏଁ ଚାଲିଥିଲା।

# ଆସିଲା ମହାରାଷ୍ଟ୍ର ଓ ଝାଡଖଣ୍ଡ ଏକଜିଟ୍ ପୋଲ୍

**ନୂଆଦିଲ୍ଲୀ,୨୦।୧୧(ମହାଭାରତ):** ମହାରାଷ୍ଟ୍ର ଓ ଝାଡ଼ଖଣ୍ଡର ସମସ୍ତ ବିଧାନସଭା ଆସନ ପାଇଁ ଭୋଟ ଶେଷ ହୋଇଛି ଭୋଟ ଶେଷ ହେବା ମାତ୍ରେ ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ଏକ୍‌ଜିଟ୍ ପୋଲ୍ ଫଳାଫଳ ମଧ୍ୟ ସାମ୍ନାକୁ ଆସିଛି। ମହାରାଷ୍ଟ୍ରରେ ଏନଡିଏ ଆଗୁଆ ରହିଥିବାବେଳେ ଇଣ୍ଡିଆ ମେଣ୍ଟକୁ ବଡ଼ ଝଟ୍‌କା ଲାଗିବ ଓ ଝାଡ଼ଖଣ୍ଡରେ କଡ଼ା ଟକ୍କର ଦେଖିବାକୁ ମିଳିବ।

ବିଭିନ୍ନ ଏକ୍‌ଜିଟ୍ ପୋଲ୍‌ର ଆକଳନ ଅନୁସାରେ ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ଏନଡିଏର ସହଯୋଗୀ ମହାଯୁତି ପୁଣି ସରକାର ଗଠନ କରିବ। ସେହିପରି ଝାଡ଼ଖଣ୍ଡରେ ବିଜେପି ମେଣ୍ଟ ସଫଳତା ହାସଲ କରିବ।

ମହାରାଷ୍ଟ୍ରର ୨୮୮ ବିଧାନସଭା ଆସନ ମଧ୍ୟରୁ ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ହେଉଛି ୧୪୫। ମାଟ୍ରିଜ କରିଥିବା ଏକ୍‌ଜିଟ୍ ପୋଲ୍‌ରେ କୁହାଯାଇଛି ଯେ ବିଜେପି ମେଣ୍ଟ ମହାରାଷ୍ଟ୍ରରେ ୧୫୦-୧୭୦ଟି ଆସନ ଜିତିବ। ସେହିପରି କଂଗ୍ରେସ, ଉଦ୍ଧବ ଠାକରେଙ୍କ ଶିବସେନା ଓ ଶରଦ ପାୱାରଙ୍କ ଏନସିପି ମିଳିତ ଭାବେ ଗଠନ କରିଥିବା ମହା ବିକାଶ ଅଘାଡ଼ି ୧୧୦ରୁ ୧୩୦ ଓ ଅନ୍ୟାନ୍ୟ ଦଳ ୮ରୁ ୧୦ଟି ଆସନ ଜିତିବେ।

ମାଟ୍ରିଜ ଅନୁସାରେ ମହାରାଷ୍ଟ୍ରରେ ବିଜେପି ଏକାକୀ ୮୯ରୁ ୧୦୧, କଂଗ୍ରେସ ୩୯ରୁ ୪୭, ଶିବସେନା ୩୭ରୁ ୪୫, ଏନସିପି(ଶରଦ ପାୱାର) ୩୫ରୁ ୪୩,




ଶିବସେନା (ଉଦ୍ଧବ ଠାକରେ) ୨୧ରୁ ୨୯ ଓ ଏନସିପି(ଅଜିତ ପାଓ୍ୱାର) ୧୭ରୁ ୨୬ଟି ଆସନ ଜିତିବ।

ପି-ଏମଆରକ୍ୟୁ ଏକ୍‌ଜିଟ୍ ପୋଲ୍‌ରେ କୁହାଯାଇଛି ଯେ ବିଜେପି ମେଣ୍ଟ ୧୩୭ରୁ ୧୫୭, ଏମଭିଏ ୧୨୬ରୁ ୧୪୬ ଓ ଅନ୍ୟାନ୍ୟ ଦଳ ୨ରୁ ୮ ଆସନ ଜିତିବେ।ପିପୁଲ୍ସ ପ୍ଲସ ଏକ୍‌ଜିଟ୍ ପୋଲ୍ ଅନୁସାରେ ମହାରାଷ୍ଟ୍ରରେ ବିଜେପି ମେଣ୍ଟ ୧୭୫ରୁ ୧୯୫, ଏମଭିଏ ୮୫ରୁ ୧୧୨ ଓ ଅନ୍ୟାନ୍ୟ ଦଳ ୭ରୁ ୧୨ଟି ଆସନ ପାଇବେ। ଚାଣକ୍ୟ ଷ୍ଟ୍ରାଟେଜିକ୍ ଏକ୍‌ଜିଟ୍ ପୋଲ୍‌ରେ କୁହାଯାଇଛି ମହାରାଷ୍ଟ୍ରରେ ମହାଯୁତି ସରକାରକୁ ଫେରିବ। ଭାଜପା ସହଯୋଗୀ ଦଳ ୧୫୨ ରୁ ୧୬୦ ଆସନ ପାଇବେ। କଂଗ୍ରେସ ମିଳିତ ଇଣ୍ଡିଆ। ମେଣ୍ଟ ୧୩୦ ରୁ ୧୩୮ ଆସନ ପାଇବ।

ସେହିପରି ବର୍ତ୍ତମାନ ଝାରଖଣ୍ଡରେ ଜେଏମଏମ ଓ କଂଗ୍ରେସ କ୍ଷମତାରେ ରହିଛନ୍ତି। ଅଧିକାଂଶ ଏକଜିଟ ପୋଲର କହିବା କଥା ଯେ ଜେଏମଏମ, କଂଗ୍ରେସ ଓ ଅନ୍ୟ ଦଳକୁ ନେଇ ଗଠନ ହୋଇଥିବା ଇଣ୍ଡିଆ। ମେଣ୍ଟ ଝାରଖଣ୍ଡରେ ଗାଦିଚ୍ୟୁତ ହେବେ। ଏହାର ଅର୍ଥ ବିଜେପି ନେତୃତ୍ୱାଧୀନ ଏନଡିଏ କ୍ଷମତାକୁ ଫେରିବ। ତଥାପି କଡ଼ା ଟକ୍କର ହେବା ସମ୍ଭାବନା ରହିଛି। କିନ୍ତୁ ଆକ୍ସିସ ମାଇଁ ଇଣ୍ଡିଆ ଭିନ୍ନ କଥା କହିଛି। ଏହି ସଂସ୍ଥା କହିଛି ଯେ ଝାଡ଼ଖଣ୍ଡରେ ଇଣ୍ଡିଆ ମେଣ୍ଟର ବଡ଼ ବିଜୟ ହେବ। ରାଜ୍ୟରେ ଇଣ୍ଡିଆ ମେଣ୍ଟ ୫୩ଟି ଆସନ ଜିତିବାକୁ ଯାଉଥିବା ବେଳେ ବିଜେପି ମେଣ୍ଟ ୨୫ ଓ ଅନ୍ୟାନ୍ୟ ଦଳ ଖାତାକୁ ୩ଟି ଆସନ ଯିବ।

ମାଟ୍ରିଜ କହିଛି ଯେ ବିଜେପି ମେଣ୍ଟ ୪୨ରୁ ୪୭, ଇଣ୍ଡିଆ ୨୫ରୁ ୩୦ ଓ ଅନ୍ୟାନ୍ୟ ଦଳ ୧ରୁ ୪ଟି ଆସନ ପାଇବେ।

ପିପୁଲ୍ସ ପ୍ଲସର ଆକଳନ କହୁଛି, ବିଜେପି ମେଣ୍ଟ ୪୪ରୁ ୫୩, ଇଣ୍ଡିଆ। ୨୫ରୁ ୩୭ ଓ ଅନ୍ୟାନ୍ୟ ଦଳ ୫ରୁ ୯ ଆସନ ଜିତିବେ।

ଟାଇମ୍ସ ନାଓ-ଜେଭିସି ପକ୍ଷରୁ ହୋଇଥିବା ସର୍ଭେରେ ବିଜେପି ମେଣ୍ଟ ୪୦ରୁ ୪୪, ଇଣ୍ଡିଆ ୩୦ରୁ ୪୦ ଓ ଅନ୍ୟାନ୍ୟ ଦଳ ୧ରୁ ୨ଟି ଆସନ ଜିତି ପାରନ୍ତି ବୋଲି କୁହାଯାଇଛି।

ଦୈନିକ ଭାସ୍କର କହିଛି ଯେ ବିଜେପି ମେଣ୍ଟ ୩୭ରୁ ୪୦ଟି, ଇଣ୍ଡିଆ ୩୬ରୁ ୩୯ ଓ ଅନ୍ୟାନ୍ୟ ଦଳ ଶୂନରୁ ୨ଟି ଆସନ ପାଇବେ।

ପିଏମଆରକ୍ୟୁ ଏକଜିଟ ପୋଲରେ ଆକଳନ କରିଛି ଯେ ବିଜେପି ମେଣ୍ଟ ୩୧ରୁ ୪୦, ଇଣ୍ଡିଆ ୩୭ରୁ ୪୭ ଓ ଅନ୍ୟାନ୍ୟ ଦଳ ୧ରୁ ୬ଟି ଆସନ ପାଇବେ।

ଚାଣକ୍ୟ କହିଛି ଯେ ବିଜେପି ମେଣ୍ଟ ୪୫ରୁ ୫୦, ଇଣ୍ଡିଆ ୩୫ରୁ ୩୮ ଓ ଅନ୍ୟାନ୍ୟ ଦଳ ୩ରୁ ୫ଟି ଆସନ ଜିତିବେ।

ଇଲେକ୍ଟୋରାଲ ଏଡଜ କହିଛି ବିଜେପି ମେଣ୍ଟ ୩୨, ଇଣ୍ଡିଆ ୪୨ ଓ ଅନ୍ୟାନ୍ୟ ଦଳ ୭ଟି ଆସନ ପାଇବେ। ଏହି ସବୁ ସଂସ୍ଥାର ପୋଲ ଅଫ ଏକଜିଟ ପୋଲକୁ ହିସାବକୁ ନେଲେ ବିଜେପି ମେଣ୍ଟ ୩୯, ଇଣ୍ଡିଆ। ୩୮ ଓ ଅନ୍ୟାନ୍ୟ ଦଳ ୪ଟି ଆସନ ପାଇବେ। ଏହାର ଅର୍ଥ ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର କାହାକୁ ମିଳିବ ନାହିଁ।

## ଗାଜର ଖିରି

ଗାଜରେ ପୋଟାସିୟମ୍, ଭିଟାମିନ୍ ଏ, ଭିଟାମିନ ଇ ଭଳି ପୋଷକ ତତ୍ତ୍ୱ ଭରି ରହିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବିଭିନ୍ନ ସମସ୍ୟାରୁ ମୁକ୍ତି ଦେଇଥାଏ । ଆସନ୍ତୁ ଜାଣିବା ଗାଜରରେ ପ୍ରସ୍ତୁତ ଖିରି , ଯାହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ।

ଆବଶ୍ୟକୀୟ ସାମଗ୍ରୀ: ଗାଜର ଅଧ କିଲୋ, ଗୋଟେ ଚାମଚ ଘିଅ,ଗୋଟେ ଚାମଚ ଚିନି, କିସମିସ୍ ୧୦ ଗ୍ରାମ, କାଜୁ-୧୦ ଗ୍ରାମ୍, ଗୁଜୁରାତି ୩ଟି,କ୍ଷୀର-୩କପ୍ ।

ପ୍ରଣାଳୀ: ଗାଜରକୁ ଧୋଇ କୋରି ଦିଅନ୍ତୁ। ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲା ପରେ ଏଥିରେ ଗୋଟେ ଚାମଚ ଘିଅ ପକାନ୍ତୁ । ଘିଅ ଗରମ ହୋିଗଲା ପରେ ଏବେ ଗାଜର ପକାନ୍ତୁ । ଗାଜର ଭଲ ଭାବରେ ଭାଜି ହୋଇଗଲା ପରେ ଗ୍ୟସ୍ର ଜାଳ କମ୍ କରି ସେଥିରେ ଚିନି ପକାନ୍ତୁ । ମଝିରେ ମଝିରେ ଗାଜରକୁ ଲେଉଟାନ୍ତୁ ଫଳରେ ଗାଜର ପ୍ୟାନରେ ଲାଗିବନି ।

ଏବେ ଏଥିରେ କ୍ଷୀର ପକାଇ ଅଳ୍ପ ଜାଳରେ ଫୁଟିବାକୁ ଦିଅନ୍ତୁ । ୨୦ ମିନିଟ୍ ଯାଏଁ ଫୁଟିବାକୁ ଦିଅନ୍ତୁ । ମଝିରେ ମଝିରେ ଏହାକୁ ଘାଣ୍ଟୁଥିବେ । ଯେମିତି ପ୍ୟାନରେ ଲାଗିବନି । ଏବେ ଏଥିରେ ଗୁଜୁରାତି ଗୁଣ୍ଡ, କିସମିସ୍, କାଜୁ ପକାଇ । ଏବେ ପ୍ରସ୍ତୁତ ହୋଇଗଲା ଗାଜ ଖିରି । ଏହାକୁ ଆପଣ ଗରମ ଗରମ ଖାଇପାରିବେ ।



## ଖବର

# 'ଲାହୋର ୧୯୪୭'ର ଶୁଟିଂ ଶେଷ





ସ୍ତ୍ରୀଙ୍କଠାରୁ ଅଲଗା ହେଲେ ଓସ୍କାର ବିଜୟୀ ସଙ୍ଗୀତକାର ତଥା ଗାୟକ ଏ.ଆର. ରେହମାନ(୫୭)। ବିବାହର ୨୯ ବର୍ଷ ପରେ ଏ.ଆର. ରେହମାନ ଓ ତାଙ୍କ ପତ୍ନୀ ସାୟରା ବାନୁ ଅଲଗା ହେଉଛନ୍ତି। ସାୟରାଙ୍କ ଓକିଲ ବନ୍ଦନା ଶାହ ଆନୁଷ୍ଠାନିକ ଭାବେ ବୟାନ ଜାରି କରି ଦମ୍ପତିଙ୍କ ଛାଡପତ୍ର ଘୋଷଣା କରିଛନ୍ତି ଏବଂ ଗୋପନୀୟତା ପାଇଁ ଅନୁରୋଧ କରିଛନ୍ତି। ଏହାର କିଛି ସମୟ ପରେ ଏ.ଆର. ରେହମାନ ମଧ୍ୟ ସାମାଜିକ ଗଣମାଧ୍ୟମରେ ଏକ ଭାବପ୍ରବଣ ନୋଟ୍ ଶେୟାର କରି ଏହାକୁ ନିଶ୍ଚିତ କରିଛନ୍ତି।

ସାୟରା ବାନୁଙ୍କ ଓକିଲ ଲେଖିଛନ୍ତି ଯେ, ''ବିବାହର ବହୁ ବର୍ଷ ପରେ ସାୟରା ଏବଂ ତାଙ୍କ ସ୍ୱାମୀ ଏ.ଆର. ରେହମାନ ପରସ୍ପରଠାରୁ ଅଲଗା ହେବାର କଠିନ ନିଷ୍ପତ୍ତି ନେଇଛନ୍ତି। ଉଭୟଙ୍କ ସମ୍ପର୍କରେ ଭାବଗତ ତିକ୍ତତା ପରେ ଏହି ନିଷ୍ପତ୍ତି ଆସିଛି। ପରସ୍ପର ପ୍ରତି ସେମାନଙ୍କର ଗଭୀର ପ୍ରେମ ସତ୍ୱେ, ଦମ୍ପତି ଜାଣିବାକୁ ପାଇଲେ ଯେ, ଝଗଡା ଏବଂ ସମସ୍ୟା ସେମାନଙ୍କ ମଧ୍ୟରେ ଏଭଳି ଏକ ଖାଲ ସୃଷ୍ଟି କରିଛି, ଯାହାକୁ ଭରିବାକୁ ଏହି ସମୟରେ କେହି ବି ସକ୍ଷମ ନୁହେଁୟ''ଏ.ଆର.ରେହମାନ ଲେଖିଛନ୍ତି, ''ଆଶା ଥିଲା ଆମେ ତିରିଶ ବର୍ଷ ପୁରା କରିବୁ, କିନ୍ତୁ ଲାଗୁଛି ସବୁ ଜିନିଷର ଏକ ଅଦୃଶ୍ୟ ଅନ୍ତ ଥାଏ। ଭଙ୍ଗା ହୃଦୟର ଭାରରେ ଭଗବାନଙ୍କ ସିଂହାସନ ମଧ୍ୟ ଥରିପାରେ। ତଥାପି, ଏହି ସମୟରେ ଆମେ ଅର୍ଥ ଖୋଜିଥାଉ, ଯଦିଓ ଖଣ୍ଡଗୁଡ଼ିକୁ ପୁନର୍ବାର ସେମାନଙ୍କର ସ୍ଥାନ ମିଳିବ ନାହିଁ। ଆମର ବନ୍ଧୁଗଣ, ଏହି କଷ୍ଟକର ସମୟ ଦେଇ ଗତି କରୁଥିବାବେଳେ ଆମର ଗୋପନୀୟତାକୁ ସମ୍ମାନ ଦେଇଥିବାରୁ ଆପଣମାନଙ୍କୁ ଧନ୍ୟବାଦ। ସୂଚନାଯୋଗ୍ୟ, ଏ.ଆର. ରେହମାନ ଓ ସାୟରା ବାନୁ ୧୯୯୫ ମସିହାରେ ବିବାହ କରିଥିଲେ ଏବଂ ତାଙ୍କର ୩ଟି ସନ୍ତାନ ଅଛନ୍ତି।

## ସାରନାଥର 'ଧର୍ମଚକ୍ର'



ସାରନାଥଠାରେ ଅଶୋକ ଚକ୍ର 'ସିଂହ ସ୍ତମ୍ଭ' ଭାରତୀୟ ସଂଘରାଜ୍ୟର ପ୍ରତୀକ ଅଟେ। ଏଥିରେ ବେଦବାକ୍ୟ 'ସତ୍ୟମେବ ଜୟତେ' ଲିଖିତ ହୋଇଛି। ଏଠାରେ ଚାରୋଟି ଚକ୍ର ରହିଛି। ଚାରି ଚକ୍ରରେ ଚାରୋଟି ସିଂହ ଧାବମାନ ସଦୃଶ ଦୃଶ୍ୟମାନ ହେଉଛନ୍ତି। ବୌଦ୍ଧ ଧର୍ମାବଲମ୍ବୀମାନେ ଏହି ଚକ୍ରକୁ 'ଜ୍ଞାନ ଚକ୍ର' ଭାବେ କହୁଥିବା ବେଳେ ସମ୍ରାଟ୍ ଅଶୋକ ଏହାକୁ 'ଧର୍ମଚକ୍ର' କହିଥାନ୍ତି।

କାଶୀଠାରୁ ସାତ ମାଇଲ ଦୂର ପୂର୍ବରେ ବୌଦ୍ଧଧର୍ମର ପ୍ରାଚୀନ ତୀର୍ଥ ସାରନାଥ ଅବସ୍ଥିତ। ଜ୍ଞାନ ପ୍ରାପ୍ତି ପରେ ଭଗବାନ ବୁଦ୍ଧ ତାଙ୍କ ଭକ୍ତମାନଙ୍କୁ ଏହିଠାରେ ପ୍ରାରମ୍ଭିକ ଉପଦେଶ ପ୍ରଦାନ କରିଥିଲେ। ଏଠାରେ ସାରଙ୍ଗନାଥ ମହାଦେବଙ୍କ ମନ୍ଦିର ବିଦ୍ୟମାନ। ସାରନାଥଠାରେ ଅଶୋକଙ୍କ ଚତୁର୍ମୁଖ ସିଂହସ୍ତମ୍ଭ, ଭଗବାନ ବୁଦ୍ଧଙ୍କ ମନ୍ଦିର, ଧର୍ମେଖ ସ୍ତୁପ, ଚୌଖଣ୍ଡୀ ସ୍ତୁପ, ରାଜକୀୟ ସଂଗ୍ରହାଳୟ, ଜୈନ ମନ୍ଦିର, ଚୀନୀ ମନ୍ଦିର ପ୍ରଭୃତି ଅବସ୍ଥିତ। ଏହି ସ୍ଥାନର ପ୍ରାଚୀନ ନାମ ଥିଲା ଋଷିପତନ କିମ୍ବା ମୃଗଦାବ (ହରିଣଙ୍କ ଜଙ୍ଗଲ)। ଏହିଠାରେ ଋଷିମାନଙ୍କ ପତନ ପରେ ମୃଗମାନେ ବିଚରଣ କରୁଥିବା ଆଧାରରେ ଏହି ସ୍ଥାନର ନାମ ମୃଗଦାବ ରଖା ଯାଇଥିଲା। ପରବର୍ତ୍ତୀ ସମୟରେ ଏହି ସ୍ଥାନର ନାମ ସାରନାଥର ଉତ୍ପତ୍ତି 'ସାରଙ୍ଗନାଥ (ମୃଗଙ୍କ ନାଥ)ରୁ ହୋଇଥିଲା। କୁହାଯାଏ ଯେ ବୋଧିସତ୍ତ୍ୱଙ୍କର କୌଣସି ପୂର୍ବଜ, ଯେତେବେଳେ ମୃଗଦାବଠାରେ ମୃଗମାନଙ୍କର ରାଜାଥିଲେ, ସେ ନିଜର ପ୍ରାଣବଳିଦେଇ ଏକ ଗର୍ଭବତୀ ହରିଣର ଜୀବନ ବଞ୍ଚାଇଥିଲେ। ଏହି କାରଣରୁ ଉକ୍ତ ସ୍ଥାନକୁ ସାର କିମ୍ବା ସାରଙ୍ଗ (ମୃଗ) ନାଥ କୁହାଯାଏ। ରାୟ ବାହାଦୁର ଦୟାରାମ ସାହାଣୀଙ୍କ ଅନୁସାରେ ଭଗବାନ ଶିବଙ୍କୁ ମଧ୍ୟ ସାରଙ୍ଗନାଥ କୁହାଯାଏ ଏବଂ ମହାଦେବ ଶିବଙ୍କ ନଗରୀ କାଶୀ ନିକଟବର୍ତ୍ତୀ ହୋଇଥିବା କାରଣରୁ ଏହି ସ୍ଥାନ ଶିବ ଉପାସନାର ପ୍ରମୁଖ ସ୍ଥଳ ଥିଲା।

## ହିନ୍ଦୁ ଧର୍ମରେ ଗର୍ଭାଧାନ ସଂସ୍କାର

ହିନ୍ଦୁ ଧର୍ମରେ ବିଭିନ୍ନ ସଂସ୍କାର ରହିଛି। ସେଥିମଧ୍ୟରୁ ପ୍ରଥମ ହେଉଛି ଗର୍ଭାଧାନ ସଂସ୍କାର। ଏହିଠାରୁ ଶିଶୁର ନିର୍ମାଣ ହୋଇଥାଏ। ଗୃହସ୍ଥାଶ୍ରମରେ ପ୍ରବେଶ କରିବା ପରେ ଦମ୍ପତିଙ୍କୁ ପୁତ୍ର ଉତ୍ପନ୍ନ କରିବାର ମାନ୍ୟତା ଦିଆଯାଇଛି। ତେଣୁ ଶାସ୍ତ୍ରରେ କୁହାଯାଇଛି ଯେ, ଉତ୍ତମ ସନ୍ତାନପ୍ରାପ୍ତି ନିମନ୍ତେ ସର୍ବପ୍ରଥମେ ଗର୍ଭାଧାନ ସଂସ୍କାର କରିବା ଉଚିତ୍। ପିତୃ ଋଣରୁ ମୁକ୍ତି ପାଇବା ପରେ ସନ୍ତାନ ଉତ୍ପନ୍ନ ସଂସ୍କାର ବ୍ୟବସ୍ଥା ରହିଛି। ଏହି ସଂସ୍କାରରେ ଗର୍ଭ ସମ୍ବନ୍ଧିତ ମଳିନତା ପ୍ରଭୃତି ଦୋଷ ଦୂର ହୋଇଥାଏ। ଯାହାଫଳରେ ଉତ୍ତମ ସନ୍ତାନ ପ୍ରାପ୍ତି ହୋଇଥାଏ। ମାତା-ପିତାଙ୍କ ସଂଯୋଗରେ ସନ୍ତାନର ଉତ୍ପତ୍ତି ହୋଇଥାଏ ଏବଂ ଏହି ସଂଯୋଗକୁ ଗର୍ଭାଧାନ ସଂସ୍କାର ବୋଲି ହିନ୍ଦୁ ଧର୍ମର ସଂସ୍କାର ପର୍ବରେ ପ୍ରାରମ୍ଭରେ କୁହାଯାଇଛି। ଗର୍ଭସ୍ଥାପନ ପରେ ଅନେକ ପ୍ରକାର ପ୍ରାକୃତିକ ପ୍ରବୃତ୍ତି ଆକ୍ରମଣ କରିଥାଏ, ଯେଉଁଥିରୁ ରକ୍ଷା ପାଇବା ପାଇଁ ଏହି ସଂସ୍କାର ବ୍ୟବସ୍ଥା ରହିଛି। ମାତା-ପିତାଙ୍କ ବିଚାରଧାରା ସହିତ ଗର୍ଭସ୍ଥ ଶିଶୁ ଉପରେ ପ୍ରଭାବ ପକାଇଥାଏ। ମାତା-ପିତାଙ୍କ ମାଦକ ଦ୍ରବ୍ୟ ସେବନ,



ଦୂଷିତ ମାନସିକତା ପ୍ରଭୃତିର ପ୍ରଭାବ ଶିଶୁ ଉପରେ ପଡ଼ିଥାଏ। ଦାମ୍ପତ୍ୟ ଜୀବନର ଶ୍ରେଷ୍ଠ ଉଦ୍ଦେଶ୍ୟ ସର୍ବ ଗୁଣାବଳୀ, ସ୍ୱାସ୍ଥ୍ୟବାନ, ଚରିତ୍ରବାନ ଏବଂ ଯଶସ୍ୱୀ ସନ୍ତାନ ପ୍ରାପ୍ତ କରିବା। ଏଥିପାଇଁ ଗର୍ଭାଧାନ ସଂସ୍କାର ଉପରେ ଧ୍ୟାନ ରଖିବା ଜରୁରୀ ଅଟେ। ଗୁଣବାନ ସନ୍ତାନ ଉତ୍ପନ୍ନ ପାଇଁ ମାତା-ପିତାଙ୍କୁ ବିଚାରପୂର୍ବକ କର୍ମ କରିବା ଆବଶ୍ୟକ। ଶ୍ରେଷ୍ଠ ସନ୍ତାନ ପ୍ରାପ୍ତିପାଇଁ ବିଭିନ୍ନ ବିଧି ବିଧାନ ରହିଛି। ଏଥିପାଇଁ ମାତା-ପିତାଙ୍କୁ ଶାରୀରିକ ଏବଂ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡ଼ିବ। କାରଣ ତାଙ୍କର ଆସୁଥିବା ସନ୍ତାନଟି ତାଙ୍କ ଆତ୍ମାର ପ୍ରତିରୂପ ଅଟେ। ସେଥିପାଇଁ ପୁତ୍ରକୁ ଆତ୍ମା ଏବଂ ପୁତ୍ରୀକୁ ଆତ୍ମଜା କୁହାଯାଏ। ଗର୍ଭାଧାନ ବିଷୟରେ ହିନ୍ଦୁ ଧର୍ମଶାସ୍ତ୍ରର ସ୍ମୃତିସଂଗ୍ରହରେ ଉଲ୍ଲେଖ ରହିଛି।

# ପରମାତ୍ମା ହିଁ ଶାଶ୍ୱତ ସତ୍ୟ



ଏ ସଂସାରର ଶାଶ୍ୱତ ଏକମାତ୍ର ଶାଶ୍ୱତ ସତ୍ୟ ହେଉଛନ୍ତି ପରମାତ୍ମା । ତାଙ୍କର ଦର୍ଶନ, ସ୍ପର୍ଶ ଏବଂ ତାଙ୍କ ଠାରେ ସ୍ଥିତି ପ୍ରାପ୍ତ ହେବାରୁ ଜୀବ କେତେବେଳେ ସୁଦ୍ଧା ବିଶ୍ରାମ ପାଇନଥାଏ, ଦୁଃଖରୁ ମୁକ୍ତି ଅସମ୍ଭବ ହୋଇଥାଏ । ଶ୍ରୀମଦ୍ ଭଗ୍ବତ୍ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, "ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବାଂବିଧୋର୍ଜୁନ । ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ୍ ପ୍ରବେଷ୍ଟୁଂ ଚ ପରଂତପ ।।"

ହେ ପରଂତପ ଅର୍ଜୁନ, ଅନନ୍ୟ ଭକ୍ତି ମାଧ୍ୟମରେ, ଅନନ୍ୟ ଅର୍ଥାତ୍ ଅନ୍ୟ କୌଣସି ଦେବା-ଦେବୀଙ୍କ ବିଷୟରେ ଚିନ୍ତା ନକରି ସମ୍ପୂର୍ଣ୍ଣ ଶ୍ରଦ୍ଧାଯୁକ୍ତ ହୋଇ ଯିଏ ମୋତେ (ପରମାତ୍ମା)ଙ୍କୁ ଭଜନ କରିଥାଏ, ତା'କୁ ପ୍ରତ୍ୟକ୍ଷ ଦର୍ଶନ ଦେବା ଲାଗି, ସ୍ପର୍ଶ କରିବା ଲାଗି ଏବଂ ସ୍ଥିତି ପ୍ରଦାନ କରିବା ଲାଗି ସବୁବେଳେ ସୁଲଭ ହୋଇଥାଏ । ତେଣୁ ପରମାତ୍ମାଙ୍କୁ ଭଜୁଥିବା ଜୀବାତ୍ମା ଶାଶ୍ୱତ ସ୍ଥିତି ପ୍ରାପ୍ତ କରିଥାଏ, ଶାଶ୍ୱତ ସ୍ୱରୂପ ପ୍ରାପ୍ତ କରିଥାଏ ଏବଂ ଶାଶ୍ୱତ ପରମଧାମ ପ୍ରାପ୍ତ କରିଥାଏ । ଗୀତା ଆପଣଙ୍କୁ ପରମାତ୍ମ-ସ୍ୱରୂପରେ ସ୍ଥିତି ପ୍ରଦାନ କରିଥାଏ । ସ୍ୱର୍ଗର ପ୍ରଲୋଭନ ଏବଂ ନର୍କର ଭୟ ଦେଖାଇ ଛାଡ଼ିଦେଇନଥାଏ । ଗୀତା ଆପଣଙ୍କୁ ଏପରି ଏକ ଜନ୍ମ ଦେଇଥାଏ, ଯାହା ପଛରେ ମୃତ୍ୟୁ ନଥାଏ। ଏପରି ଶାନ୍ତି ପ୍ରଦାନ କରିଥାଏ, ଯାହା ପଛରେ ଅଶାନ୍ତି ନଥାଏ ।

ସ୍ୱର୍ଗ ଏବଂ ନର୍କ ଏ ସଂସାରର ଦୁଇଟି ଦିଗ । ପ୍ରାରମ୍ଭିକ ସାଧକମାନଙ୍କୁ ସଚେତନ କରିବା ନିମନ୍ତେ ତଥା ପ୍ରୋତ୍ସାହିତ କରିବା ନିମନ୍ତେ ହିଁ ପୁରସ୍କାର ଏବଂ ଦଣ୍ଡସ୍ୱରୂପ ସ୍ୱର୍ଗ କିମ୍ବା ନର୍କର ପରିକଳ୍ପନା କରାଯାଇଛି । କିନ୍ତୁ ସାଧନା ପ୍ରଶସ୍ତ ହେବା ପରେ ଏହାର ଆବଶ୍ୟକତା ରହିନଥାଏ । ଭଗବାନ ସ୍ୱୟଂ ସେହି ସାଧକର ଆଙ୍ଗୁଳି ଧରି ଚଳାଇଥାନ୍ତି । ଯେପରିକି ରାମଚରିତ ମାନସରେ କୁହାଯାଇଛି- "ଉମା ରାମ ସୁଭାଉ ଜିହ୍ନ ଜାନା । ତାହି ଭଜନ ତଜି ଭାବ ନ ଆନା ।।"ଯେତେବେଳେ ଭଗବାନଙ୍କ ପ୍ରଭାବ, ତାଙ୍କର ମହିମା, ତାଙ୍କର ସ୍ୱଭାବ ଦେଖିବାକୁ ମିଳିଥାଏ ସେତେବେଳେ ଭଜନ ବ୍ୟତୀତ ଅନ୍ୟ କୌଣସିକାର୍ଯ୍ୟ ଗୁଡ଼ିକର ଲାଗିନଥାଏ ।

## ଛଚିନ୍ଦ୍ରା ଖାଉଛନ୍ତି କି ? ଏହି ସବୁ ରୋଗରୁ ମିଳିବ ମୁକ୍ତି

ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ଏତେ ଲାଭଦାୟକ ଯେ ଏହାକୁ ଖାଇବା ଦ୍ୱାରା ଆପଣ ଅନେକ ଗମ୍ଭୀର ରୋଗରୁ ମୁକ୍ତି ପାଇପାରିବେ। ତେବେ ଆସନ୍ତୁ ଆଜି ଛଚିନ୍ଦ୍ରାର ପୁଷ୍ଟିକର ଗୁଣ



ଏବଂ ଏହାର ଉପକାରିତା ବିଷୟରେ ଜାଣିନେବା। ଶରୀରକୁ ଫିଟ୍ ଏବଂ ସୁସ୍ଥ ରଖିବା ପାଇଁ ପନିପରିବା ଖାଇବା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପନିପରିବା ମଧ୍ୟରେ ଅନ୍ୟତମ ଛଚିନ୍ଦ୍ରା । ଏଥିରେ ରହିଥାଏ ପୋଷକ ତ□, ଯାହା ଆମ ଶରୀରକୁ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ। ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଛଚିନ୍ଦ୍ରାରେ ପ୍ରଚୁର ପରିମାଣର ପ୍ରୋଟିନ୍ ଏବଂ ଫାଇବର ଥାଏ, ଯାହା ଶରୀରକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ଛଚିନ୍ଦ୍ରାରେ ଏତେ ପରିମାଣର କ୍ୟାଲ୍ସିୟମ୍ ଥାଏ ଯେ ଏହା ଆମ ହାଡ ଏବଂ ଦାନ୍ତକୁ ଶକ୍ତିଶାଳୀ କରିପାରେ । ମଧୁମେହ ରୋଗୀଙ୍କ ପାଇଁ ଛଚିନ୍ଦ୍ରା ବେଶ୍ ଲାଭଦାୟକ ।ମଧୁମେହ ରୋଗୀମାନେ ଏହାକୁ ଖାଇବା ଦ୍ୱାରା ସେମାନଙ୍କ ରକ୍ତରେ ଶର୍କରା ବୃଦ୍ଧି ହୁଏନାହିଁ। ଏଥିରେ ମଧୁମେହକୁ ନିୟନ୍ତ୍ରଣ କରିବାରେ ବେଶ୍ ସହାୟକ ହୋଇଥାଏ । ଛଚିନ୍ଦ୍ରା ରୋଗ ପ୍ରତିରୋଧକ ଶକ୍ତି ବଢାଇ ଥାଏୟ ଏଥିରେ ଆୟୋଡିନ୍ ରହିଥାଏ, ଯାହା ପ୍ରତିରକ୍ଷା ପ୍ରଣାଳିକୁ ବୃଦ୍ଧି କରିବା ସହ ଥାଇରଏଡ୍ ପରି ରୋଗକୁ ରୋକିବାରେ ବେଶ୍ ସହାୟକ ହୋଇଥାଏ । ଏହାବ୍ୟତୀତ ଛଚିନ୍ଦ୍ରା ହଜମ ପ୍ରକ୍ରିୟାକୁ ଠିକ କରିପାରିବାରେ ସହାୟକ ହୋଇଥାଏ ।ଛଚିନ୍ଦ୍ରା ଖାଇବା ଦ୍ୱାରା କିଡ୍ନୀ ରୋଗର ଆଶଙ୍କା କମ୍ ହୋଇଥାଏ ।ଏହା ଆମ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ଏହାବ୍ୟତୀତ ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଛଚିନ୍ଦ୍ରା ଅତ୍ୟନ୍ତ ଲାଭଦାୟକ। ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏୟ ଏହି ପନିପରିବା ହୃଦ୍ଘାତରେ ପୀଡିତ ଲୋକଙ୍କ ପାଇଁ ମଧ୍ୟ ଲାଭଦାୟକ। ଛଚିନ୍ଦ୍ରା ଖାଇବା ଦ୍ୱାରା ଲୋକଙ୍କ ନିଦ୍ରା ସମସ୍ୟା ମଧ୍ୟ ଦୂର ହୋଇଥାଏ । ଏଥିରେ ଭିଟାମିନ୍ ଇ୬ ଭରପୂର ରହିଥାଏ । ଏହା ଆପଣଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ମଜବୁତ କରିପାରେ।

# "ରାଜ୍ୟସ୍ତରୀୟ ୭୧ତମ ଜାତୀୟ ସମବାୟ ସପ୍ତାହ"ର ସମାରୋହ

**ଭୁବନେଶ୍ୱର,୨୦।୧୧ (ମହାଭାରତ):** ସମବାୟ କ୍ଷେତ୍ରରେ ଓଡିଶାକୁ ଆଗକୁ ନେବାକୁ ପଡିବ । ଓଡିଶାରେ ଲୋକଙ୍କର ଆର୍ଥିକ ସ୍ଥିତିକୁ ବଦଳାଇବା ପାଇଁ ସମବାୟ କ୍ଷେତ୍ରର ବହୁତ ଆବଶ୍ୟକତା ଅଛି । ସରକାର ସମବାୟ ସଂସ୍ଥାରେ ସ୍ୱଚ୍ଛତା ଆଣିବା ଉପରେ ଗୁରୁତ୍ୱ ଦେଉଛନ୍ତି । ଏହି ବିଭାଗରୁ ଦୁର୍ନୀତି ବନ୍ଦ କରି ଉପଯୁକ୍ତ ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବିଜେପି ସରକାର । ଆଗାମୀ ଦିନରେ ଅର୍ଥନୈତିକ ସମତାଯୁକ୍ତ ସମାଜ ଗଠନରେ ସମବାୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବାରେ ଏହି ସମବାୟ ସଂସ୍ଥା ଗୁରୁତ୍ୱବହନ କରିବ । ସେଥିପାଇଁ ଏହି ବିଭାଗକୁ ଚଳଚଂଚଳ କରାଯିବ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସମବାୟ ବିଭାଗର କାର୍ଯ୍ୟ ଶ୍ରୀ ଅମିତ ଶାହାଙ୍କୁ ହସ୍ତାନ୍ତର କରାଯିବା ପରେ ଏହି ବିଭାଗ ଦିନକୁ ଦିନ ଆଗକୁ ବଢ଼ିବାରେ ଲାଗିଛି । ସମବାୟ ସଂସ୍ଥାର ବିନା ସହଯୋଗରେ ରାଜ୍ୟର ବିକାଶ ଅସମ୍ଭବ । ତେଣୁ ଲୋକଙ୍କ ସରକାର ବିକଶିତ ଏବଂ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମବାୟ ଅନୁଷ୍ଠାନକୁ ଗୁରୁତ୍ୱ ଦେଉଛନ୍ତି । ସେହି କାରଣରୁ ସେ ୩ମାସକୁ ଥରେ




ଓଡିଶା ଗସ୍ତ କରି ସମବାୟ ଆନ୍ଦୋଳନ କିପରି ତୀବ୍ର ହେବ ଓ ଏଥିରେ ସମସ୍ତ ଲୋକ ଯୋଡି ହେବେ ସେଥିପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୭୧ତମ "ଜାତୀୟ ସମବାୟ ସପ୍ତାହ"ର ସମାରୋପ ଉତ୍ସବରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଯୋଗଦେଇ କହିଛନ୍ତି ।

ଶ୍ରୀ ସାମଲ କହିଛନ୍ତି ଯେ, ଏକ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ଯାଇ ସମବାୟ ସଂସ୍ଥା ଆରମ୍ଭ ହୋଇଥିଲା । ଏହା ଆଜି ବିଶାଳ ଦ୍ରୁମରେ ପରିଣତ ହୋଇଛି । ସାରା ଭାରତ ବର୍ଷରେ ୩୦ କୋଟି ସଦସ୍ୟ ଏବେ ଏଥିରେ ଯୋଡ଼ି ହୋଇଛନ୍ତି । ରାଜ୍ୟରେ ୫୦ ଲକ୍ଷରୁ ଅଧିକ ପରିବାର ଏହି ସଂସ୍ଥା ସହ ସିଧାସଳଖଭାବେ ଜଡ଼ିତ । ଏହି ସରକାର ଜରିଆରେ ଗରିବ ଲୋକ ଓ ଚାଷୀଙ୍କ ଆର୍ଥିକ ଉନ୍ନତି ଘଟାଇ ସେମାନେ ଯେପରି ସୁଖ ସମୃଦ୍ଧିରେ ଜୀବନ ବିତାଇବେ ସେଥିପ୍ରତି ରାଜ୍ୟ ସରକାର ସଂକଳ୍ପବଦ୍ଧ । କିନ୍ତୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି କାମ ବିଗାଡ଼ିବା ପାଇଁ ଚେଷ୍ଟା କରୁଛନ୍ତି । ଯେଉଁମାନେ ଦୁର୍ନୀତି କରିବେ ସେମାନଙ୍କୁ ଚିହ୍ନଟ କରାଯିବ । ଚାଷୀଙ୍କ ସ୍ୱାର୍ଥରେ ବାଧା ଆସିଲେ କ୍ଷମା ଦିଆଯିବ ନାହିଁ । ସେମାନଙ୍କୁ ଜେଲ ପଠାଯିବ । ନଭେମ୍ବର ୨୦ରୁ ଧାନ କିଣା ଆରମ୍ଭ ହେବ । ଏହି ଧାନ କିଣା ଯେପରି ସଠିକ୍ ଭାବେ ହେବ ସରକାର ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି । ପୂର୍ବ ସରକାର ଏଥିପ୍ରତି ଧାନ ନଦେଇ ଚାଷୀଙ୍କୁ ଶୋଷଣ କରୁଥିଲେ । ନବୀନ ପଟ୍ଟନାୟକ ବରଗଡ଼ର ସୋହେଲା ଠାରେ ଆୟୋଜିତ ଚାଷୀ ସମାବେଶରେ ଚାଷୀଙ୍କୁ ୧୦୦ ଟଙ୍କା ବୋନସ ଦିଆଯିବ ବୋଲି କହିଥିଲେ । ମାତ୍ର କଥା ରଖି ନ ଥିଲେ । କିନ୍ତୁ ବିଜେପି ରାଜ୍ୟରେ ଶାସନଭାର ସମ୍ଭାଳିବା ପରେ ଏଥିପାଇଁ ପଦକ୍ଷେପ ନେଇଛି । କେନ୍ଦ୍ରରେ ଶ୍ରୀ ମୋଦିଜୀ ଧାନର ସହାୟକ ମୂଲ୍ୟ କୁଇଂଟାଲ ପିଛା ୨୩୦୦ ଟଙ୍କା ବୃଦ୍ଧି କରିଥିବାବେଳେ ରାଜ୍ୟ ସରକାର ୮୦୦ ଟଙ୍କା ବୃଦ୍ଧି କରିଛନ୍ତି । ଏଭଳି ଭାବେ ମୋଟ୍ ୩୧୦୦ ଟଙ୍କା ଚାଷୀଙ୍କୁ କୁଇଂଟାଲ ପିଛା ପ୍ରଦାନ କରାଯିବ । ଡିସେମ୍ବର ୮ରେ ସୋହେଲାଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଚାଷୀ ସମାବେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯିବାକୁ ଥିବା ଟଙ୍କା ପ୍ରଦାନ କରାଯିବ ।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସମବାୟ, ହସ୍ତତନ୍ତ ଓ ବୟନ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଛନ୍ତି ଯେ, ରାଜ୍ୟର ପ୍ରତ୍ୟେକ ପଂଚାୟତର ବହୁମୁଖୀ ସମବାୟ ସମିତି ଗଠନ ହେବ।

# ପିସିସି ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ



**ଭୁବନେଶ୍ୱର,୨୦।୧୧ (ମହାଭାରତ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ ଭୁବନେଶ୍ୱରସ୍ଥ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ପିସିସି ପକ୍ଷରୁ କଂଗ୍ରେସ ଭବନ ପରିସରରେ ଥିବା ଇନ୍ଦିରାଜୀ ପ୍ରତିମୁର୍ତିରେ କଂଗ୍ରେସ ନେତୃବୃନ୍ଦ ମାଲ୍ୟାର୍ପଣ କରିଥିଲେ । ପରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ପାର୍କରେ ଥିବା ଶ୍ରୀମତୀ ଇନ୍ଦିରାଜୀଙ୍କ ପ୍ରତିମୁର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ପ୍ରସାଦ ହରିଚନ୍ଦନ, ଶରତ ରାଉତ, ଶିବାନନ୍ଦ ରାୟ, ଲଲାଟେନ୍ଦୁ ମହାପାତ୍ର, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ରଜନୀ ମହାନ୍ତି, ଅମିୟ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଶଗରିଆ, ତରୁଣ ମିଶ୍ର, ଲିଙ୍ଗରାଜ ସାହୁ, ନଜିବୁର ରହେମାନ ଖାଁ, ଦେବେନ୍ଦ୍ର ମହାନ୍ତି, ଆଲୋକ ମହାନ୍ତି, ମନୋରଞ୍ଜନ ରାଉତରାୟ, ମୋଟରାଜ ଡୁଙ୍ଗ ଡୁଙ୍ଗ, ମାସୁଦ ଅଲ୍ଲୀ, ଭାସ୍କର ସେଠୀ, ସୁଧାଂଶୁ ମହାନ୍ତି, ଖଗେଶ୍ୱର ମଲ୍ଲିକ, ସୁବାଷ ପ୍ରଧାନ, ତାପସ ସେଠୀ, କୁଳମଣି ସାହୁ, ଅଜୟ ସାମଲ, ଅକ୍ଷୟ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ପଂଚାୟତିରାଜ ବିଭାଗ ଦ୍ୱାରା 'ବିଶ୍ୱ ଶୌଚାଳୟ ଦିବସ'

**ଭୁବନେଶ୍ୱର,୨୦।୧୧ (ମହାଭାରତ):** ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନ, ଭୁବନେଶ୍ୱରଠାରେ ବିଶ୍ୱ ଶୌଚାଳୟ ଦିବସ-୨୦୨୪ ପାଳିତ ହୋଇଯାଇଛି । ନିର୍ଦ୍ଦେଶକ, ପାନୀୟଜଳ ଓ ପରିମଳ ଶ୍ରୀ ଭିନିତ ଭାରଦ୍ୱାଜ, ନିର୍ଦ୍ଦେଶକ, ସ୍ୱତନ୍ତ୍ର ପ୍ରକଳ୍ପ ଶ୍ରୀ ଜ୍ୟୋତିପ୍ରକାଶ ଦାସ, ନିର୍ଦ୍ଦେଶକ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନ ଶ୍ରୀ ସୁରେନ୍ଦ୍ର କୁମାର ମୀନାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନେକ ହିତାଧିକାରୀଙ୍କୁ ବ୍ୟକ୍ତିଗତ ଘରୋଇ ଶୌଚଳୟ ନିର୍ମାଣ ପାଇଁ ଅନୁମତି ପତ୍ର ପ୍ରଦାନ ସହ 'ସ୍ୱଚ୍ଛତା ହିଁ ସେବା-୨୦୨୪' ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ସର୍ବଶ୍ରେଷ୍ଠ ସ୍ୱଚ୍ଛତା ଟାର୍ଗେଟ ୟୁନିଟ, ସ୍ୱଚ୍ଛତା ଶିବିର ଆୟୋଜନ, ବର୍ଜ୍ୟବସ୍ତୁରେ ତିଆରି କଳାତ୍ମକ ବସ୍ତୁର ପ୍ରଦର୍ଶନ ରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ଜିଲ୍ଲାଗୁଡିକୁ ପୁରସ୍କୃତ କରାଯାଇଥିଲା।

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନ, ଭୁବନେଶ୍ୱରଠାରେ ଆୟୋଜିତ ବିଶ୍ୱ ଶୌଚାଳୟ ଦିବସ-୨୦୨୪ କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ, ପାନୀୟଜଳ ଓ ପରିମଳ ଶ୍ରୀ ଭିନିତ ଭାରଦ୍ୱାଜ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ସେ ଗ୍ରାମୀଣ ପ୍ରେକ୍ଷାପଟରେ ଶୌଚାଳୟର ବ୍ୟବହାର କିଭଳି ଭାବରେ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିପାରିଛି, ତାହା ଆଲୋଚନା କରିଥିଲେ । ନିର୍ଦ୍ଦେଶକ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନ ଶ୍ରୀ ସୁରେନ୍ଦ୍ର କୁମାର ମୀନା ତାଙ୍କ ସମ୍ବୋଧନରେ ଶୌଚଳୟ କିଭଳି ଭାବରେ ବ୍ୟକ୍ତି ସମ୍ମାନର ଏକ ବଡ ପ୍ରତୀକ ହୋଇପାରିଛି ଓ ଶୌଚାଳୟ ବ୍ୟବହାର ଦ୍ୱାରା ପରିମଳ ବ୍ୟବସ୍ଥାରେ ଜନଭାଗୀଦାରି ବିଷୟରେ ଆଲୋଚନା କରିଥିଲେ । ନିର୍ଦ୍ଦେଶକ, ସ୍ୱତନ୍ତ୍ର ପ୍ରକଳ୍ପ ଶ୍ରୀ ଜ୍ୟୋତିପ୍ରକାଶ ଦାସ ଶୌଚାଳୟ ବ୍ୟବହାର କିଭଳି ଭାବରେ ସାମଗ୍ରିକ ବିକାଶର ଏକ ମାଧ୍ୟମ ହୋଇ ଏକ ସାମାଜିକ ଆନ୍ଦୋଳନର ରୂପ ହେଉଛି ସେ ବିଷୟରେ ମତପ୍ରକାଶ କରିଥିଲେ। ଏହି ଅବସରରେ ହିତାଧିକାରୀ ମାନଙ୍କୁ ବ୍ୟକ୍ତିଗତ ଘରୋଇ ଶୌଚଳୟ ନିର୍ମାଣ ପାଇଁ ଅନୁମତି ପତ୍ର ପ୍ରଦାନ ସହ ସ୍ୱଚ୍ଛତା ହିଁ ସେବା-୨୦୨୪ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ସର୍ବଶ୍ରେଷ୍ଠ ସ୍ୱଚ୍ଛତା ଟାର୍ଗେଟ ୟୁନିଟ, ସ୍ୱଚ୍ଛତା ଶିବିର ଆୟୋଜନ, ବର୍ଜ୍ୟବସ୍ତୁରେ ତିଆରି କଳାତ୍ମକ ବସ୍ତୁର ପ୍ରଦର୍ଶନ ରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ଜିଲ୍ଲାଗୁଡିକୁ ପୁରସ୍କୃତ କରାଯାଇଥିଲା ।

# ସୂଚନା ଓ ଲୋକସମ୍ପର୍କ ବିଭାଗରେ ଜାତୀୟ ସଂହତି ଦିବସ

**ଭୁବନେଶ୍ୱର,୨୦।୧୧ (ମହାଭାରତ):** ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୧୦୭ତମ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ପାଳନ ହୋଇଯାଇଛି । ଏଥିରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ତଥା ସ୍ତମ୍ଭକାର ଡ଼ ଅଭିରାମ ବିଶ୍ୱାଳ ଯୋଗଦେଇ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ବଳିଷ୍ଠ ଜୀବନୀ ଓ ବ୍ୟକ୍ତିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ଇନ୍ଦିରା ଗାନ୍ଧୀଙ୍କ ବ୍ୟକ୍ତିତ୍ୱକୁ ସେ ହୀରା ସହ ତୁଳନା କରିବା ସହ ଦେଶର ବିଭିନ୍ନ ବିକାଶମୂଳକ ଓ ଗଠନମୂଳକ ପଦକ୍ଷେପ ଗ୍ରହଣ କରି ଇନ୍ଦିରା ଗାନ୍ଧୀ ଅନେକ ପରିବର୍ତ୍ତନ ଆଣିପାରିଥିବା ନେଇ ମୁଖ୍ୟବକ୍ତା ସୂଚନା ଦେଇଛନ୍ତି।




ଭାରତବର୍ଷ ସମେତ ସମଗ୍ର ପୃଥିବୀରେ ଇନ୍ଦିରା ଗାନ୍ଧୀ ଜଣେ ଅନନ୍ୟା ନାରୀନେତ୍ରୀ ଭାବେ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଥିଲେ । ଆଜି ଭାରତ ବର୍ଷ ୧୯୭୧ ଯୁଦ୍ଧର ବିଜୟକୁ ନେଇ ଗର୍ବିତ ଅନୁଭବ କରୁଛି, ଏହାର ସମସ୍ତ ଶ୍ରେୟ ସେହି ସାହାସୀ, ଶକ୍ତିଶାଳୀ, ଦୃଢମନା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସକାଶେ ସମ୍ଭବ ହୋଇ ପାରିଥିବା ମତ ପ୍ରକାଶ କରିଛନ୍ତି ମୁଖ୍ୟବକ୍ତା ଡ଼ ଅଭିରାମ ବିଶ୍ୱାଳ । ସମାଜର ବିଭିନ୍ନ ବର୍ଗ ଯଥା- ମହିଳା, ଶିଶୁ, ଜନଜାତି, ଗରିବ, ସଂଖ୍ୟାଲଘୁ ସମସ୍ତଙ୍କ ସାମଗ୍ରିକ ବିକାଶ ଏବଂ ଉନ୍ନତିକୁ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ପ୍ରାଧାନ୍ୟ ଦେଉଥିଲେ ବୋଲି ମୁଖ୍ୟବକ୍ତା ସୂଚନା ଦେଇଛନ୍ତି ।

ସେହିପରି ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସରୋଜ କୁମାର ସାମଲ ଯୋଗଦେଇ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କୁ ରାଜନୈତିକ ନୁହେଁ ରାଷ୍ଟ୍ରନୀତିଜ୍ଞ ଭାବେ ସମ୍ବୋଧନ କରିଥିଲେ । ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱ ଫଳରେ ଭାରତବର୍ଷରେ ସବୁଜ ବିପ୍ଳବ ସମ୍ଭବ ହୋଇଥିବାବେଳେ ଶସ୍ୟ ଉତ୍ପାଦନରେ ଭାରତବର୍ଷ ସ୍ୱାବଲମ୍ବୀ ହୋଇପାରିଥିବା ନେଇ ସେ ସୂଚନା ଦେଇଛନ୍ତି । ଇନ୍ଦିରା ଗାନ୍ଧୀ ଇତିହାସକୁ ନିଜେ ସୃଷ୍ଟି କରିଛନ୍ତି ବୋଲି କହିବା ସହ ୬୦ ଦଶକରେ ଭାରତବର୍ଷର ବିକାଶ ଓ ପ୍ରଗତିରେ ଲୌହମାନବୀଙ୍କ ଭାଗୀଦାରିକୁ ଶ୍ରୀଯୁକ୍ତ ସାମଲ ପ୍ରଶଂସା କରିଛନ୍ତି ।

ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଅମିୟ କୁମାର ପଟ୍ଟନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଜୟନ୍ତୀ ପାଳନରେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରୟାସକୁ ପ୍ରଶଂସା କରିଛନ୍ତି । ଜାତିର ସଂହତି, ଏକତା, ଅଖଣ୍ଡତା ରକ୍ଷାକୁ ନେଇ ଇନ୍ଦିରା ଗାନ୍ଧୀଙ୍କ ବଳିଷ୍ଠ ନେତୃତ୍ୱ ବିଷୟରେ ସେ ଆଲୋଚନା କରିଥିଲେ । ଆଜିର ସଭାରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ବୈଷୟିକ ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ପରିଡ଼ା ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ଉପ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିସହ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ ।

# ବିଏମ୍ସି ଓ ସିଏଫଏଆର ପକ୍ଷରୁ ବିଶ୍ୱ ଟଏଲେଟ ଦିବସ

**ଭୁବନେଶ୍ୱର,୨୦।୧୧ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଓ ସିଏଫ୍ଏଆର୍ର ମିଳିତ ଉଦ୍ୟମରେ ଭୁବନେଶ୍ୱରର ଏକ ହୋଟେଲରେ ଏହି ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଏମ୍ସି ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ, ସିଏଫ୍ଏଆର୍ର ରାଜ୍ୟ ମୁଖ୍ୟ ସମୀର ରଂଜନ ଦାଶ ପ୍ରମୁଖ ଅତିଥି ଭାବେ ମଂଚାସୀନ ଥିଲେ । ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ମନ୍ତ୍ରୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ କର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ । ପରେ ଉପସ୍ଥିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯକ୍ରମ ସଂପର୍କରେ ସିଏଫ୍ଏଆରର ରାଜ୍ୟ ମୁଖ୍ୟ ସମୀର ରଂଜନ ଦାଶ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ପରେ ବିଏମ୍ସି ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ ଏହି ଦିବସର ମହତ୍ୱ ସଂପର୍କରେ ବିଷଦ ଭାବେ ଆଲୋକପାତ କରିଥିଲେ । ଆଜିର ଏହି ଦିନ ୨୦୦୧ ମସିହାରୁ ଆରମ୍ଭ ହୋଇଥିଲା । ମାତ୍ର ୨୦୧୩ ମସିହାରୁ ୟୁଏନ୍ ପକ୍ଷରୁ ଏହି ଦିବସ ପାଳିତ ହୋଇଆସୁଛି । ବାହ୍ୟ ମଳ ତ୍ୟାଗ ନ କରିବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ବିଶ୍ୱ ଟଏଲେଟ ଦିବସ ପାଳନ କରାଯାଉଛି । ବାହ୍ୟ ମଳ ଶୂନ୍ୟ ହେଲେ ଆମ ପରିବେଶ ସ୍ୱଚ୍ଛ ସୁନ୍ଦର ରହିବା ସହ ମାରାତ୍ମକ ରୋଗ ବ୍ୟାପିବ ନାହିଁ ବୋଲି ସେ କହିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଗୋପାଳ ଭାଣ୍ଡ ଉପାଖ୍ୟାନର ଅବତାରଣା କରିଥିଲେ । ମଳତ୍ୟାଗ କରିବା ସମସ୍ତଙ୍କର ମାନବିକ ଅଧିକାର । ମାତ୍ର ବାହ୍ୟ ମଳତ୍ୟାଗ ଆମପାଇଁ କ୍ଷତିକାରକ । ଆମେମାନେ ନିଜେ ନିଜେ ସଚେତନ ହେବା ଦରକାର । ସହରାଂଚଳର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ଟଏଲେଟମାନ ନିର୍ମାଣ ହେଉଛି । ତାହାକୁ ବ୍ୟବହାର କରିବା ସହ ତାର ଯତ୍ନ ନେବା ମଧ୍ୟ ଆମର ଦାୟିତ୍ୱ ଓ କର୍ତବ୍ୟ । ବିଭିନ୍ନ ଉପାଖ୍ୟାନ ଓ ଉଦାହରଣ ଦେଇ ସେ ଉପସ୍ଥିତି ନାଗରିକମାନଙ୍କୁ ଏହି ବାର୍ତା ଦେଇଥିଲେ ଯେ, ବସଷ୍ଟାଣ୍ଡ ବା ହାଟ ବଜାରରେ କାହାକୁ ମଳତ୍ୟାଗ କରିବା ଜରୁରୀ ପଡିଲେ, ସେ କି ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିବା, ଏ କଥା ସମସ୍ତେ ଅନୁଭବ କରିଥିବେ । ଏଣୁ, କେବଳ ଭୁବନେଶ୍ୱର ମହାନଗର ନିଗମ ନୁହେଁ, ରାଜ୍ୟର ଯେ କୌଣସି ସ୍ଥାନରେ ଗୋଷ୍ଠୀ ଶୌଚାଳୟ ହେଉ କି ସର୍ବସାଧାରଣ ଶୌଚାଳୟ ହେଉ, ତାହାକୁ ବ୍ୟବହାର କରିବା ସହ ତାର ଯତ୍ନ ନେବା ନିହାତି ଜରୁରୀ । ଆଗାମୀ ଦିନରେ କେବଳ ସହରାଂଚଳରେ ନୁହେଁ, ଗ୍ରାମାଂଚଳରେ ମଧ୍ୟ ଅନେକ ସର୍ବସାଧାରଣ ଓ ବ୍ୟକ୍ତିଗତ ଟଏଲେଟ୍ ନିର୍ମାଣ ହେବାର କାର୍ଯ୍ୟକ୍ରମ ରହିଛି । ତେବେ ସହରାଂଚଳ ହେଉ ବା ଗ୍ରାମାଂଚଳ ହେଉ, ଯେଉଁଠାରେ ଟଏଲେଟ୍ ନିର୍ମାଣ ହେଉଛି, ସେଠାରେ ମହିଳା ଓ ପୁରୁଷଙ୍କ ପାଇଁ ବ୍ୟବସ୍ଥା ଥିବା ବେଳେ ଟିଜିମାନଙ୍କ ପାଇଁ କୌଣସି ସୁବିଧା ନାହିଁ । ଫଳରେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଟିଜି ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଥିଲା । ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସରକାରୀସ୍ତରରେ ବିଧିବଧ ଭାବେ ନିଷ୍ପତି ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି । ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ଶ୍ରୀ ଶୁଭେନ୍ଦୁ କୁମାର ସାହୁ ଏଥିରେ ଯୋଗ ଦେଇ ପାରିନଥିବାରୁ, ସେ ପଠାଇଥିବା ବାର୍ତା ଏହି ସଭାରେ ପାଠ କରାଯାଇଥିଲା । ଏହି ଅବସରରେ ୱାଟର ଏଡ୍ ଇଣ୍ଡିଆର ବିକାଶ ପତି, ସଖାର ମୁଖ୍ୟ ମୀରା ପରିଡା, ଥାର୍ଡ ଜେଣ୍ଡର ୱେଲଫେୟାର ଟ୍ରଷ୍ଟର ମୁଖ୍ୟ ମେଘନା ସାହୁ, ୟୁଏନ୍ଏଫପିଏର ଷ୍ଟେଟ୍ ପ୍ରୋଗ୍ରାମ ମ୍ୟାନେଜର ଚୟନିକା ମିଶ୍ର ଏବଂ ୟୁଏମ୍ସି ପ୍ରମୁଖ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଟଏଲେଟ୍ର ଉପାଦେୟତା ଏବଂ ଏଥିରେ ଗୋଷ୍ଠୀ ସହଭାଗିତା ଆଗେଇ ନେବା ପାଇଁ ବିଏମ୍ସି ପକ୍ଷରୁ ବିଭିନ୍ନ ଜୋନ୍ର ଟଏଲେଟ୍ରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଏହି ସଚେତନତା ଏକ ସପ୍ତାହ ଯାଏଁ ଚାଲୁ ରହିବ, ଯାହାକି ସହରରେ ସାମୁହିକ ଓ ଗୋଷ୍ଠୀ ଶୌଚାଳୟଗୁଡିକର ଉତମ ପରିଚାଳନାକୁ ଆଗେଇ ନେବ । ଆଜି ସକାଳେ ଏହି ଉପଲକ୍ଷେ ଶିଶୁ ଭବନ ଛକରୁ ମାଷ୍ଟର କ୍ୟାଂଟିନ ପର୍ଯ୍ୟନ୍ତ ଏକ ପ୍ରାଇଡ ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ସଂଗଠନର କର୍ମକର୍ତା ଯୋଗ ଦେଇଥିଲେ ।

# ରାଜ୍ୟ ପ୍ରଦୂଷଣ ବୋର୍ଡ ସଦସ୍ୟଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର,୨୦।୧୧ (ମହାଭାରତ):** ଓଡ଼ିଶା ପିସିସି ଷ୍ଟିୟରିଂ କମିଟି ସଦସ୍ୟ ଶ୍ରୀମତୀ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟ ଠାରେ ଅଧ୍ୟକ୍ଷ ଓ ସଚିବଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଜିନ୍ଦଲ କମ୍ପାନୀ ଦେଶର ସର୍ବାଧିକ ପ୍ରଦୂଷଣ କରୁଥିବା ଶିଳ୍ପସଂସ୍ଥା ଓଡ଼ିଶାର ଅନୁଗୁଳ ଜିଲ୍ଲାର ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଏବଂ ଅନୁଗୁଳ ସହରର ପ୍ରାୟ ୬୦ଟି ଗ୍ରାମର ଜନସାଧାରଣ ଜିନ୍ଦଲ କମ୍ପାନୀ ଦ୍ୱାରା ନିର୍ଗତ ପାଉଁଶ ପୋଖରୀ ପାଣିଦ୍ୱାରା ମାରାତ୍ମକ ରୋଗର ଶୀକାର ହେଉଛନ୍ତି । ଏହି ପାଉଁଶ ଦ୍ୱାରା ପରିବେଶ ଓ ସ୍ୱାସ୍ଥ୍ୟ ଉଭୟ ନଷ୍ଟ ହେବାରେ ଲାଗିଛି । ବିଶେଷ କମରି ଲୋକମାନେ ଯକ୍ଷ୍ମା, ଆଜମା, ଥାଇରଡ, ପାକସ୍ଥଳୀ, ହୃଦଘାତ ଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏ ସମ୍ପର୍କରେ ଅଂଚଳବାସୀମାନେ ପୂର୍ବରୁ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କର୍ତୃପକ୍ଷ କୌଣସି କର୍ଣ୍ଣପାତ କରୁନାହାନ୍ତି । ଦ୍ୱିତୀୟତଃ କୋଲ ଗ୍ୟାସିଫିକେସନ ପ୍ଲାଂଟ (ସିଜିପି)ରୁ ନିର୍ଗତ ହେଉଥିବା ଅତ୍ୟନ୍ତ ଦୁର୍ଗନ୍ଧ ଗ୍ୟାସ ଦ୍ୱାରା ଲୋକମାନେ ଅଣନିଶ୍ୱାସୀ ହୋଇ ପଡୁଛନ୍ତି । ଆଗାମୀ ଦିନରେ ଲୋକ କି କି ରୋଗରେ ଆକ୍ରାନ୍ତ ହେବ ସେ ସମ୍ପର୍କରେ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି । ଦେଶର ବିଭିନ୍ନ ରାଜ୍ୟରେ ଜିନ୍ଦଲ କମ୍ପାନୀ ନିୟମ କାନୁନ ଉଲ୍ଲଙ୍ଘନ କରୁଥିବାରୁ ନ୍ୟାସନାଲ ଗ୍ରୀନ ଟ୍ରବ୍ୟୁନାଲ ଦ୍ୱାରା ଦଣ୍ଡିତ ହୋଇଛି । ଓଡ଼ିଶାର ମଧ ଜିନ୍ଦଲ କମ୍ପାନୀକୁ ଏନଜିଟି ୨ କୋଟି ଟଙ୍କାରେ ଦଣ୍ଡିତ କରିଛି । ପଲ୍ୟୁସନ କଂଟ୍ରୋଲ ବୋର୍ଡ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ଜିନ୍ଦଲ କମ୍ପାନୀର ଏଭଳି ମନୋମୁଖି କାର୍ଯ୍ୟର ଅନୁସଂଧାନ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅଜିର ପ୍ରତିନିଧି ଦଳ ସ୍ମାରକପତ୍ରରେ ଦାବୀ ଉପସ୍ଥାପନ କରିଛନ୍ତି । ନଚେତ ଜନସାଧାରଣଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଆଗାମୀ ଦିନରେ ଏକ ଜନ ଆନ୍ଦୋଳନ ଗଢ଼ି ତୋଳିବ ବୋଲି ଚେତାବନୀ ଦିଆଯାଇଛି । ଏହି ଅବସରରେ ନବୀନ ଜିନ୍ଦଲ ଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଆଜିର ଏହି ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୁଳ ଜିଲ୍ଲା ସଭାପତି ଅମ୍ବିକା ପ୍ରସାଦ ଭଟ୍ଟ, କଂଗ୍ରେସ ନେତା ସର୍ବଶ୍ରୀ ବିଜୟାନନ୍ଦ ଚାଉଳିଆ, ସରୋଜ ପ୍ରଧାନ, ଦିଗମ୍ବର ଗଡ଼ନାୟକ, ସୁଦୀପ ମିଶ୍ର, ଜଗଦାନନ୍ଦ ପ୍ରଧାନ, ଗୋବିନ୍ଦ ନାୟକ, ନିରଞ୍ଜନ ନାୟକ, ରଶ୍ମିରଞ୍ଜନ ସାହୁ, ରଞ୍ଜିତ ସାହୁ, ନିରୁପମା ପାତ୍ର, ଜାନକୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଏଜିସ ଭୋପାକ ଟର୍ମିନାଲ୍ସ ପକ୍ଷରୁ ସେବି ନିକଟରେ ଡିଆରଏଚପି ଦାଖଲ

**ଭୁବନେଶ୍ୱର,୨୦।୧୧ (ମହାଭାରତ):** ଏଜିସ ଲଜିଷ୍ଟିକ୍ସ ଲିମିଟେଡର ସହାୟକ କମ୍ପାନି ଏଜିସ ଭୋପାକ ଟର୍ମିନାଲସ ଲିମିଟେଡ ପକ୍ଷରୁ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ରେ ଡ୍ରାଫଟ ରେଡ ହେରିଂ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଛି । କ୍ରିସିଲ ରିପୋର୍ଟ ଅନୁସାରେ ଏଲପିଜି ପାଇଁ ଟାଙ୍କି ସଂରକ୍ଷଣ ଟର୍ମିନାଲ ଓ ତରଳ ଉତ୍ପାଦ ପାଇଁ କ୍ଷମତା ଦୃଷ୍ଟିରୁ ଏଜିସ ଭୋପାକ ଟର୍ମିନାଲସ ଲିମିଟେଡ ହେଉଛି ଭାରତର ସର୍ବବୃହତ ତୃତୀୟ ପକ୍ଷ ଅପରେଟର । ଏହି ଆଇପିଓ ଜରିଆରେ କମ୍ପାନି ଇକ୍ୱିଟି ସେୟାର ଜାରି କି ୩୫୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି ଓ ଆବଶ୍ୟକ ମଂଜୁରି ଓ ବଜାର ସ୍ଥିତି ଉପରେ ଏହା ନିର୍ଭର କରୁଛି । ଏହି ଇସ୍ୟୁ ଜରିଆରେ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହାକୁ କମ୍ପାନି୧) ବକେୟା ଋଣକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପରିଶୋଧ କରିବା, ୨) ମାଙ୍ଗାଲୋରରେ କ୍ରାୟୋଜେନିକ ଏଲପିଜି ଟର୍ମିନାଲ ଅଧିଗ୍ରହଣ କରିବା ଲାଗି ଆବଶ୍ୟକ ପୁଞ୍ଜି ବ୍ୟୟ ଏବଂ ୩) ସାଧାରଣ କର୍ପୋରେଟ କାର୍ଯ୍ୟରେ ବ୍ୟବହାର କରିବାର ପ୍ରସ୍ତାବ ରହିଛି ।

ଏହି ଇସ୍ୟୁର ବୁକ ରନିଂ ଲିଡ ମ୍ୟାନେଜରମାନେ ହେଉଛନ୍ତି ଆଇସିଆଇସିଆଇ ସିକ୍ୟୁରିଟିଜ ଲିମିଟେଡ, ବିଏନପି ପରିବାସ, ଆଇଆଇଏଫଏଲ କ୍ୟାପିଟାଲ ସର୍ଭିସେସ ଲିମିଟେଡ, ଜେଫେରିଜ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଓ ଏଚଡିଏଫସି ବ୍ୟାଙ୍କ ଲିମିଟେଡ ।

# ଜମିଜମା ପଞ୍ଜିକରଣ କ୍ଷେତ୍ରରେ ସ୍ମାର୍ଟ ସର୍ଭିଲେନ୍ସ ବ୍ୟବସ୍ଥାର ଶୁଭାରମ୍ଭ

**ଭୁବନେଶ୍ୱର,୨୦।୧୧ (ମହାଭାରତ):** ରାଜ୍ୟରେ ଜମିଜମା ପଞ୍ଜିକରଣ କାର୍ଯ୍ୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ବ୍ୟବସ୍ଥା ବଜାୟ ରଖିବା ଉଦ୍ଦେଶ୍ୟରେ କଟକସ୍ଥିତ ରାଜସ୍ୱ ପର୍ଷଦ ଅଧୀନସ୍ଥ ନିବନ୍ଧନ ମହାନିରୀକ୍ଷକ (ଆଇଜିଆର୍)ଙ୍କ କାର୍ଯ୍ୟାଳୟଠାରେ ସ୍ମାର୍ଟ ସର୍ଭେଲାନ୍ସ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି ।

ଏହି ବ୍ୟବସ୍ଥାକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ କହିଲେ ଯେ ସରକାର ରାଜ୍ୟରେ ଜମିଜମାର ପଞ୍ଜିକରଣ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଏଭଳି ଏକ ଅଭିନବ ବ୍ୟବସ୍ଥା ଆରମ୍ଭ କରିଛନ୍ତି । ଫଳରେ ଜନସାଧାରଣ ଜମିଜମା କିଣାବିକା ସମୟରେ ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟକୁ ଆସି ବିନା କୌଣସି ଅସୁବିଧାରେ ନିଜର କାର୍ଯ୍ୟ ସମ୍ପାଦନ କରିପାରିବେ ଓ ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରହିବ ।

ଏହି ବ୍ୟବସ୍ଥା ଆରମ୍ଭ ହେବା ଦ୍ୱାରା ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟର କର୍ମଚାରୀ ଓ ପରିଦର୍ଶକଙ୍କ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରହିବା ସହ ସୁରକ୍ଷା ଓ କାର୍ଯ୍ୟକ୍ଷମ ଆଚରଣବିଧି ବ୍ୟବସ୍ଥାର ଅନୁପାଳନକୁ ନିଶ୍ଚିତ କରାଯାଇ ପାରିବ । ନିରନ୍ତର ଭାବେ ଉତ୍ତୋଳିତ ହେଉଥିବା ଦୃଶ୍ୟ ଓ ଶ୍ରାବ୍ୟ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପାଦନରେ ସତର୍କତା ସୁନିଶ୍ଚିତ ହୋଇପାରିବ ଓ କୌଣସି ଅଭିଯୋଗ ଓ ବିବାଦୀୟ ଘଟଣା କ୍ଷେତ୍ରରେ ଉପଯୁକ୍ତ ପ୍ରମାଣ ଭାବେ ବ୍ୟବହୃତ ହୋଇପାରିବ । ଏହା ଦ୍ୱାରା ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ ପ୍ରତି ଜନସାଧାରଣଙ୍କର ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବ ଓ ବଳବତ୍ତର ରହିବ ।

ଏତଦ୍ବ୍ୟତୀତ ଜମିର ସରକାରୀ ମୂଲ୍ୟ ବିଷୟରେ ଜାଣିହେବା ସହ ଆଇଜିଆର୍ ପୋର୍ଟାଲରେ ପଞ୍ଜିକରଣ ନିମନ୍ତେ ବ୍ୟବହୃତ ଦସ୍ତାବିଜ୍ର ନକଲଗୁଡ଼ିକୁ ନିଜର ଚାହିଦା ମୁତାବକ ବ୍ୟବହାର କରାଯାଇପାରିବ । ଜନସାଧାରଣ ସେମାନଙ୍କ ସମ୍ପତି ପଞ୍ଜିକରଣ ପୂର୍ବରୁ ଇଲେକ୍ଟ୍ରୋନିକ୍ସ ବ୍ୟବସ୍ଥା ମାଧ୍ୟମରେ ଦସ୍ତାବିଜକୁ ସମ୍ପୃକ୍ତ ସବ୍ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ପ୍ରେରଣ କରି ଦାଖଲ ଓ ପଞ୍ଜିକରଣ ପାଇଁ ଆଗୁଆ ତାରିଖ ଓ ସମୟ ଧାର୍ଯ୍ୟ କରିପାରିବେ । ଅନ୍ଲାଇନ୍ରେ ଏନ୍କ୍ୟୁମ୍ବ୍ରାନ୍ସ ସାର୍ଟିଫିକେଟ୍ ବା ଇ.ସି.ର ପ୍ରାମାଣିକ ନକଲ ଏବଂ ବିବାହ ପଞ୍ଜିକରଣ ପାଇଁ ଆବେଦନ କରିପାରିବେ । ଏଥି ସହିତ ସମସ୍ତ କାର୍ଯ୍ୟର ଅଗ୍ରଗତି ବ୍ୟବସ୍ଥାକୁ ଟ୍ରାକ୍ ମଧ୍ୟ କରିପାରିବେ । ଏଥି ନିମନ୍ତେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ତର୍ଜମା କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଜନସାଧାରଣ ରେଜିଷ୍ଟ୍ରି ଦଲିଲର ନକଲ ତୁରନ୍ତ ଅନ୍ଲାଇନ୍ ମାଧ୍ୟମରେ ପାଇପାରିବେ । ଜନସାଧାରଣ ରେଜିଷ୍ଟ୍ରି କାର୍ଯ୍ୟାଳୟରେ ଯୋଗାଇ ଦିଆଯାଉଥିବା ସେବା ଉପରେ ସେମାନଙ୍କ ମତାମତ ଉଭୟ ଅନ୍ଲାଇନ୍ ମାଧ୍ୟମରେ ଏବଂ ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟରେ ରଖାଯାଇଥିବା ମତାମତ ଓ ଅଭିଯୋଗ ରେଜିଷ୍ଟରରେ ଦରଜ କରିପାରିବେ । ଏହା ସହ ଏସ୍ଏମ୍ଏସ୍ ମାଧ୍ୟମରେ ପଇଠ କରାଯାଉଥିବା ଦେୟର ବିସ୍ତୃତ ବିବରଣୀ ମିଳିପାରିବ । ପଞ୍ଜିକରଣ କାର୍ଯ୍ୟର ସମାପ୍ତି ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ହେଉଛି ଆଇଜିଆର୍ ପୋର୍ଟାଲ ମାଧ୍ୟମରେ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ ସହ ଏହାର ସମାଧାନ ଦିଗରେ ସମୁଚିତ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ।

# ଏସ୍ବିଆଇ ପକ୍ଷରୁ ଜାଗୃତି ଯାତ୍ରା

**ଭୁବନେଶ୍ୱର,୨୦।୧୧ (ମହାଭାରତ):** ଦେଶର ସର୍ବବୃହତ ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଜାଗୃତି ଯାତ୍ରା ୨୦୨୪ ସହିତ ସହଯୋଗିତା ସ୍ଥାପନ କରାଯାଇଛି । ଏହା ହେଉଛି ଭାରତର ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରର ହେବାକୁ ଥିବା ୮୦୦୦ କିମି ବ୍ୟାପୀ ୧୫ ଦିନିଆ ଉଦ୍ୟୋଗୀ ଯାତ୍ରା । ଏହି ସହଯୋଗିତାରେ ଏସ୍ବିଆଇ ପକ୍ଷରୁ ଉଦ୍ୟୋଗୀ ହେବର ଅଭିଳାଷ ଅନୁସନ୍ଧାନ କରିବାକୁ ଚାହୁଁଥିବା ୫୦୦ ଯୁବପିଢ଼ିଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ । ସେମାନଙ୍କୁ ବିଶେଷଜ୍ଞଙ୍କ ମେଂଟରସିପ୍ ଓ ପ୍ରତ୍ୟକ୍ଷ ତାଲିମ ସହାୟତା ପ୍ରଦାନ କରାଯିବ । ଯୁବ ଉଦ୍ୟୋଗୀଙ୍କ ଅଭିବୃଦ୍ଧିକୁ ସୁଦୃଢ଼ କରି ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟକୁ ପୂରଣ କରିବାକୁ ଏସବିଆଇ ଲକ୍ଷ୍ୟ ରଖିଛି । ସାରା ଭାରତରେ ଉଦ୍ୟମିତାକୁ ଉତ୍ସାହିତ କରିବା ଲାଗି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପ୍ରତିଟି ଭାରତୀୟଙ୍କୁ ତାଲିମ ଓ ଆର୍ଥିକ ସହାୟତା ଜରିଆରେ ସଶକ୍ତ କରୁଛି । ବ୍ୟାଙ୍କ ପକ୍ଷରୁ ୧୫୨ ଗ୍ରାମୀଣ ସ୍ୱ ନିୟୋଜନ ତାଲିମ ପ୍ରତିଷ୍ଠାନ (ଆରଏସଇଟିଆଇ) ସ୍ଥାପନ କରିଛି ଯାହା ନିଜର ଲଘୁ ଉଦ୍ୟୋଗ ସ୍ଥାପନ କରିବା ଲାଗି ଗ୍ରାମୀଣ ଯୁବବର୍ଗଙ୍କୁ ତାଲିମ ଦେଉଥିବା ବେଳେ ସେମାନଙ୍କ ଦକ୍ଷତାର ବିକାଶ କରୁଛି । ଏହି ଅନୁଷ୍ଠାନଗୁଡ଼ିକ ୧୧.୫ ଲକ୍ଷରୁ ଅଧିକ ପ୍ରାର୍ଥୀଙ୍କୁ ସଫଳତାର ସହ ତାଲିମ ପ୍ରଦାନ କରିଥିବା ବେଳେ ସେଥିରୁ ୭୪ ପ୍ରତିଶତ ଛାତ୍ରଛାତ୍ରୀ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଏଥି ସହିତ ୫୦,୦୦୦ କୋଟି ଟଙ୍କାର ଏସ୍ଏଚ୍ଜି ଋଣ ପ୍ରଦାନ କରିଥିବା ଏସ୍ବିଆଇ ହେଉଛି ଏସ୍ଏଚ୍ଜି ଋଣର ଅଗ୍ରଣୀ ବ୍ୟାଙ୍କ ଯାହା ୧ କୋଟିରୁ ଅଧିକ ମହିଳାଙ୍କୁ ସହାୟତା ପ୍ରଦାନ କରିଛି ।

# ଲୁକ୍‌ଆଉଟ ନୋଟିସ

ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ମାମଲାରେ ତାଙ୍କ ବାନ୍ଧବୀ ରିୟା ଚକ୍ରବର୍ତ୍ତୀଙ୍କ ବିରୋଧରେ ସିବିଆଇର ଲୁକଆଉଟ ନୋଟିସକୁ ଖାରଜ କରିବା ବେଳେ ସୁପ୍ରିମକୋର୍ଟ ସିବିଆଇକୁ ଭର୍ତ୍ସନା କରିଛନ୍ତି। ରିୟା ଏକ ପ୍ରତିଷ୍ଠିତ ପରିବାରରୁ ଆସିଛନ୍ତି, ତାଙ୍କ ବିରୋଧରେ ଅଭିଯୋଗର କୌଣସି ପ୍ରମାଣ ମଧ୍ୟ ହସ୍ତଗତ ହୋଇନାହିଁ। ସେ ତଦନ୍ତ ପ୍ରକ୍ରିୟାରେ ସହଯୋଗ ମଧ୍ୟ କରୁଛନ୍ତି। ଏଭଳି ପରିସ୍ଥିତିରେ ରିୟା ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଲୁକ ଆଉଟ ନୋଟିସ ଜାରି କରାଯିବା ନିହାତି ଅଯୌକ୍ତିକ ବୋଲି ସୁପ୍ରିମକୋର୍ଟ କହିବା ସହିତ ଏହାର ପୁନରାବୃତ୍ତି ନକରିବକୁ ତାଗିଦ କରିଛନ୍ତି। ପୂର୍ବରୁ ବମ୍ବେ ହାଇକୋର୍ଟ ମଧ୍ୟ ରିୟାଙ୍କ ବିରୋଧରେ ଲୁକ ଆଉଟ ନୋଟିସକୁ ଖାରଜ କରିଥିଲେ। ଏହା ବିରୋଧରେ ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟରେ ଅପିଲ କରିଥିଲେ। ସୁପ୍ରିମକୋର୍ଟ ବମ୍ବେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ କାଏମ ରଖିବା ସହିତ ଏହା ବିରୋଧରେ ଅପିଲକୁ ଖାରଜ କରିଛନ୍ତି। କେବଳ ଏହି ଗୋଟିଏ ମାମଲାରେ ସୁପ୍ରିମକୋର୍ଟ ସିବିଆଇ, ଇଡି ଭଳି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାକୁ ସମାଲୋଚନା କରିଛନ୍ତି ଏବଂ ଏହାର ଦକ୍ଷତା ତଥା ନିରପେକ୍ଷତା ନେଇ ପ୍ରଶ୍ନ ଉଠାଇଛନ୍ତି। ଅରବିନ୍ଦ କେଜରିୱାଲ, ମନିଷ ସିସୋଦିଆଙ୍କ ଜାମିନ ଆବେଦନର ଶୁଣାଣୀ ବେଳେ ସୁପ୍ରିମକୋର୍ଟ ବାରମ୍ବାର ଏଭଳି ପ୍ରଶ୍ନ ଉଠାଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ସଂଗ୍ରହ ନକରି ତାଙ୍କୁ ଗିରଫ କରିବା, ଜାମିନ ଆବେଦନକୁ ବିରୋଧ କରିବା ଏବଂ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତଦନ୍ତ ଆଳରେ ଅଭିଯୁକ୍ତଙ୍କୁ ଜେଲରେ ରଖିବା କଦାପି ଗ୍ରହଣ ଯୋଗ୍ୟ ନୁହେଁ ଏବଂ ଏହା ବ୍ୟକ୍ତିର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। କାହାର ବ୍ୟକ୍ତିଗତ ସ୍ୱାଧୀନତା, ସମ୍ମାନ ଏବଂ ସୁରକ୍ଷା ସହ ସାଲିସ କରାଯାଇପାରିବ ନାହିଁ। ଅଭିଯୋଗର ପ୍ରାଥମିକ ପ୍ରମାଣ ନାହିଁ, ଶୁଣାଣୀ ଆରମ୍ଭ ହୋଇପାରୁନି, ସେ ପର୍ଯ୍ୟନ୍ତ ଅଭିଯୁକ୍ତ ବିନା ଜାମିନରେ ଜେଲର ଚାରି କାନ୍ଥ ଭିତରେ ରହି ଛଟପଟ ହେବା କଦାପି ଗ୍ରହଣୀୟ ନୁହେଁ। ମାନବାଧିକାର ଉଲ୍ଲଂଘନର ଏହାଠାରୁ ବଳି ବଡ଼ ଉଦାହରଣ ଆଉ କିଛି ନଥାଇପାରେ। କିନ୍ତୁ ଅନେକ ଘଟଣାରେ ସିବିଆଇ ଏବଂ ଇଡି ଏଭଳି କାର୍ଯ୍ୟ କରୁଥିବାର ନଜିର ରହିଛି। ଅନେକ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ସଂଗ୍ରହ କରିବାରେ ତଦନ୍ତକାରୀ ସଂସ୍ଥା ବ୍ୟର୍ଥ ହେଉଛି। ଯଦି ପ୍ରମାଣ ନାହିଁ, ତେବେ ଆଇନ ଅନୁଯାୟୀ କାହାକୁ ଗିରଫ କରାଯାଇପାରିବ ନାହିଁ। ଦିଲ୍ଲୀର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆ ବିନା ପ୍ରମାଣରେ ଦେଢ଼ ବର୍ଷ କାଳ ଜେଲରେ ରହିଲେ। ତାଙ୍କ ପଦ ଗଲା, ଘରେ ରେଡ ହେଲା, ସମ୍ମାନ ହାନୀ ହେଲା। କିନ୍ତୁ ତାଙ୍କ ବିରୋଧରେ ଅଭିଯୋଗର ପ୍ରମାଣ ନାହିଁ। ବିନା ପ୍ରମାଣରେ ଆମେ କାହାରିକୁ ଦୋଷୀ ବୋଲି କହି ପାରିବା ନାହିଁ। ଭାରତୀୟ ଆଇନ ବ୍ୟବସ୍ଥାର ଆଧାର ହେଲା ଯେ ପର୍ଯ୍ୟନ୍ତ ଜଣେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ନହୋଇଛି, ସେ ପର୍ଯ୍ୟନ୍ତ ସେ ନିର୍ଦ୍ଦୋଷ ବୋଲି ବିଚାର କରାଯିବ। ଏହି ଆଧାରରେ ଜଣେ ନିର୍ଦ୍ଦୋଷକୁ ଦିନଟିଏ ମଧ୍ୟ ଜେଲରେ ରଖିବା ଅନୁଚିତ। ଏଥିରେ କୋର୍ଟର ମଧ୍ୟ ଭୂମିକା ରହିଛି। ଆରମ୍ଭରୁ କୋର୍ଟ ଦେଖିବା ଉଚିତ ଅଭିଯୁକ୍ତ ବିରୋଧରେ ପ୍ରାଥମିକ ପ୍ରମାଣ ଅଛି କି ନାହିଁ। ତଦନ୍ତକାରୀ ସଂସ୍ଥାକୁ ଭରସା କରି ଶୁଣାଣୀକୁ ବାରମ୍ବାର ଘୁଞ୍ଚାଇବା, ଜାମିନ ପ୍ରଦାନରେ ବିଳମ୍ବ କରିବା ଅନ୍ୟାୟ। ସିବିଆଇ, ଇଡି, ଆୟକର ବିଭାଗ , ଏନଆଇଟି ଏସବୁ କେନ୍ଦ୍ରରେ କ୍ଷମତାସୀନ ସରକାରର ଇଙ୍ଗିତରେ ପରିଚାଳିତ ହେଉଛନ୍ତି ଏବଂ ଏମାନେ ପିଞ୍ଜରାବଦ୍ଧ ଶୁଆ ବୋଲି ଅନେକ ସମୟରେ ଅଭିଯୋଗ ହେଉଛି ଏବଂ ଅତୀତରେ ସୁପ୍ରିମକୋର୍ଟ ମଧ୍ୟ ସିବିଆଇ ସମ୍ପର୍କରେ ଏଭଳି ମନ୍ତବ୍ୟ ଦେଇଥିଲେ।

# “ ଲୋକଙ୍କ ସମସ୍ୟା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ

॥ ଗୋପାଳ ମହାପାତ୍ର ॥

*;ଆମର କଳିଙ୍ଗ ନଗର ଶିଳ୍ପାଞ୍ଚଳ କଟକର ଉତ୍ତର ଦିଗରେ ପୁରୀ ଖୋର୍ଦ୍ଧା, ଭୁବନେଶ୍ୱର ଏ ସ୍ଥାନରୁ ଦକ୍ଷିଣରେ ଏପରିକି ବଙ୍ଗୋପସାଗର ଦକ୍ଷିଣ ପୂର୍ବ ସମ୍ବନ୍ଧରେ ରହିଛି। ଶିଳ୍ପାଞ୍ଚଳରେ ଧୂ ଧୂ ଜଳୁଥିବା ଚିମିନୀର ନିଆଁ ସ୍ଥାନକୁ ସର୍ବଦା ଗରମ କରୁଛି ଯାହା ବର୍ଷା ଋତୁ ଶେଷ ସେପ୍ଟେମ୍ବରରୁ ନଭେମ୍ବର ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀ ବାୟୁ ପ୍ରବାହ ଯେଉଁ ମହାବାତ୍ୟା ସୃଷ୍ଟି କରୁଛି ଏହା ଏକ ବଡ଼ କାରଣ।*

ଶାସନ ଗାଦିହାସଲ ପାଇଁ କିଛି ବି କରାଯାଇପାରେ, ଏଥିପାଇଁ କିଛି ଅସମ୍ଭବ ନୁହେଁ । ରାଜନେତା ମାନଙ୍କର ସଦୈବ ଏହି ଇଚ୍ଛା ଥାଏ, ଆଗକୁ ମଧ ରହିବ । ନିର୍ବାଚନ ସମୟରେ ନେତା ସାଧାରଣ ଜନତାଙ୍କୁ ଯେଉଁସବୁ ଆଶ୍ୱାସନା ଓ ପ୍ରତିଶ୍ରୁତି ସବୁ ଦେଇଥାନ୍ତି ସେ ସବୁକୁ କ’ଣ ସେମାନେ ପୂରଣ କରିଥାନ୍ତି ? ହୋଇପାରେ କିଛି ନେତା ତାଙ୍କ ପ୍ରତିଶ୍ରୁତି ପୁରଣ କରିଥାନ୍ତି ? କିନ୍ତୁ ଅନେକେ ପ୍ରତିଶୃତି ପୂରଣ କରିବାରେ ବିଫଳ ହୋଇଥାନ୍ତି । ଯଦି ନେତା ତାଙ୍କ ପ୍ରତିଶୃତି ପୂରଣ କରୁଥାନ୍ତେ ତେବେ ସ୍ୱାଧୀନତା ପରଠାରୁ ଅଦ୍ୟାବଧି ୭୫ ବର୍ଷ ପୂର୍ଣ୍ଣ ହେବା ପରେ ଭାରତ ଆମେରିକା ଭଳି ବିକଶିତ ଦେଶ ଭାବେ ଉଭା ହୋଇଥାନ୍ତା ଓ ଭାରତୀୟମାନେ ଆମେରିକା ଭଳି ବିକଶିତ ଦେଶମାନଙ୍କୁ ଜୀବିକାର୍ଜନ ପାଇଁ ଯାଉନଥାନ୍ତେ । ଲୋକେ ନିଜ ନିଜର ଜୀବିକା ଅର୍ଜନ ପାଇଁ ଯେ କୌଣସି ସ୍ଥାନ(ଦେଶ)କୁ ଯାଇପାରିବେ । ଏହା ତାଙ୍କର ବ୍ୟକ୍ତିଗତ ସ୍ୱାଧୀନତା । ଏକଥା ଆମେ ଆମ ଭାରତୀୟ ମାନସିକତାରେ ଭାବୁଛେ । କିନ୍ତୁ କେତେଜଣ ଆମେରିକୀୟ ବା ବିକଶିତ ଦେଶର ଲୋକେ ଜୀବିକା ଅର୍ଜନ ପାଇଁ ଭାରତ ଆସୁଛନ୍ତି ? ଆମ ଦେଶ ଭାରତର ଯେ ବିକାଶ ହୋଇନାହିଁ ସେ କଥା ମଧ କୁହାଯାଇ ପାରିବ ନାହିଁ । ଭାରତର ବିକାଶ ଘଟିଛି ନିଶ୍ଚୟ । ସତ୍ୟ ହେଉଛି ଦେଶ ସ୍ୱାଧୀନ ହେବା ପରେ ଆମ ପାଖରେ ଥିଲା କ’ଣ ? ସବୁ କିଛି ଇଂରେଜମାନେ ଲୁଟି ନେଇଥିଲେ । ସେଥିପାଇଁ ତତ୍‌କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ କହିଥିଲେ ଯେ ଯଦି ଭାରତର ଶାସନ ଅଯୋଗ୍ୟ ରାଜନେତାଙ୍କ ହାତରେ ପଡ଼ିଯିବ ତେବେ ଭାରତ ଖଣ୍ଡ ଖଣ୍ଡ ହୋଇ ବିଭାଜିତ ହୋଇଯିବ । କିନ୍ତୁ ଏମିତି ହୋଇନଥିଲା କି ହେବନାହିଁ । ଯଦି ଚର୍ଚ୍ଚିଲ ଆଦି ବଞ୍ଚିଥାନ୍ତେ ତେବେ ଭାରତର ଏକଜୁଟତା ଏବଂ ବିକାଶକୁ ଦେଖି ଆତ୍ମହତ୍ୟା କରିଥାନ୍ତେ ନିଶ୍ଚୟ । ଦେଶ ଯେତିକି ବିକାଶ କରିଛି ତାଠାରୁ ଅଧିକ ବିକାଶ ହୋଇଥାନ୍ତା ଯଦି ଆମ ରାଜନେତାମାନେ ପରସ୍ପର ମଧ୍ୟରେ କଳହ ନକରି ଦଳଗତ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଦେଶର ବିକାଶ କଥା ଚିନ୍ତା କରିଥାନ୍ତେ।

ଦେଶର ସ୍ୱାଧିନତା ସଂଗ୍ରାମରେ ଅନେକଙ୍କର ଯୋଗଦାନ ରହିଛି । କେତେକଙ୍କ ଯୋଗଦାନ ମଧ ଅଜ୍ଞାତ ହୋଇ ରହିଯାଇଛି । ଆମେ ସେମାନଙ୍କୁ ହୁଏତ ଭୁଲିଯାଇ ପାରିଥାଏ କିନ୍ତୁ ସ୍ୱାଧିନତା ସଂଗ୍ରାମରେ କଂଗ୍ରେସର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ଥିଲା । ଏକଥା ସମସ୍ତେ ସ୍ୱୀକାର କରିବେ ନିଶ୍ଚୟ । ଏକଥା ମଧ ଠିକ୍ ଯେ ୧୯୨୫ ମସିହା ବିଜୟାଦଶମୀ ଦିନ ଡକ୍ଟର ହେଡ୍ଗେୱାର ଏକ ସଂସ୍ଥା ଆରମ୍ଭ କରିଥିଲେ ଯାହାର ନା ହେଉଛି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ । ଡକ୍ଟର ହେଡେଗେୱାରଙ୍କର ଉଦ୍ଦେଶ୍ୟ ମଧ ରାଷ୍ଟ୍ରୀୟ ସ୍ୱାଧିନତା ଥିଲା । ସଂଘର ସ୍ୱୟଂସେବକଙ୍କୁ ଶପଥ ଦିଆଯାଇଥାଏ ଯେ ରାଷ୍ଟ୍ରର ସ୍ୱତନ୍ତ୍ରତା ପାଇଁ ତନ-ମନ-ଧନରେ ଆଜନ୍ମ ଏବଂ ପ୍ରାମାଣିକତା ସହ ପ୍ରଯତ୍ନ କରିବେ । ସଂଘର ସ୍ୱୟଂସେବକ ମାନେ ସ୍ୱାଧିନତା ସଂଗ୍ରାମରେ ନିଜର ଭୂମିକା ନିର୍ବାହ କରିଥିଲେ ବୋଲି ସଂଘ କହୁଛି । କିନ୍ତୁ ସଂଘର ଦେଶ ଭକ୍ତିକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଛି । ସ୍ୱାଧୀନତା ଆନ୍ଦୋଳନରେ ସଂଘର ଯୋଗଦାନ କ’ଣ ଥିଲା ବୋଲି ମଧ ପ୍ରଶ୍ନ ଉଠେ । ସଂଘକୁ ଅନେକ ସମୟରେ ପ୍ରଶ୍ନ କରାଯାଏ ଯେ ୧୯୪୭ରେ ଦେଶ ସ୍ୱାଧିନ ହେବା ପରଠାରୁ ୧୯୫୨ ପର୍ଯ୍ୟନ୍ତ ସଂଘର ମୁଖ୍ୟ ନାଗପୁର କାର୍ଯ୍ୟାଳୟରେ ତ୍ରିରଙ୍ଗା ଉଡ଼ାଯାଉନଥିଲା କାହିଁକି ? ଅନେକଙ୍କ ମତରେ ଦେଶର ସ୍ୱାଧିନତା ସଂଗ୍ରାମରେ ସଂଘର ଯୋଗଦାନ ନଥିଲା । ସ୍ୱାଧିନତା ସଂଗ୍ରାମରେ ସଂଘର ଯୋଗଦାନ କ’ଣ ଥିଲା କାହିଁକି ୧୯୫୨ ପର୍ଯ୍ୟନ୍ତ ନାଗପୁର କାର୍ଯ୍ୟାଳୟରେ ଜାତୀୟ ପତାକା ଉଡ଼ାଯାଇ ନଥିଲା ତା ବାବଦରେ ଅଧିକ ବିମର୍ଷ ହେବା ଆବଶ୍ୟକ । ଆଉ ଏକ ପ୍ରସଙ୍ଗ ହେଉଛି ସଂଘ କେବେ କଂଗ୍ରେସକୁ ଗୁରୁତ୍ୱ ଦେଉନଥିଲା କି ଏବେ ମଧ ଗୁରୁତ୍ୱ ଦେଉନାହିଁ । ସେଇଥିପାଇଁ ସଂଘର ସହଯୋଗୀ ଭାରତୀୟ ଜନତା ପାର୍ଟି କଂଗ୍ରେସ ମୁକ୍ତ ଭାରତ କଥା କହୁଛି । ଅନ୍ୟପକ୍ଷରେ କଂଗ୍ରେସ ମଧ ସଂଘକୁ ବିରୋଧ କରୁଛି । ଯଦି ଉଭୟ ପକ୍ଷ ଏ ପ୍ରକାର ବିରୋଧାତ୍ମକ ମାନସିକତାରୁ ଦୁରେଇ ଯାଇ ଦେଶରୁ ଗରିବୀ ହଟାଓ, ବେରୋଜଗାରୀ ହଟାଓ, ଦରଦାମକୁ ନିୟନ୍ତ୍ରଣ କରିବା ଆଦିକୁ ଗୁରୁତ୍ୱ ଦିଅନ୍ତେ ଦେଶର ସାମଗ୍ରିକ ବିକାଶ ହୋଇପାରନ୍ତା ନିଶ୍ଚୟ ।

୧୯୪୭ରେ ଦେଶ ସ୍ୱାଧିନ ହେବା ପରେ ଦେଶର ଜନସଂଖ୍ୟା ୩୩କୋଟି ଥିଲା ବୋଲି ଆକଳନ କରାଯାଇଥିଲା । ୧୯୫୧ରେ ଭାରତ ସରକାରଙ୍କ ପକ୍ଷରୁ ଜନଗଣନା ହେବା ପରେ ଜନସଂଖ୍ୟା ପାଖାପାଖି ୩୬କୋଟି ବୋଲି ଜଣାପଡ଼ିଥିଲା । ଇଂରେଜ ଶାସନ କାଳରେ ପ୍ରତି ୧୦ ବର୍ଷରେ ଜନଗଣନା ହେଉଥିଲା ଏବେ ଏବେ ମଧ ସେଇ ପ୍ରଥା ଚାଲିଛି । ସେତେବେଳେ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲ ଏପରିକି ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଶିକ୍ଷା ନିଃଶୁଳ୍କ ଥିଲା । ଯଦିଓ କିଛି ଘରୋଇ ଶିକ୍ଷାନୁଷ୍ଠାନ ଥିଲା ତେବେ ଶିକ୍ଷାର ପ୍ରବନ୍ଧନ ମୁଖ୍ୟତଃ ରାଜ୍ୟ ସରକାରଙ୍କ ଦାୟୀତ୍ୱ ଥିଲା । ସ୍ୱାଧିନତା ସମୟରେ(୧୯୪୭) ପ୍ରତି ବ୍ୟକ୍ତିର ବାର୍ଷିକ ଆୟ ୨୪୯ ଟଙ୍କା ୬୦ ଟଇସା ଥିଲା । ୨୦୨୨ ଶେଷ ସୁଦ୍ଧା ଭାରତର ଜନ ସଂଖ୍ୟା ୧୪୦କୋଟିକୁ ଟପିଯାଇଛି । ଲୋକଙ୍କ ବାର୍ଷିକ ଆୟ ବଢ଼ିଯାଇ ୧ଲକ୍ଷ ୭୨ ହଜାରରେ ପହଞ୍ଚିଛି ବୋଲି ଏନ୍‌ଏସଓ ର ରିପୋର୍ଟ କହୁଛି, ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତ ପ୍ରଗତି ପଥରେ ଆଗେଇଛି ନିଶ୍ଚୟ ହେଲେ କିଛି ତୃଟି ମଧ ରହିଛି । ଏକଥା ଏଇଥିପାଇଁ କୁହାଯାଉଛି ଯେ ଭାରତ ସ୍ୱାଧିନ ହେବା ବେଳେ ଟଙ୍କା ଏବଂ ଡଲାରର ମୂଲ୍ୟ ପ୍ରାୟତଃ ସମାନଥିଲା । କିନ୍ତୁ ଏବେ ଡଲାରର ବିନିମୟ ମୂଲ୍ୟ ୮୦ ଟଙ୍କା ବା ତା ଠାରୁ ଅଧିକ ହେଲାଣି । ସୁନା ଭରି(୧୦ଗ୍ରାମ)ର ମୂଲ୍ୟ ସେତେବେଳେ ୮୦ଟଙ୍କା ଥିଲା ଏବେ ୫୫ ହଜାରରୁ ଅଧିକ ହେଲାଣି । ଆମ ଟଙ୍କାର ଏତେ ଅବମୂଲ୍ୟାୟନ ହେଲା କାହିଁକି ଓ କେମିତି ହେଲା ? ନିଶ୍ଚିତ ଭାବରେ ଆମ ଆର୍ଥୀକ ବ୍ୟବସ୍ଥାରେ କିଛି ତୃଟି ରହିଛି । ଏହି ଅବମୂଲ୍ୟାୟନର କାରଣ ମଧ୍ୟରୁ ବିମୁଦ୍ରୀକରଣ, କୋରୋନା ମହାମାରୀ ସମୟରେ ବ୍ୟବସାୟ ଠପ୍ ହେବା ଓ ଶିଳ୍ପ ସଂସ୍ଥା ବନ୍ଦ ହୋଇଯିବା ଭଳି କାରଣ ମଧ ଅନ୍ୟତମ । ଅନେକେ ଏହାକୁ ସରକାରଙ୍କ ବିଫଳତା ବୋଲି କହୁଛନ୍ତି ।

ଦେଶରେ ଜାତିଗତ ବିଦ୍ୱେଷ, ହିନ୍ଦୁ-ମୁସଲିମ କହି ସମାଜକୁ ବିଭାଜିତ କରିବା, ଉଚ୍ଚ ଜାତି, ନୀଚଜାତି, ପଛୁଆ ଜାତି ଭଳି ଜାତିକୁ ବିଭାଜିତ କରାଯିବା ଓ ସର୍ବୋପରି ଶିଳ୍ପପତି ମାନଙ୍କୁ ପ୍ରୋତ୍ସାହିତ କରାଯାଉଥିବା ବେଳେ ଗରୀବ ଲୋକଙ୍କୁ ୫କେଜି ଚାଉଳ ଗହମ ବାଣ୍ଟିବା ଭଳି ଘଟଣା କେବଳ ସମାଜକୁ ନୁହେଁ ଦେଶକୁ ଦୁର୍ବଳ କରିଦେଉଛି। କେବଳ ଏତିକି ନୁହେଁ ଦେଶ ଭିତରେ ଆଭ୍ୟନ୍ତରୀଣ କଳହ, ଏକଛତ୍ର ଶାସନ କବିବାର ଇଚ୍ଛା ମଧ ଦେଶର ବିକାଶ ପାଇଁ ବାଧା ସୃଷ୍ଟି କରୁଛି । ଶାସନ ଗାଦିରେ ଯିଏ ବସୁଛି ସିଏ ଲୋକଙ୍କ ସମସ୍ୟାକୁ ଗୁରତ୍ୱ ଦେବା ପରିବର୍ତ୍ତେ ପୂର୍ବ ସରକାରର ଦୋଷ ଗୁଣ ବଖାଣି ଲୋକଙ୍କ ଧ୍ୟାନ ସେଇ ଆଡ଼କୁ ଟାଣିନେବାକୁ ଚେଷ୍ଟା କରୁଛି । ଦେଶରେ ଶିକ୍ଷିତ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ନାହିଁ । ଦେଶରେ ଦରଦାମ ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଲୋକେ ଦରଦାମ ବୃଦ୍ଧି ଯୋଗୁଁ ନୟାନ୍ତ ହେଉଥିବା ବେଳେ ସରକାର ଏକଥାକୁ ଏଡ଼ାଇ ଚାଲିଛନ୍ତି । ଦେଶରେ ଭିନ୍ନ ଏକ ମାହୋଲ ସୃଷ୍ଟି ହେବାରେ ଲାଗିଛି । ସରକାରୀ ଦଳ କଂଗ୍ରେସ ମୁକ୍ତ ଭାରତ କଥା କହୁଥିବା ଓ କଂଗ୍ରେସର ଦୋଷ ଦୁର୍ଗୁଣ ଏବଂ କଂଗ୍ରେସ ସରକାର ଅମଳର ଭ୍ରଷ୍ଟାଚାର କଥା ବଖାଣୁଥିବା ବେଳେ କଂଗ୍ରେସ ମଧ ସରକାରୀ ଦଳର ଭ୍ରଷ୍ଟାଚାର ବାବଦରେ ଅନେକ ଅଭିଯୋଗ ଆଣୁଛି । ନେତା ମାନଙ୍କର ବକ୍ତବ୍ୟରେ ଅନେକ ସମୟରେ ଶାଳୀନତା ମଧ ରହୁନାହିଁ । ସଂସଦ କାର୍ଯ୍ୟ ଠିକ୍ ଭାବରେ ଚାଲିପାରୁନାହିଁ । ଗାନ୍ଧୀ-ନେହେରୁଙ୍କୁ ଅପମାନିତ କରାଯାଉଛି, ହିନ୍ଦୁ ଓ ମୁସଲିମ ସମାଜମଧ୍ୟରେ ଘୃଣା ଭାବ ବଢୁଛି । ଦେଶର ସାର୍ବଜନୀନ ସମ୍ପତ୍ତି ବିକ୍ରୀ ହେବାରେ ଲାଗିଛି। ଏମିତି ଅନେକ କଥା ଚାଲିଛି ଯେଉଁଥିପାଇଁ କିଂଭୂତକିମାକାର ପରିସ୍ଥିତି ସୃଷ୍ଟି ହେଉଛି । ଏବେ କିଛିଦିନ ତଳେ ନୂତନ ସଂସଦଭବନ ଉଦ୍‌ଘାଟନ ସମୟର ସେଙ୍ଗୋଲ(ରାଜଦଣ୍ଡ)କୁ ନେଇ ମଧ ବିବାଦ ସୃଷ୍ଟି ହୋଇଛି । ତାମିଲ ଭାଷାରେ ସେଙ୍ଗୋଲର ଅର୍ଥ ନ୍ୟାୟ । ଚୋଳ ଶାସକମାନଙ୍କ ରାଜ୍ୟାଭିଷେକ ସମାରୋହରେ ସେଙ୍ଗୋଲକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ଗତ ମେ ମାସ ୨୯ତାରିଖରେ ଇଣ୍ଡିଆନ ଏକ୍ସପ୍ରେସ୍ ଖବରକାଗଜରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅନ୍ୟତମ ପ୍ରମୁଖ ରାମ ମାଧବଙ୍କର ‘ଦି ସୁପ୍ରିମ୍ ଅଥରିଟି’ ଶୀର୍ଷକ ଲେଖା ପ୍ରକାଶ ପାଇଥିଲା । ରାମ ମାଧବ ସେଥିରେ ସେଙ୍ଗୋଲ କଥା ଉଠାଇ ରାଜଦଣ୍ଡକୁ ରାଜଚିହ୍ନର ପ୍ରତୀକ ବୋଲି ଉଲ୍ଲେଖ କରିଛନ୍ତି । ନରୱେ, ସ୍ୱିଡେନ୍, ଇଂଲଣ୍ଡରେ ଏବେ ରାଜଦଣ୍ଡର ପ୍ରଚଳନ ଅଛି ବୋଲି ମଧ ଲେଖିଥିଲେ । କିନ୍ତୁ ଏବେ ଭାରତରେ ରାଜତନ୍ତ୍ର ନାହିଁ । ଏଣୁ ସେଙ୍ଗୋଲ ପ୍ରସଙ୍ଗ ଉଠାଇ ରାମମାଧବ କ’ଣ କହିବାକୁ ଚାହୁଁଛନ୍ତି ? ସଂସଦ ଭବନ ଉଦ୍‌ଘାଟନ ସମାରୋହରେ ରାଷ୍ଟ୍ରପତି ଉପରାଷ୍ଟ୍ରପତିଙ୍କ ଅନୁପସ୍ଥିତିକୁ ନେଇ ଅନେକ ପ୍ରଶ୍ନ ମଧ ଉଠୁଛି । ଶାସକ ଓ ବିରୋଧି ପରସ୍ପର ବିରୁଦ୍ଧରେ କହିବେ । ରାଜନୀତିରେ ଏହା ନୂଆ କଥା ନୁହେଁ । କିନ୍ତୁ ସବୁ ପରେ ଲୋକଙ୍କ ଜ୍ୱଳନ୍ତ ସମସ୍ୟା କଥା ବୁଝିବା ଓ ଏହାର ସମାଧାନ କରାଯିବା ମଧ ଜରୁରୀ ।

**ରାମଚନ୍ଦ୍ରପୁର, ରଣପୁର**

# ବିଜୁଳି ବଳକା ଓଡ଼ିଶା ରାଜ୍ୟରେ ବିଜୁଳି ହୁଗୁଳା

॥ ସତ୍ୟ ମହାପାତ୍ର ॥

ଏବେ ଖରାର ତାତି ଅହେତୁକ ଭାବେ ଦିନକୁ ଦିନ ବଢ଼ି ଚାଲୁଥିବାବେଳେ ବାରମ୍ବାର ବିଜୁଳି କାଟ ହେଉଛି। ରାଜ୍ୟର ଉପାନ୍ତ ବା ଆଦିବାସୀ ବହୁଳ ଅଞ୍ଚଳ କଥା ଛାଡ଼ାନ୍ତୁ। କଟକ-ଭୁବନେଶ୍ୱର ପରି ଦ୍ୱୈତ ନଗରୀରେ ମଧ ବାରମ୍ବାର ବିଜୁଳି କାଟ ହେଉଛି। ବିଜୁଳି ଦାୟିତ୍ୱ ନେଇଥିବା ଟାଟା କମ୍ପାନୀ କହୁଛନ୍ତି ଯେ, ମେଣ୍ଟେନାନ୍ସ ପାଇଁ ବିଜୁଳି କଟା ହେଉଛି। କିନ୍ତୁ ବାସ୍ତବ କଥା ଅଲଗା। ରାଜ୍ୟରେ ପର୍ଯ୍ୟାପ୍ତ ବିଦ୍ୟୁତ ଉପଲବ୍ଧ ଥିବା ସତ୍ତ୍ୱେ ଗ୍ରୀଷ୍ମକାଳରେ ଘନ ଘନ ବିଦ୍ୟୁତ୍ କାଟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ନୂଆଦିଲ୍ଲୀସ୍ଥିତ ଶକ୍ତି, ପରିବେଶ ଓ ଜଳ ପରିଷଦ ଘରୋଇ କ୍ଷେତ୍ରରେ ଶକ୍ତି ବ୍ୟବହାର ସଂପର୍କରେ ତାର ରିପୋର୍ଟ ପ୍ରକାଶ କରିଛି। କାଉନସିଲ ଅନ୍ ଏନର୍ଜି, ଏନଭାୟରନମେଣ୍ଟ ଏଣ୍ଡ ୱାଟର ୨୦୨୦ ମସିହା ରିପୋର୍ଟରେ କୁହାଯାଇଛି ଯେ ଭାରତ ବର୍ଷରେ କୌଣସି ରାଜ୍ୟ ପାୱାର କଟରୁ ମୁକ୍ତ ନୁହେଁ। ହେଲେ ଉଦବେଗର ବିଷୟଟି ହେଉଛି ଯେ ଓଡ଼ିଶାର ଗ୍ରାମାଞ୍ଚଳର ପାୱାର କଟ ଜାତୀୟ ହାରାହାରି ପାୱାର କଟ ସମୟ ଅବଧି ଠାରୁ ଅଧିକ ରହିଛି। ଜାତୀୟସ୍ତରରେ ସହରାଞ୍ଚଳରେ ଦିନକୁ ହାରାହାରି ୧ଘଣ୍ଟା ୪୦ ମିନିଟ ପାୱାର କଟ ହେଉଛି। ଗ୍ରାମାଞ୍ଚଳ ଏହା ୪ ଘଣ୍ଟା ଅଟେ। ଓଡ଼ିଶାରେ କିନ୍ତୁ ଗ୍ରାମାଞ୍ଚଳରେ ଦୈନିକ ୪ ଘଣ୍ଟା ୧୦ ମିନିଟ ବିଦ୍ୟୁତ୍ କାଟ ହେଉଥିବାବେଳେ ସହରାଞ୍ଚଳରେ ଜାତୀୟ ହାର ଠାରୁ ସାମାନ୍ୟ କମ ଅର୍ଥାତ ୧ଘଣ୍ଟା ୩୦ ମିନିଟ ପାଖାପାଖି ଲୋକ ଅନ୍ଧାରରେ ରହୁଛନ୍ତି।

ଉକ୍ତ ରିପୋର୍ଟ କହୁଛି ଯେ ଉତ୍ତରପ୍ରଦେଶରେ ସବୁଠାରୁ ଅଧିକ ପାୱାର କଟ ହେଉଛି। ସେଠାରେ ଗ୍ରାମାଞ୍ଚଳରେ ଦୈନିକ ଆଠ ଘଣ୍ଟା ଓ ସହରାଞ୍ଚଳରେ ଚାରି ଘଣ୍ଟା ପାୱାର କଟ କରାଯାଉଛି। ଓଡ଼ିଶା ଠାରୁ ଅଧିକ ପାୱାର କଟ ଝାଡ଼ଖଣ୍ଡ, ହରିୟାଣା, ଆସାମ, ବିହାର, ରାଜସ୍ଥାନ, ଛତିଶଗଡ଼ ଭଳି ରାଜ୍ୟରେ ହେଉଛି। ଏ କ୍ଷେତ୍ରରେ ଉଲ୍ଲେଖନୀୟ ଦିଗଟି ହେଉଛି ବିକଶିତ ରାଜ୍ୟରେ ପାୱାର କଟ ପରିମାଣ ଯଥେଷ୍ଟ କମ। ଦିଲ୍ଲୀରେ ସବୁଠାରୁ କମ ସମୟ ପାୱାର କଟ କରିବାକୁ ପଡୁଛି। ଏଠାରେ ଦୈନିକ ପାୱାର କଟ ଅବଧି ମାତ୍ର ୩୦ ମିନିଟ ରହିଛି। ସେହିଭଳି ଜାତୀୟ ହାରାହାରି ପାୱାର କଟ ଠାରୁ ଯଥେଷ୍ଟ କମ ସମୟ ପାୱାର କଟ କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ହିମାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ପଞ୍ଜାବ, ତାମିଲନାଡୁ, ଗୁଜୁରାଟ, କେରଳରେ ହେଉଛି। କେରଳରେ ପାୱାର କଟ ସମୟ ଦିଲ୍ଲୀ ପରେ ତଳଆଡୁ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଗୁଜୁରାଟ ଏହି ଧାରାରେ ତୃତୀୟରେ ରହିଛି। କେଉଁଠି ନା କେଉଁଠି ଏହି ଚିତ୍ର ସୂଚାଇ ଦେଉଛି ଯେ ଭାରତ ଶକ୍ତି କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିପାରୁନାହିଁ। ବିକଶିତ ରାଜ୍ୟ ଗୁଡ଼ିକ ଜାତୀୟ ହାରାହାରି ପାୱାର କଟ ଠାରୁ କମ ସମୟ ବିଦ୍ୟୁତ କାଟ କରୁଥିବାବେଳେ ପଛୁଆ ରାଜ୍ୟ ଗୁଡ଼ିକ ଜାତୀୟ ହାରାହାରି ପାୱାର କଟ ଠାରୁ ଅଧିକ କରୁଛନ୍ତି।

ଏହି ରିପୋର୍ଟ କିନ୍ତୁ ଓଡ଼ିଶା କ୍ଷେତ୍ରରେ ଆଉ ଏକ ରହସ୍ୟର ଉନ୍ମୋଚନ କରିଛି। ବିଦ୍ୟୁତ୍ ଆବଣ୍ଟନ କମ୍ପାନୀ କିଭଳି ଅଘୋଷିତ ଭାବେ ବିଦ୍ୟୁତ କାଟ କରିଚାଲିଛନ୍ତି, ଏହାର ପର୍ଦ୍ଦାଫାଶ ହୋଇଛି। ଘନ ଘନ ବିଦ୍ୟୁତ କାଟ ହେଉଥିବା ବେଳେ କମ୍ପାନୀମାନେ ଏହାକୁ ଅସ୍ୱୀକାର କରି ଚାଲିଛନ୍ତି। ଲୋକେ ଫୋନ କଲେ କେତେବେଳେ ମରାମତି ଚାଲିଛି ବୋଲି କୁହାଯାଉଛି, ଆଉ କେବେ ଅଧିକାରୀମାନେ ଫୋନ ଧରନ୍ତି ନାହିଁ। ଶକ୍ତି ସମୀକ୍ଷକମାନଙ୍କର ଯୁକ୍ତି ହେଲା ଯେ ଓଡ଼ିଶାର ପ୍ରାକୃତିକ ସମ୍ପଦ ମହଜୁଦ ରହିଛି। ରାଜ୍ୟ ଶକ୍ତି କ୍ଷେତ୍ରରେ ଏକ ସୁବିଧାଜନକ ସ୍ଥିତିରେ ରହିଛି ଓ ବରଦାନ ବୋଲି କୁହାଯାଇପାରିବ। ହେଲେ ଏହାକୁ ଠିକ ଭାବରେ ବ୍ୟବହାର କରାଯାଇପାରୁନାହିଁ। ଓଡ଼ିଶା ଶକ୍ତି କ୍ଷେତ୍ରରେ ସର୍ବ ଭାରତ ସ୍ତରରେ ଏକ ନମ୍ବର ହେବାର ଯୋଗ୍ୟତା ଥିଲେ ବି ପରିଚାଳନାଗତ ଅପରାଗତା ଏତେ ପ୍ରବଳ ହୋଇଛି ଯେ ପିକ ସମୟରେ ପାୱାର କଟ କରାଯାଉଛି। ଗ୍ରାମାଞ୍ଚଳ କଥା ନକହିବା ଭଲ। ସର୍ବ ଭାରତ ସ୍ତରରେ ଓଡ଼ିଶା ପାୱାର କଟ କରିବାରେ ଜାତୀୟ ହାରାହାରି ପାୱାର କଟ ଠାରୁ ଅଧିକ ରହିବା ଗୋଟିଏ ଲଜ୍ଜାଜନକ ଘଟଣା।

ତଥ୍ୟ କହୁଛି ଯେ ଓଡ଼ିଶାରେ ଗ୍ରୀଷ୍ମ ଋତୁରେ ସର୍ବୋଚ୍ଚ ବିଦ୍ୟୁତ ଚାହିଦା ୫୫୦୦ ମେଗାୱାଟ ରହୁଛି। ହେଲେ ରାଜ୍ୟରେ ବିଭିନ୍ନ ସୂତ୍ରରୁ ପ୍ରାୟ ୬୫୦୦ ମେଗାୱାଟ ବିଦ୍ୟୁତ ଉପଲବ୍ଧ ଅଛି। ଓଡ଼ିଶା ଜଳ ବିଦ୍ୟୁତ ନିଗମର କ୍ଷମତା ୨୧୦୦ ମେଗାୱାଟ। ଏହି ସଂସ୍ଥା ଅତି କମରେ ୧୫୦୦ ମେଗାୱାଟ (୧୮୦୦ ମେଗାୱାଟ ବି ଉତ୍ପାଦନ କରିପାରେ) ବିଦ୍ୟୁତ୍ ଉତ୍ପାଦନ କରିବାର ସାମର୍ଥ୍ୟ ରଖେ। ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମର ସ୍ଥାପିତ କ୍ଷମତା ୧୭୪୦ ମେଗାୱାଟ। ଏଠାରୁ ଅତି କମରେ ୧୨୭୦ ମେଗାୱାଟ ବିଦ୍ୟୁତ ଉପଲବ୍ଧ ହେବା କଥା। ବେଦାନ୍ତ, ଜିଏମଆର, ଜିନ୍ଦଲ, ନବଭାରତ ଭଳି ବେସରକାରୀ ସ୍ୱାଧୀନ ବିଦ୍ୟୁତ କେନ୍ଦ୍ରଗୁଡ଼ିକରୁ ରାଜ୍ୟ ଦୈନିକ ୯୬୦ ମେଗାୱାଟ ବିଦ୍ୟୁତ ପାଇବାକୁ ହକଦାର। କେବଳ ସେତିକି ନୁହେଁ ଏହି ବିଦ୍ୟୁତ ଅତି ସୁଲଭ ଦରରେ ଉପଲବ୍ଧ, ଯାହାକୁ ଆମେ ବର୍ଷ ବର୍ଷ ଧରି ହାତଛଡ଼ା କରି ଆସିଛନ୍ତି। ଘରୋଇ କମ୍ପାନୀଙ୍କୁ ଅନୁକମ୍ପା ପ୍ରଦର୍ଶନ କରିବାକୁ ଯାଇ ରାଜ୍ୟର ଲକ୍ଷ ଲକ୍ଷ ଉପଭୋକ୍ତାଙ୍କୁ କେବଳ ମହଙ୍ଗା ବିଦ୍ୟୁତ୍ ଦିଆଯାଇଛି ଏବଂ ଅନ୍ଧାରରେ ବି ରଖାଯାଇଛି। ସେହିଭଳି ଶିଳ୍ପ ମାନଙ୍କ ପାଇଁ ସ୍ଥାପିତ ନିଜସ୍ୱ ବିଦ୍ୟୁତ କେନ୍ଦ୍ରଗୁଡ଼ିକରୁ ରାଜ୍ୟ ୫୫୦ ମେଗାୱାଟ ପାଇପାରିବ। ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ଜଳ ଓ ତାପଜ ବିଦ୍ୟୁତ କେନ୍ଦ୍ରରୁ ୧୭୦୦ ମେଗାୱାଟ ଏବଂ ଅକ୍ଷୟ ଶକ୍ତି ସୂତ୍ରରୁ ୪୫୦ ମୋଗୱାଟ ସମୁଦାୟ ୨୧୫୦ ମୋଗୱାଟ ବିଦ୍ୟୁତ ମିଳିବାର ସୁଯୋଗ ରହିଛି। ମୋଟାମୋଟି ଭାବେ ରାଜ୍ୟ ସୂତ୍ରରୁ ୪୩୫୦ ମେଗାୱାଟ ଏବଂ କେନ୍ଦ୍ର ସୂତ୍ରରୁ ୨୧୫୦ ମେଗାୱାଟ ଏହିଭଳି ଦୈନିକ ୬୫୦୦ ମେଗାୱାଟ ଉପଲବ୍ଧ ଥିବାବେଳେ ଏହାଠାରୁ ପାଖାପାଖି ହଜାରେ ମେଗାୱାଟରୁ କମ ବିଦ୍ୟୁତ ଚାହିଦା ପିକ ସମୟରେ ରହିଛି। ଏତେ ସୁବିଧା ଥାଇ ବି ରାଜ୍ୟରେ ବିଦ୍ୟୁତ କାଟ କରାଯିବା ପ୍ରଶାସନିକ ଅପରାଗତା, ଦୂରଦୃଷ୍ଟିହୀନତା ଏବଂ ଏକ ବିଡ଼ମ୍ବନା ବୋଲି ହିଁ କୁହାଯାଇପାରିବ।

କେବଳ ସେତିକି ନୁହେଁ, ଗତ ଦଶନ୍ଧିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ୨୦ ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗ ହୋଇଛି, ଖାସ ଭିତ୍ତିଭୂମିର ବିକାଶ ଲାଗି। ଏହାସତ୍ତ୍ୱେ ମରାମତି, ରକ୍ଷଣାବେକ୍ଷଣ କାରଣରୁ ବିଦ୍ୟୁତ କାଟ ଏବଂ ବାଣିଜ୍ୟ ଓ ବିତରଣ ଜନିତ କ୍ଷତି (ହାରାହାରି ୨୮%) ସୂଚାଇ ଦେଉଛି ଯେ ସମୁଦାୟ କ୍ଷେତ୍ରଟି ଗୋଟିଏ ବଡ଼ କେଳେଙ୍କାରୀ ଭିତରେ ଛନ୍ଦି ହୋଇଯାଇଛି।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ‘ସତ୍ୟାଳୟ’ ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ : ୯୬୫୮୧୦୫୫୩୨**

# ସିଙ୍ଗଲ ୟୁଜ ପ୍ଲାଷ୍ଟିକ ହଟାଯାଉ

॥ ସତ୍ୟ ମହାପାତ୍ର ॥

କେନ୍ଦ୍ର ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପୁନର୍ବାର ଦେଶର ସମସ୍ତ ପୌର ସଂସ୍ଥାକୁ ସିଙ୍ଗଲ ୟୁଜ ବା ଏକକ ବ୍ୟବହାର ପ୍ଲାଷ୍ଟିକକୁ ହଟାଇବାକୁ କହିଛନ୍ତି। କାରଣ ଏହା ପ୍ରଦୂଷଣର ଏକ ପ୍ରଧାନ ଉତ୍ସ। ଗତ ବିଶ୍ୱ ପରିବେଶ ଦିବସ ପୂର୍ବରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଅତୀତରେ ଏପରି ନିର୍ଦ୍ଦେଶ ବହୁବାର ଦିଆଯାଇଥିଲା। ଗଲା ଫେବୃଆରୀରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ସବୁପୌର ସଂସ୍ଥାକୁ ଆଗାମୀ ଜୁଲାଇ ପହିଲାରୁ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲା। ଦେଶରେ ଥିବା ୪୭୦୦ରୁ ଉର୍ଦ୍ଧ୍ୱ ପୌର ସଂସ୍ଥାରୁ ୨୫୦୦ଟି ସଂସ୍ଥା ଏହି ନିଷେଧାଦେଶ ବିଜ୍ଞପ୍ତି ପ୍ରକାଶ କରିସାରିଲେଣି। ଯେଉଁମାନେ ଉକ୍ତ ନିଷ୍ପତ୍ତିକୁ ଲାଗୁ କରିନାହାନ୍ତି ସେମାନଙ୍କୁ ମନେ ପକାଇ ଦେବା ଲାଗି ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଏବେକାର ନିର୍ଦ୍ଦେଶନାମା ଜାରି କରିଛି। କିନ୍ତୁ ପୌର ସଂସ୍ଥାଗୁଡ଼ିକ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ନିଷେଧ ବିଜ୍ଞପ୍ତି ପ୍ରକାଶ କରିବା ଲାଗି ରାଜ୍ୟ ସରକାର ଗୁଡ଼ିକ ନିର୍ଦ୍ଦେଶ ଦେବା ଦରକାର। କାରଣ ରାଜ୍ୟ ସରକାର ଗୁଡ଼ିକ ହିଁ ସେମାନଙ୍କର ଅସଲ କର୍ତ୍ତୃପକ୍ଷ।

ମନ୍ତ୍ରଣାଳୟ ମଧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ କହିଛନ୍ତି। ତନ୍ମଧ୍ୟରେ ସଫେଇ ଓ ଚାଲିଲା ବେଳେ ଅଳିଆ ଉଠାଇବା, ଦୈନନ୍ଦିନ ବ୍ୟବହାରରୁ ପ୍ଲାଷ୍ଟିକ ଦୂର କରିବାର ଆବଶ୍ୟକତା ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଅନ୍ତର୍ଭୁକ୍ତ। ମନ୍ତ୍ରଣାଳୟ ମଧ ପରାମର୍ଶ ଦେଇଛନ୍ତି ଯେ, ସିଙ୍ଗଲ ୟୁଜ ପ୍ଲାଷ୍ଟିକର ବିକଳ୍ପ ଭାବେ କପଡ଼ା, ଝୋଟ ଓ ଅନ୍ୟାନ୍ୟ ପଚି ପାରୁଥିବା ସାମଗ୍ରୀକୁ ଚିହ୍ନଟ କରି ସେ ସବୁର ବ୍ୟବହାରକୁ ବଢ଼ାଯିବା ଦରକାର। ଗତ କିଛି ବର୍ଷ ମଧ୍ୟରେ ପରିବେଶ ଉପରେ ପ୍ଲାଷ୍ଟିକର କ୍ଷତିକାରକ ପ୍ରଭାବକୁ ସାଧାରଣ ଲୋକେ କିଛିଟା ବୁଝିଲେଣି। ଗଣମାଧ୍ୟମ ଓ ଅନ୍ୟାନ୍ୟ ପନ୍ଥାରେ ସଚେତନତା ସୃଷ୍ଟି ଯୋଗୁଁ ଏହା ସମ୍ଭବ ହୋଇଛି। ସେ ସବୁର ବ୍ୟବହାରକୁ ଏଡ଼ାଇବା କ୍ଷେତ୍ରରେ କିଛିଟା ଅଗ୍ରଗତି ହେଲାଣି। କିନ୍ତୁ ସମସ୍ୟା ହେଲା ମୂଲ୍ୟ, ସୁବିଧା ଓ ବିକଳ୍ପ ଦ୍ରବ୍ୟ ମିଳିବା। ସେଥିଯୋଗୁଁ ଦୈନନ୍ଦିନ ବ୍ୟବହାରରୁ ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ଭାବେ ହଟାଇବାର ଯୋଜନା ବାଧାପ୍ରାପ୍ତ ହେଉଛି। ଭାରତ ପରି ବଡ଼ ଦେଶରେ ଯେକୌଣସି ଯୋଜନାର କାର୍ଯ୍ୟକାରିତା ସମୟ ନିଏ, କିନ୍ତୁ ବଡ଼ କଥା ହେଲା ପ୍ଲାଷ୍ଟିକ ପ୍ରତି ସତର୍କତା। ଦୋକାନୀମାନେ ଅନେକ କ୍ଷେତ୍ରରେ ଖୋଲାରେ ଗ୍ରାହକଙ୍କୁ ପ୍ଲାଷ୍ଟିକି ବ୍ୟାଗରେ ଜନିଷି ଦେବାକୁ ପଛାଉଛନ୍ତି। ଆଗରୁ ଲୋକେ ଗାଁ ହାଟ ବା ସହରର ଦୋକାନକୁ ନିଜ ଘରୁ ବ୍ୟାଗ ଧରି ଜିନିଷ କିଣିବାକୁ ଯାଉଥିଲେ। ସେହି ବ୍ୟାଗ ସେମାନଙ୍କ ଘରେ ଅନ୍ୟାନ୍ୟ ସ୍ଥାୟୀ ସାମଗ୍ରୀ ପରି ରହୁଥିଲା। ଏବେ ଗ୍ରାହକମାନେ ଆଉ ବଜାରକୁ ବ୍ୟାଗ ଧରି ଯାଉନାହାନ୍ତି। ପୁରୁଣା ଅଭ୍ୟାସ ଆସି ଲୋକେ କପଡ଼ା ବ୍ୟାଗ ବା ପ୍ଲାଷ୍ଟିକର ବିକଳ୍ପ ଅନ୍ୟ କିଛି ନେଇ ଦୋକାନକୁ ଯିବା ଉଚିତ। କେବଳ ପ୍ଲାଷ୍ଟିକ ବ୍ୟାଗ ନୁହେଁ ଆଉ କେତେକ ସାମଗ୍ରୀକୁ ବର୍ଜନ କରିବାକୁ ପଡ଼ିବ। ପ୍ଲାଷ୍ଟିକ ପତାକା, ଆଇସକ୍ରିମ ଓ କ୍ୟାଣ୍ଡେଷ୍ଟିକ, ସାଜସଜା ପାଇଁ ବ୍ୟବହୃତ ଥର୍ମକୁଲ, ପ୍ଲାଷ୍ଟିକରେ ପ୍ରସ୍ତୁତ ପ୍ଲେଟ, କପ, ମିଠା ବାକ୍ସ ଲାଗି ର୍‌ୟାପର, ସିଗାରେଟ ପ୍ୟାକେଟ ଓ ଅନ୍ୟାନ୍ୟ ପିଭିସି ସାମଗ୍ରୀକୁ ବର୍ଜନ କରିବା ଦରକାର। ତଦ୍ୱାରା ନିଷେଧାଦେଶର ପ୍ରଭାବ ବ୍ୟାପକ ଭାବେ ଅନୁଭୂତ ହେବ। ପ୍ଲାଷ୍ଟିକ ସମସ୍ୟା ସମାଧାନର ପ୍ରକୃଷ୍ଟ ଉପାୟ ହୋଇଥାନ୍ତା। ଯଦି ପଚି ପାରୁଥିବା ପ୍ଲାଷ୍ଟିକ ଉତ୍ପାଦନ କରିହୁଅନ୍ତା। ଅର୍ଥାତ୍ ଏପରି ପ୍ଲାଷ୍ଟିକ ଉତ୍ପାଦିତ ହେବା ଦରକାର ଯାହା ତୁରନ୍ତ ପଚି ଓ ତାହା ପ୍ରଦୂଷଣକାରୀ ହେବନାହିଁ। ସବୁ ସମସ୍ୟାର ବୈଷୟିକ ସମାଧାନ ହିଁ ଶ୍ରେଷ୍ଠ ଉପାୟ। ବୈଜ୍ଞାନିକମାନେ ଏ ଦିଗରେ କାମ କରିବା ଉଚିତ। ପଚି ପାରୁଥିବା ପ୍ଲାଷ୍ଟିକ ଯେଭଳି ଶସ୍ତାରେ ଉତ୍ପାଦିତ ହୋଇପାରିବ ତାହା ମଧ ସେମାନଙ୍କର ଲକ୍ଷ୍ୟ ହେବା ଦରକାର। ନଚେତ ତାର ବଜାର ଗ୍ରହଣୀୟତା ରହିବନାହିଁ। ସିଙ୍ଗଲ ପ୍ଲାଷ୍ଟିକ ଆମ ପ୍ରଦୂଷଣ ସହ ସାମାଜିକ ଜୀବନକୁ କ୍ଷତି କରଛି। ତେଣୁ ଏ ନେଇ ଆମମାନଙ୍କ ଭିତରେ ସଚେତନତା ଅତ୍ୟନ୍ତ ଜରୁରୀ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ‘ସତ୍ୟାଳୟ’ ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ : ୯୬୫୮୧୦୫୫୩୨

## ଜାତୀୟ ନବଜାତ ଶିଶୁ ସପ୍ତାହ



ଅନୁଗୋଳ,(ମହାଭାରତ):ଜିଲ୍ଲା ସ୍ତରୀୟ ଜାତୀୟ ନବଜାତ ଶିଶୁ ସପ୍ତାହ ଆଜି ହୁଲୁରୁସିଙ୍ଗାଠାରେ ଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ପାଳିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ବିଶ୍ୱବିହାରୀ ମହାନ୍ତି ଅଧକ୍ଷତା କରିଥିଲେ । ପ୍ରତିବର୍ଷ ଉକ୍ତ ସପ୍ତାହ ନଭେମ୍ବର ମାସ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ପାଳିତ ହୁଏ । ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ଅଭିଭାଷଣରେ ଏ ବର୍ଷର ବାର୍ତ୍ତା , ନିରାପତ୍ତା ଓ ଗୁଣବତ୍ତା ସହିତ ଉତ୍ତମ ସେବା ପ୍ରତ୍ୟେକ ଶିଶୁର ଜନ୍ମଗତ ଅଧୀକାର ଉପରେ ଆଲୋକପାତ କରିଥିଲେ । ଗୋଷ୍ଠୀ ଓ ଆନୁଷ୍ଠାନିକ ସହଭାଗିତାରେ ନବଜାତ ଶିଶୁର ଯତ୍ନ କିପରି ସଠିକ୍ ଭାବରେ ନେଇ ଶିଶୁ ମୃତ୍ୟହାର କମାଯାଇ ପାରିବ ସମସ୍ତଙ୍କୁ ନିବେଦନ କରିବା ଏହି ସପ୍ତାହ ପାଳନର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ପୂର୍ଣ୍ଣିମା ଉଦଗାତା ନିଜ ଅଭିଭାଷଣରେ ନବଜାତ ଶିଶୁ ସପ୍ତାହ ପାଳନ କରିବାର ଆଭିମୁଖ୍ୟ ଓ ଗୋଷ୍ଠୀ ସ୍ତରରେ ଆଶା ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ପୂର୍ଣ୍ଣ ଅଟେ ବୋଲି ସେ କହିଥିଲେ। ଜନ୍ମର ୨୮ ଦିନ ମଧ୍ୟରେ ଶିଶୁ ମୃତ୍ୟୁହାର ଅଧିକ ହୁଏ, ତେଣୁ ନବଜାତ ଶିଶୁର ଯତ୍ନ ଠିକ୍ ଭାବେ ନେଇପାରିଲେ ଆମେ ଏହି ମୁଲ୍ୟବାନ ଜୀବନ ବଞ୍ଚେଇ ପାରିବା ବୋଲି କହିଥିଲେ । ଡା. ଦେବାଶିଷ ପ୍ରଧାନ ଓ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ଦିପକ କୁମାର ମହାନ୍ତି ନବଜାତ ଶିଶୁ ସପ୍ତାହ ପାଳନ କରିବାର ତାତ୍ପର୍ଯ୍ୟ ଓ ପ୍ରଚାର ପ୍ରସାର ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରସୁତୀ ମହିଳା, ଆଶା, ପାରାମେଡିକାଲ ଷ୍ଟାଫ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ଫପସି ମହୋତ୍ସବ ଉଦ୍‌ଘାଟିତ

## ପଞ୍ଚମ ରଜନୀରେ ରଙ୍ଗବତୀ ଗୀତ ରେ ଝୁମିଲେ ଦର୍ଶକ

ଟିଟିଲାଗଡ଼/ (ମହାଭାରତ ) ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଅନ୍ତର୍ଗତ ଗଣ୍ଡପତ୍ରାପାଲି ଫପସି ଠାରେ ଫପସି ମହୋତ୍ସବ ଉଦଘାଟିତ ହୋଇଯାଇଛି । କମିଟି ସଭାପତି ମାଘା ମୁନାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯକ୍ରମ ରେମୁଖ୍ୟ ଅତିଥି ଭାବେ ରେହାନା କ୍ଷେତ୍ରୀ ସମ୍ମାନିତ ଅତିଥି ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ସମ୍ବଲପୁରୀ ଗାୟକ ରୁକୁ ସୁନା,ଅତିରିକ୍ତ ମହା ପ୍ରବନ୍ଧକ ଗୋଲାବାରୁଦ କାରଖାନା ଶ୍ରୀକାନ୍ତ ସେଠି,ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସରପ□ ସଂଗଠନ



ବିରବର ସାହୁ,ଅଶୋକ ସାହୁ,ଅନୁସାୟ ସେଠ,ଗୀତାଞ୍ଜଳି ପଣ୍ଡା,ରାଜେନ୍ଦ୍ର ଜାନି,ସନ୍ଦୀପ ସିଂବାବୁ,ରେଶ ଛତ୍ରିଆ,ପରମାନନ୍ଦ ମହାନନ୍ଦ, ସଇଁତଲା ସାମ୍ବାଦିକ ସଂଘ ସଭାପତି ତରୁଣ ବେହେରା, ଯୁବ ସାମ୍ବାଦିକ ଗୋକୁଳାନନ୍ଦ ବଗର୍ତ୍ତି,ରାଜୁ ମହାନନ୍ଦ ଓ ସୁଧୀର ଦୀପ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚରେ ପଦ୍ମଶ୍ରୀ ଜିତେନ୍ଦ୍ର ହରପାଲ ଓ ପଶ୍ଚିମ ଓଡ଼ିଶା ର ସମ୍ବଲପୁରୀ ଗାୟକ ରକୁ ସୁନାଙ୍କ ସମ୍ବଲପୁରୀ ଗୀତ ରେ ଦର୍ଶକ ଝୁମି ଥିଲେ। ମଞ୍ଚ ପରିଚାଳନା କରିଥିଲେ ରୋହିତ ମହନନ୍ଦ ତରୁଣ ସୁନା ଶେଷ ରେ ଧନ୍ୟବାଦ ପ୍ରଧାନ କରିଥିଲେ ସରପଞ୍ଚ□ ମନେଶ ସୁନା।

## ଥୁଆମୁଳ ରାମପୁର ଠାରେ ବି.ଜେ.ଡି ପକ୍ଷରୁ କର୍ମୀ ସମାବେଶ

କଳାହାଣ୍ଡି ଥୁଆମୂଳ ରାମପୁର, (ମହାଭାରତ):ମଙ୍ଗଳବାର ଥୁଆମୁଳ ରାମପୁର ସାହୁ ଜଙ୍ଗଲ ପଡିଆ ଠାରେ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ କର୍ମୀ ସମାବେଶ ଅନୁଷ୍ଠିତ ହେଇଥିଲା। ବ୍ଲକ ବିଜୁ ଜନତା ଦଳ ସଭାପତି କପିଳାଶ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମୀ ସମାବେଶରେ ବରିଷ୍ଠ ନେତା ମାଣିକ୍ୟ ଚନ୍ଦ୍ର ନାଏକ, ଜିଲ୍ଲା ମହିଳା ସେଲ ସମ୍ପାଦିକା ଯଶୋବନ୍ତୀ ନାଏକ, ବ୍ଲକ ମହିଳା ସେଲ ସଭାନେତ୍ରୀ କସ୍ତୁରୀ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟା ଟୁନି ଖୋସ୍ଲା, ଥୁଆମୁଳ ରାମପୁର ପଞ୍ଚାୟତର ସମିତି ସଭ୍ୟା ପୁଷ୍ପାଞ୍ଜଳୀ ନାଏକ, କୃଷ୍ଣ ଚନ୍ଦ୍ର ନାଏକ, ବିପିନ ନାଏକ, ବ୍ଲକ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ନାଏକ, ଛାତ୍ର ବିଜେଡି ସଭାପତି ଚନ୍ଦନ ନାଏକ ପ୍ରମୁଖ କର୍ମୀଙ୍କ ସମେତ ୨୪ ଗୋଟି ପଞ୍ଚାୟତର କର୍ମୀ ମାନେ ଉପସ୍ଥିତ ରହିଥିଲେ। ଏଥିରେ ଦଳୀୟ ସଂଗଠନ ମଜଭୁତ କରିବା ନେଇ ଆଲୋଚନା କରାଯାଇଥିଲା । ଏହାସହ ପୁରୁଣା କର୍ମୀଙ୍କ ନୂତନ ସଭ୍ୟ ସଂଗ୍ରହ ନେଇ ଆଲୋଚନା କରାଯାଇଥିଲା।ଦୀର୍ଘ ୨୪ ବର୍ଷ ଧରି ବିଜୁ ଜନତା ଦଳର ଶାସନ ସମୟରେ ସରକାର ନେଇ ଥିବା ବିଭିନ୍ନ ଜନ ହିତକର ଯୋଜନା ସମ୍ବନ୍ଧରେ ଲୋକଙ୍କୁ ବୁଝାଇ ଆଗାମୀ ଦିନ ପାଇଁ ବଳ ଜୁଟାଇବାର ପ୍ରୟାସ କରାଯାଇଛି।

## ନାଲକୋ ଶ୍ରମିକ କଂଗ୍ରେସ ୟୁନୀୟନ୍ ର ୪୩ ତମ ପ୍ରତିଷ୍ଠା ଦିବସ ପାଳିତ

ନାଲକୋ, ମହାଭାରତ ):ଅନୁଗୋଳ ଜିଲ୍ଲା ର ନବରତ୍ନ ଉଦ୍ୟୋଗ ନାଲକୋ ର ସର୍ବ ପୁରାତନ ଶ୍ରମିକ ସଙ୍ଗଠନ ନାଲକୋ ଶ୍ରମିକ କଂଗ୍ରେସ ୟୁନୀୟନ୍ ତାର ୪୩ ତମ ପ୍ରତିଷ୍ଠା ଦିବସ ନାଲକୋ ପ୍ରଶିକ୍ଷଣ କେନ୍ଦ୍ର ଅଡିଟରୀୟମ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ମୁଖ୍ୟ ଅତିଥି ଭାବେ (ଆଇ.ଏନ୍.ଟି.ୟୁ.ସି) ର ରାଜ୍ୟ ସଭାପତି ଡାକ୍ତର ରାମ ଚନ୍ଦ୍ର ଖୁଣ୍ଟିଆ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ନାଲକୋ ର ନିର୍ବାହୀ ନିର୍ଦେଶକ ଶ୍ରୀନିବାସ ସୁଭ୍ରମନ୍ୟମ ନରୋଲା ଯୋଗ ଦେଇଥିଲେ । ଅନ୍ୟ ସମ୍ମାନୀତ ଅତିଥି ମାନଙ୍କ ମଧ୍ୟରେ ସିପିପି ର ଗୋଷ୍ଠୀ ସାଧାରଣ ପରିଚାଳକ ଅମରେନ୍ଦ୍ର ମିଶ୍ର , ସତ୍ୟବାଦୀ ମିଶ୍ର ,(ଆଇ.ଏନ୍.ଟି.ୟୁ.ସି)ର ରାଜ୍ୟ ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ଜେନା ,(ଆଇ.ଏନ୍.ଟି.ୟୁ.ସି) ର ଉପ ସଭାପତି ମଦନ ମୋହନ ଧଳ , ନେଶ୍ ର ସଭାପତି ନିର୍ମଳ ସାମଲ , କଂଗ୍ରେସ୍ ନେତ୍ରୀ ସସ୍ମିତା ବେହେରା , କୁଲାଡ ଟ୍ରକ୍ ମାଲିକ ସଂଘ ର ସମ୍ପାଦକ ରାଜୀବ ଲୋଚନ ଜେନା ଉପସ୍ଥିତ ଥିଲେ। ସଂଗଠନ ର ସଭାପତି ସନ୍ତୋଷ ରାଉତ ସ୍ୱାଗତ ଅଭିଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ନାଲକୋ ପ୍ରତିଷ୍ଠା କୁ ୪୪ ବର୍ଷ ହୋଇଥିବା ବେଳେ ୪୩ ବର୍ଷ ଧରି ଏହି ସଂଗଠନ ଟି ଶ୍ରମିକ ମାନଙ୍କ ହିତ ପାଇଁ କାର୍ଯ୍ୟ କରି ଆସୁଛି । ନାଲକୋ ର ନିଜସ୍ ବିଦ୍ୟୁ କାରଖାନା (ସିପିପି) ର ଚଳିତ ବର୍ଷ କର୍ମଚାରୀ ମାନଙ୍କ ଭୋଟ ପାଇ ସିକୃତି ପ୍ରାପ୍ତ ସଂଗଠନ ଭାବରେ ରହିଛି । ସଙ୍ଘର୍ଷ ଓ ସଫଳତାରୁ ଜନ୍ମ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନୟ ଘରୋଇକରଣ ଓ ଆଲୁମିନା ବିକ୍ରି ବିରୁଦ୍ଧରେ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ ଲଢେଇ କରିଥିଲା ଓ ଲଢେଇ କରି ସଫଳତା



ମଧ୍ୟ ପାଇଥିଲାୟନବରତ୍ନ କମ୍ପାନୀ ନାଲକୋ ନିଜସ୍ ତାପଜ ବିଦ୍ୟୁତ କେନ୍ଦ୍ର ( ସିପିପି) ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ସଙ୍ଘର୍ଷ କରୁଛି। ନାଲକୋ ଭାରତ ସରକାରଙ୍କ ଏକମାତ୍ର ସରକାରୀ ଆଲୁମିନିୟମ କାରଖାନା । ଲକ୍ଷାଧିକ ଲୋକଙ୍କୁ ସ୍ୱାବଲମ୍ବୀ କରିପାରିଛି। ଜମିହରା ପ୍ରଜାଙ୍କୁ ନିଯୁକ୍ତି ପ୍ରଦାନ କରିଛି। ସାମାଜିକ ଦାୟିତ୍ୱବୋଧ ନିର୍ବାହ କରିଛି। ସର୍ବାଧିକ ରେକର୍ଡ ଲାଭ କରିଛି । ସେହିପରି ସର୍ବାଧିକ ରେକର୍ଡ ଉତ୍ପାଦନ ମଧ୍ୟ କରି ପାରିଛି। ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଲାଭ ମଧ୍ୟ କରି ଆସୁଛି, ତାହେଲେ ନବରତ୍ନ କମ୍ପାନୀ ନାଲକୋର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ କାହିଁକି ସୃଷ୍ଟି ହେଉଛି ବୋଲି ପ୍ରଶ୍ନ କରିଥିଲେ ମୁଖ୍ୟ ଅତିଥି ଡାକ୍ତର ରାମ ଚନ୍ଦ୍ର ଖୁ□ଆ ।ଶେଷରେ ନାଲକୋ ଶ୍ରମିକ କଂଗ୍ରେସ ୟୁନୀୟନ୍ ର ସାଧାରଣ ସମ୍ପାଦକ ବିଭବ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆସିକା ଚିନିଶିଳ୍ପ ର ପରିଚାଳନା ବୈଠକ

ଆସିକା (ମହାଭାରତ): ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ପରିଷଦ ବୈଠକ ଚିନି ଶିଳ୍ପ ସଭା ଗୃହ ଠାରେ ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା। ପରିଚାଳନା ନିର୍ଦ୍ଦେଶକ ଡ଼ଃ. ସୁଶାନ୍ତ କୁମାର ପଣ୍ଡା ସଂଯୋଜନା ରେ ଆୟୋଜିତ ଏହି ବୈଠକରେ ପୂର୍ବ ବୈଠକରେ ବିବରଣୀ ପଠନ କରାଯିବା ପରେ ୩୨ ଲକ୍ଷ ବ୍ୟୟ ରେ ସୁରା ଶିଳ୍ପ ଚାଲୁ ପାଇଁ ଆଖୁ ଫିମ୍ପ ଓ ଧାନଖାଇ ରୁ ଇନ୍ଧନ ପ୍ଲାଣ୍ଟ ପ୍ରସୂତ ନିମନ୍ତେ ଟେଣ୍ଡରକୁ ଅନୁମୋଦନ,ଚିନି କାରଖାନା ର ଶ୍ରମିକ ସୁରକ୍ଷା ନିମନ୍ତେ ମିଲ ହାଉସ ଓ ବଏଲ ହାଉସ ମରାମତି ବାବଦକୁ ପ୍ରାୟ ୦୨ କୋଟି ୪୦ ଲକ୍ଷ ବ୍ୟୟ ଅଟକଳ ,ତୈଳ ବୀଜ, ଡାଲି ଜାତୀୟ ଫସଲ, ଖାଦ୍ୟ ଜାତୀୟ ଫସଲ ରେ ହେଉ ଥିବା ମେକାନିଜମ ବ୍ୟବହାର ଭଳି ଆଖୁ ଚାଷୀ ମାନଙ୍କୁ ମଧ୍ୟ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇଦେବା ସହ ଚାଷୀ ମାନଙ୍କୁ ପ୍ରଶିକ୍ଷଣ ଦେବା,କମ ସମୟରେ ଅଧିକ ଆଖୁ ଅମଳ କରିବା ନିମନ୍ତେ ମେକାନିକାଲ ହାର୍ଭେଷ୍ଟିଙ୍ଗ ଯନ୍ତ୍ର,ଖୋର୍ଦ୍ଧା ଏବଂ ନୟାଗଡ ଜିଲ୍ଲା ର ୦୬ଗୋଟି ବ୍ଲକ ରେ ଅଧିକ ଆଖୁ ଉତ୍ପାଦନ, ଋଣ ପ୍ରଦାନ, ବିହନ ଯୋଗାଣ,କୀଟନାସକ ଦ୍ରବ୍ୟ ପ୍ରଦାନ ପାଇଁ ଆର୍ଥିକ ସହାୟତା ନିମନ୍ତେ ନିଷ୍ପତି,ଗଞ୍ଜାମ ଜିଲ୍ଲା ରେ ୧୬ ବ୍ଲକ ଏବଂ ଖୋର୍ଦ୍ଧା, ନୟାଗଡ ଜିଲ୍ଲା ର ୦୬ ଗୋଟି ବ୍ଲକ ଆଖୁ ଚାଷ ତଦାରଖ ନିମନ୍ତେ ଅଧିକ ୧୦ ଜଣ ଫିଲଡ ମେନ ନିଯୁକ୍ତି ଉପରେ ଆଲୋଚନା,ଡିସେମ୍ବର ମାସ ଶେଷ ସୁଦ୍ଧା ଆଖୁ ପେଡା ଋତୁ ଆରମ୍ଭ ନିମନ୍ତେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଆଖୁ ପେଢା ସମୟରେ କାରଖାନା କୁ ଆସୁଥିବା ଟ୍ରକ, ଟ୍ରାକ୍ଟର, ପାୱାର ଟ୍ରେଲର ଡ୍ରାଇଭର ଓ ଶ୍ରମିକ ମାନଙ୍କ ସକାଶେ ସୁଲଭ ଶୌଚାଳୟ ନିର୍ମାଣୟ ଆଜିର ଏହି ବୈଠକ ରେ ପରିଚାଳନା ପରିଷଦ ର ଉପସଭାନେତ୍ରୀ ସ୍ନେହଲତା ଚଣ୍ଡ, ପରିଚାଳନା ନିର୍ଦ୍ଦେଶକ ପୂର୍ଣ୍ଣ ଚନ୍ଦ୍ର ବରାଡ଼,ଏସ ଆରଲୁ ରେଡି ଓ ଗୀତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲା ବେଳେ ନିର୍ଦ୍ଦେଶକ ପୂର୍ଣ୍ଣ ଚନ୍ଦ୍ର ବରାଡ଼ ଧନ୍ୟବାଦ ଦେଇଥିଲେ ।

## ଝିଅ ଓ ପୁଅ ମଧ୍ୟରେ ନାହିଁ ଭେଦଭାବ

## ବ୍ଲକ ସ୍ତରୀୟ 'ବର୍ଣ୍ଣାଳୀ ' ପ୍ରଶିକ୍ଷଣ ଶିବିର

ବେଗୁନିଆ (ମହାଭାରତ): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ସିମୋର ସ୍ଥିତ କୁଞ୍ଜବିହାରୀ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲୁଥିବା ୩ ଦିନିଆ ପ୍ରଶିକ୍ଷଣ ଶିବିର 'ବର୍ଣ୍ଣାଳୀ' ବୁଧବାର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରଦ□ ବେଗୁନିଆ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ବ୍ଲକ ସ୍ତରୀୟ ଶିବିରରେ ୫୫ ଜଣ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ଦିଆଯାଇଥିଲା। 'ସାମାଜିକ ଲିଙ୍ଗ ଭିତ୍ତିକ ସମତା ଓ ପାଠ୍ୟକ୍ରମରେ ସାମିଲ ' ହେବାକୁ ଥିବା ଉଦ୍ଦେଶ୍ୟ ସମ୍ପର୍କରେ ପ୍ରଶିକ୍ଷାର୍ଥୀ ମାନେ ତାଲିମ ନେଇଥିଲେ।ସମ୍ବଳ ଶିକ୍ଷକ ତଥା ରିସର୍ଚ୍ଚ ପର୍ସନ ସୁଧାକର ସେଠି, ରାଜେଶ କୁମାର ମହାରଣା, ଶୁଭ ସ୍ମିତା ମହାରଣା ଏବଂ ନର୍ମଦା ପଣ୍ଡା ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ସିଆରସିସି ଦାଶରଥି ପ୍ରଧାନ, ରଞ୍ଜନ କୁମାର ସିଂ ଏବଂ ଦାଶରଥି ସୁବୁଦ୍ଧି ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଏବଂ ବିଆରସିସି ଲକ୍ଷ୍ମୀ ଦେଇ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଣିକି ଆଗକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ମାନଙ୍କୁ ସାମାଜିକ ଲିଙ୍ଗ ଭିତ୍ତିକ ସମତା ସମ୍ପର୍କରେ ଶିକ୍ଷାଦାନ ଦେବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଉଦ୍ଦେଶ୍ୟ ରଖାଯାଇଛି। ଝିଅ ଓ ପୁଅ ମଧ୍ୟରେ ନାହିଁ ଭେଦଭାବ ଏବଂ ଲିଙ୍ଗଗତ ବିଭେଦତା। ସମାଜରେ ଦେଖାଦେଇଥିବା ଏଭଳି କୁତ୍ସିତ ଭାବନା ଦୁରେଇ ଦେବାକୁ ସଚେତନ ହେବା ଆବଶ୍ୟକ ବୋଲି ଅତିଥି ଲେଙ୍କା ମତବ୍ୟକ୍ତ କରିଥିଲେ।

## କର୍ତ୍ତବ୍ୟ ଅନୁଷ୍ଠାନ ପକ୍ଷରୁ ଶିଶୁ ମହୋତ୍ସବ

ଥୁଆମୂଳ ରାମପୁର,(ମହାଭାରତ): କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ କର୍ତ୍ତବ୍ୟ ପକ୍ଷରୁ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ବଡ଼ଛତ୍ରଙ୍ଗ ଠାରେ ଶିଶୁ ମହୋତ୍ସବ-୨୦୨୪ ଅନୁଷ୍ଠିତ ହୋଇଥିଲା । କର୍ତ୍ତବ୍ୟ ର ମୁଖ୍ୟ ଅଶୋକ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ଓ ସମନ୍ୱୟ କାର୍ଯ୍ୟାଳୟର ସଂଯୋଜିକା କୁମୁଦିନି ମିଶ୍ର,ସମ୍ମାନିତ ଅତିଥି ଭାବେ ବଡ଼ଛତ୍ରଙ୍ଗ ପଞ୍ଚାୟତ ସରପଞ୍ଚ ଭାରତୀ ମାଝୀ, ପ୍ରଧାନ ଶିକ୍ଷକ ଭାଜମନ ବାଗ, କମଳ ଲୋଚନ ଚଲାନ, ଉଗ୍ରସେନ ମାଝୀ ପ୍ରମୁଖ ଯୋଗ ଦେଇ ଉଦବୋଧନ ଦେଇଥିଲେ।

## ଅନୈତିକ କାର୍ଯ୍ୟ ପାଇଁ ଅସୁରକ୍ଷିତ ଚିଲିକା: ବିଟ୍ ହାଉସ୍ ପାଇଁ ଉଠିଲା ଦାବି

ଖୋର୍ଦ୍ଧା:(ମହାଭାରତ) ମରାଳ ମାଳିନୀ ନୀଳାମ୍ବୁ ଚିଲିକା ଆଉ ଆଗ ଭଳି ଶାନ୍ତ ଚିଲିକା ହୋଇ ରହି ନାହିଁ । ନା ଏବେ ଚିଲିକାକୁ ଆସୁଥିବା ବିଦେଶୀ ପକ୍ଷୀ ସୁରକ୍ଷିତ ନା ପର୍ଯ୍ୟଟନ ଋତୁରେ ଛୁଟି ଆସୁଥିବା ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକ ସୁରକ୍ଷିତ। ଚିଲିକା ହ୍ରଦ କୂଳରେ ଗଢ଼ି ଉଠିଥିବା ବାଲୁଗାଁ ସହର ହେଉଚି ଆଜ୍ଞା ଖୋର୍ଦ୍ଧା ଜିଲ୍ଲାର ସୀମାନ୍ତ ଅଞ୍ଚଳ ହୋଇଥିବା ବେଳେ ଏବଂ ପାଖ ଗଞ୍ଜାମ ଜିଲ୍ଲାର ମଧ୍ୟ ସୀମାବର୍ତ୍ତୀ ଅଞ୍ଚଳ । ଆଉ ଏଇ ବାଲୁଗାଁ ସହରକୁ ଲାଗି ଏସିଆର ମହାଦେଶର ସର୍ବ ବୃହତ ଲୁଣି ହ୍ରଦ ଚିଲିକା । ବର୍ଷର ସବୁ ସମୟରେ ଏଠି ଦେଖିବାକୁ ମିଳିଥାଏ ବାହାର ପର୍ଯ୍ୟଟକଙ୍କ ଭିଡ଼ ଆଉ ତା ସାଙ୍ଗକୁ ମାଛ କଙ୍କଡା ଚିଙ୍ଗୁଡି ରପ୍ତାନୀର ମୂଖ୍ୟ ପେଣ୍ଠସ୍ଥଳୀ ଏଇ ଚିଲିକା । ଖାସ୍ ଏଇଥି ପାଇଁ ବାଲୁଗାଁ ସହରକୁ ପ୍ରତିଦିନ ହଜାର ହଜାର ଲୋକଙ୍କ ଗମନା ଗମନ ହୋଇଥାଏ। ଆଉ ଏହାର ଫାଇଦା ଉଠାଇ ସନ୍ଧ୍ୟା ହେବା ମାତ୍ରେ ବାଲୁଗାଁ ଚିଲିକା କୂଳ ଠାରୁ ନେଇ ବାଲୁଗାଁ କଲେଜ ସାଙ୍ଗକୁ ମାୟା ନଗରୀ ଏବଂ କଳିକଗେଶ୍ୱର ପାହାଡ ପର୍ଯନ୍ତ ସବୁଠି ଆରମ୍ଭ ହୋଇଯାଏ ଅନ୍ଧାର ରାତିର ଖେଳ। ଗଞ୍ଜେଇ, ବ୍ରାଉନସୁଗାର,ଚୋରାମଦ ବେପାରୀଙ୍କ ସହ ଜିଲ୍ଲା ବାହାର ଆସାମୀଙ୍କ ଚଳପ୍ରଚଳ ଆଉ ତା ସହିତ ଅନୈତିକ କାର୍ଯ୍ୟ କଳାପରେ ଲିପ୍ତ ରହୁଥିବା ବ୍ୟକ୍ତିଙ୍କ ଆଗମନ । ଆଉ ଏଇ ଏଭଳି ଅସାମାଜିକ ବ୍ୟକ୍ତିଙ୍କ ସାଥ ଦେଇଥାନ୍ତି କିଛି ଅର୍ଥଲୋଭୀ ଖଳ ପ୍ରକୃତିର ଲୋକ। ମୋଟା ଅଙ୍କର ଟଙ୍କା ରୋଜଗାର ପାଇଁ ନିଜ ଘର ଉଡାକୁ ଦେଇ ଆରମ୍ଭ କରିଦିଅନ୍ତି ଆସାମାଜିକ କାର୍ଯ୍ୟକଳାପ । ଯାହା ଫଳରେ ଆରମ୍ଭ ହୁଏ ହତ୍ୟା,ଚୋରୀ ପରି ଜଘନ୍ୟ କାଣ୍ଡ । ଆଉ ଯାହାର ସିଧା ସଳଖ ପ୍ରଭା ପଡିଥାଏ ପର୍ଯ୍ୟଟକଙ୍କୁ ନେଇ ପେଟ ପୋଷୁଥିବା ଡଙ୍ଗା ଚାଳକ ମାନଙ୍କ ଉପରେୟ ଘଟଣାକୁ ଯଦି କିଏ ଲୋକ ଲୋଚନକୁ ଆଣିବାକୁ ଚେଷ୍ଟା କଲା, ସେ ହେଲା ଆକ୍ରୋଶର ଶିକାର, ମିଛ କେସରେ ଫସାଇ ବନ୍ଦ କରି ଦିଆଯାଏ ସ୍ୱର ଉଠାଇଥିବା ଲୋକର ମୁହଁୟ ଯାହାକୁ ନେଇ ଏବେ ସମଗ୍ର ବାଲୁଗାଁ ଅଞ୍ଚଳ ବାସୀ ଏବେ ବ୍ୟତିବ୍ୟସ୍ତ। ଆଜି ଏଇ ସବୁ ଘଟଣାକୁ ନେଇ ଅଣନିଃଶ୍ୱାସୀ ହୋଇ ପଡିଥିବା ବାଲୁଗାଁ



ବାସୀ ଆଉ କିଛି ଡଙ୍ଗା ଚାଳକ ଖୋର୍ଦ୍ଧା ଜିଲାପାଳଙ୍କୁ ଭେଟି ସ୍ଥାୟୀ ସମାଧାନ ସାଙ୍ଗକୁ ଚିଲିକା କୂଳରେ ପୋଲିସ ବିଟ ହାଉସ ପାଇଁ କରିଛନ୍ତି ଦାବୀ ଆଉ ଉଚି ପଦକ୍ଷେପ ପାଇଁ ଜିଲାପାଳଙ୍କ ଠାରୁ ମଧ୍ୟ ମିଳିଛି ପ୍ରତିଶୃତି । ଏଠି କଥା ଉଠୁଛି କି, ବାଲୁଗାଁ ଅଞ୍ଚଳରେ ବାରମ୍ବାର ଏ ପରି ଘଟଣାକୁ ବିଭିନ୍ନ ସମୟରେ ଅନେକ ଅଭିଯୋଗ ପରେ ଅସାମାଜିକ କାର୍ଯ୍ୟକଳାପ କମିବା ପରିବର୍ତେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଆଇନ୍ ଶୃଙ୍ଖଳା ବ୍ୟବସ୍ଥାକୁ ସୁଧାରୁଥିବା ବିଭାଗୀୟ ଅଧିକାରୀ ଏ ସବୁ ବିଷୟରେ ଅବଗତ ଅଛନ୍ତି ନା ଅବଗତ ଥାଇ ନଥିଲା ଭଳି ଅଭିନୟ କରୁଛନ୍ତି ତାହା ବର୍ତ୍ତମାନ ସନ୍ଦେହ ଘେରରେ ।ତେବେ ଅଭିଯୋଗ ପାଇଲା ପରେ ଖୋର୍ଦ୍ଧା ଜିଲ୍ଲାପାଳ ଦେଇଥିବା ପ୍ରତିଶ୍ରୁତି କେତେଦୂର ପାଳନ କରୁଛନ୍ତି , ଆଉ ଚିଲିକା କୂଳରେ ବଢ଼ି ଚାଲିଥିବା ଅନୈତିକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ପାଇଁ କେବେ ଜିଲ୍ଲା ପୋଲିସ କେବେ ପ୍ରତିଷ୍ଠା କରୁଛି ପୋଲିସ ବିଟ ହାଉସ, ତାହାକୁ ସମସ୍ତ ଅଞ୍ଚଳବାସୀ ଓ ବୁଦ୍ଧିଜିବୀଙ୍କ ଅପେକ୍ଷା।

## ଜିଲ୍ଲା ବିକାଶ ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ



ଅନୁଗୋଳ ,(ମହାଭାରତ ):ଆଜି ପୂର୍ବାହ୍ନରେ ସ୍ଥାନୀୟ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷଠାରେ ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବିକାଶ ସମନ୍ୱୟ ଓ ତଦାରଖ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ, ପାଲଲହଡା ବିଧାୟକ ଶ୍ରୀ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ସଚିନ୍ ରାମଚନ୍ଦ୍ର ଯାଦବ, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ବବିତା ପ୍ରଧାନ, ସମସ୍ତ ପଞ୍ଚାୟତ ସମିତିର ଅଧକ୍ଷା/ଅଧକ୍ଷ, ୩ଟି ପୌରାଞ୍ଚଳ ଅଧକ୍ଷ, ଉତ୍ତର କେନ୍ଦ୍ରଚଳ ଡିଆଇଜି ଶ୍ରୀ ସତ୍ୟବ୍ରତ ଭୋଇ, ଆରକ୍ଷୀ ଅଧକ୍ଷକ ରାହୁଳ ଜୈନ ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ୍ ଅତର ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ପଞ୍ଚାୟତିରାଜ ବିଭାଗର ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଜାତୀୟ ଜିବିକା ମିଶନ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ବିଭାଗର ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଅନ୍ୟାନ୍ୟ ଯୋଜନା ଏବଂ ଗ୍ରାମୀୟ ପାନୀୟ ଜଳ ଯୋଗାଣ, ଜନ ସ୍ୱାସ୍ଥ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ, ଶ୍ରମ, ସମାଜ ମଙ୍ଗଳ ବିଭାଗ(ସୁଭଦ୍ରା ଯୋଜନା), ପୂର୍ବ ଇତ୍ୟାଦି ବିଭାଗର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଆଲୋଚନା ସମୟରେ ମାନ୍ୟବର କେନ୍ଦ୍ରମନ୍ତ୍ରୀ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା ସହ ନିର୍ଦ୍ଧାରିତ ସମୟ ସୀମା ଭିତରେ ସମାପ୍ତ କରିବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହ ଜିଲ୍ଲାରେ ମୌଳିକ ସୁବିଧା ଯଥା, ପାନୀୟ ଜଳ, ଗ୍ରାମାଣ ଆବାସ, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ଆସନ୍ତା ୧୦ ବର୍ଷକୁ ଦୃଷ୍ଟି ରଖି ଏକ ମାଷ୍ଟର ପ୍ଲାନ କରିବା ପାଇଁ ସେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ, କୃଷି ଓ ଶିଳ୍ପାୟନର ସମାନ୍ତ ର ବିକାଶ ଜିଲ୍ଲାର ପ୍ରଗତି ପାଇଁ ଅତ୍ୟନ୍ତ ଜରୁରୀ ଅଟେ । ଦଳ ମତ ନିର୍ବିଶେଷରେ ସାଧାରଣ ଜନତାର ସର୍ବାଙ୍ଗୀନ ଉନ୍ନତି ସକାଶେ ସମସ୍ତ ଜନ ପ୍ରତିନିଧି କାର୍ଯ୍ୟ କରିବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ। ଉପସ୍ଥିତ ଅଧିକାରୀମାନଙ୍କୁ ଲୋକାଭିମୁଖୀ ମାନସିକତା ସହ କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ହେମ□ କୁମାର ସିଂହ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବରଣ୍ୟନ୍ଦୁ ମହାନ୍ତି, ତାଳଚେର ଉପଜିଲ୍ଲାପାଳ ଶ୍ରୀ ସମିର କୁମାର ଜେନା, ଆଠମଲ୍ଲିକ ଉପଜିଲ୍ଲାପାଳ ଶ୍ରୀ ଦିଲିପ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବେଗୁନିଆ ବ୍ଲକ: ଗ୍ରାମାଞ୍ଚଳରେ ଚିନ୍ତାଜନକ ସ୍ୱାସ୍ଥ୍ୟ ସେବା

## ରୋଗୀ ଧାଉଁଛନ୍ତି ୨୫ କି:ମି ଦୂର ଖୋର୍ଦ୍ଧା ମୂଖ୍ୟ ଚିକିତ୍ସାଳୟ

ବେଗୁନିଆ,(ମହାଭାରତ): କେନ୍ଦ୍ର ଓ ରାଜ୍ୟସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ରୋଗୀ ସେବା ଉପରେ ଗୁରୁତ୍ୱ ଦେଉଛନ୍ତି।ହେଲେ ବିଭାଗୀୟ ଅଧିକାରୀଙ୍କ ତଦାରଖ ଏବଂ ପରିଚାଳନାରେ ଅନିୟମିତତା ଯୋଗୁ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସେବା ଏବେ ସାଧାରଣରେ ଚିନ୍ତା ଜନକ ହୋଇଛି। ସ୍ୱାସ୍ଥ୍ୟ କେନ୍ଦ୍ର ଅଛି, ହେଲେ ମିଳୁନି ଉପଯୁକ୍ତ ରୋଗୀ ସେବାୟଆବଶ୍ୟକ ସଂଖ୍ୟାରେ ଡାକ୍ତର ଓ କର୍ମଚାରୀ ଅଛନ୍ତି। ହେଲେ ଅବହେଳା ଓ ସରକାରଙ୍କ ନିୟମକୁ ବେଖାତିର ମନୋଭାବ ନେଇ ଡାକ୍ତର ମାନେ ଯୋଗାଉଛନ୍ତି ସେବା।ଏପରିକି ସପ୍ତାହକୁ ତିନି ଦିନ ଲେଖାଏଁ ପାଳିରେ ଆସୁଥିବା ବେଳେ ଅଧିକାଂଶ ସମୟରେ ପୂର୍ବାହ୍ନରେ ଆସି ଆଉ ଅପରାହ୍ନରେ ଆସୁନାହାନ୍ତି ଡାକ୍ତର। ସବୁଠାରୁ ଅଧିକ ସମ୍ବେଦନଶୀଳ ପ୍ରସଙ୍ଗ ହେଲା ପ୍ରସୁତି ମହିଳାଙ୍କ ବେଦନା। ଜରୁରୀ କାଳୀନ ପ୍ରସବ ଜନୀତ ସେବା ନ ପାଇ ପ୍ରସୁତି ହେଉଛନ୍ତି ନାନା ହଟହଟା। ସେହିପରି ସାଧାରଣ ରୋଗୀ ସେବାରେ ବିଫଳ ହୋଇ ଗାଁରୁ ଧାଉଁଛନ୍ତି ୨୫ କି:ମି ଦୁର ଖୋର୍ଦ୍ଧା ମୂଖ୍ୟ ଚିକିତ୍ସାଳୟକୁ। ଅନ୍ୟପକ୍ଷରେ ଏ ନେଇ ସ୍ଥାନୀୟ ଲୋକଙ୍କ ପକ୍ଷରୁ ରାଜ୍ୟ ସରକାର ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଗୁରୁତ୍ୱ ଦିଆଯାଉନାହିଁ। ସେବା ସମସ୍ୟା ବଢ଼ି ଚାଲିଥିବା ବେଳେ ସମାଧାନ କମ ହେଉଛି। ମନେପଡିଲେ ବିଭାଗୀୟ ଅଧିକାରୀ ମାନେ ସ୍ୱାସ୍ଥ୍ୟ କେନ୍ଦ୍ର ବୁଲି ତଦାରଖ କରୁଛନ୍ତି।କର୍ତ୍ତବ୍ୟ ରେ ଅବହେଳା କରୁଥିବା ଡାକ୍ତର ଓ କର୍ମଚାରୀ ଙ୍କୁ ତାଗିଦ୍ କରୁଛନ୍ତି। ପରେ ଯଥା ପୂର୍ବଂ ତଥା ପରଂ ଭଳି ଚାଲୁଛି ।ପ୍ରକାଶଥାଉକି ବେଗୁନିଆ ବ୍ଲକରେ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ଏହା ଅଧିନରେ ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୨୧ ସ୍ୱାସ୍ଥ୍ୟ ଉପକେନ୍ଦ୍ର ରହିଛି। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୁଖ୍ୟ ଚିକିସାଧିକାରୀ ଙ୍କୁ ମିଶାଇ ବିଭିନ୍ନ ବିଭାଗର ୫ଜଣ ଡାକ୍ତର ଦୈନିକ ସକାଳ ୮ଟାରୁ ୧୨ଟା ଏବଂ ଅପରାହ୍ନ ୩ ଟାରୁ ୫ଟା ପର୍ଯ୍ୟନ୍ତ ରୋଗୀ ସେବା ଯୋଗାଇବା କଥା। ହେଲେ ନିୟମିତ ନ ଆସି ସପ୍ତାହକୁ ଦିନେ ଡାକ୍ତର ମାନେ ପାଳି କରି ଆସୁଛନ୍ତି ।ସେହିପରି ସିକୋ,ହଜ,କଣ୍ଟାବାଡ,ବାଘମାରୀ, ଡିଙ୍ଗର,ପରିଛଳ,ଗୁଡୁମ ଆଦି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅପରାହ୍ନରେ ଡାକ୍ତର ମାନେ ନ ଆସି ଘରୋଇ କ୍ଲିନିକ୍ ରେ କାର୍ଯ୍ୟ କରୁଥିବା ଅଭିଯୋଗ ରହିଛି। ବେଗୁନିଆ ଓ କଣ୍ଟାବାଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସୁତୀ ମହିଳାଙ୍କ ସେବା ପାଇଁ ମହିଳା ସ୍ୱାସ୍ଥ୍ୟ କର୍ମୀ ନିଯୁକ୍ତି ହୋଇଛନ୍ତିୟହେଲେ କର୍ମଚାରୀଙ୍କ ଦାୟିତ୍ୱବାଧୀନତା ଓ ଅନୁପସ୍ଥିତିରେ ଜରୁରୀ କାଳୀନ ସେବା ନପାଇ ପ୍ରସୁତୀମାନେ ପ୍ରସବ ଜନୀତ ବେଦନା ଭୋଗୁଛନ୍ତି। ଫଳରେ ପ୍ରସୁତୀ ମହିଳା ମାନେ ୨୫ କିମି ଦୁର ଖୋର୍ଦ୍ଧା ଯାଉଥିବା ବେଳେ ବାଟରେ ନାନା ହଟହଟା ହେଉଛନ୍ତି। ସେହିପରି ଜିଲା ଏବଂ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କର ପରିଚାଳନାରେ ଅବହେଳା ଯୋଗୁ ସରକାରଙ୍କ ଉନ୍ନତ ସ୍ୱାସ୍ଥ୍ୟ ସେବା ଗ୍ରାମା□ଳରେ ଚିନ୍ତାଜନକ ବୋଲି ବରିଷ୍ଠ ନାଗରିକ ମାନେ ମତବ୍ୟକ୍ତ କରିଛନ୍ତି ।ତେବେ ଏଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାର ଦୃଷ୍ଟି ଦେବା ପାଇଁ ବେଗୁନିଆ ଅଞ୍ଚଳ ବାସୀଙ୍କ ଦାବି ହେଉଛି ।ଏ ସମ୍ପର୍କରେ ବ୍ଲକ ମୁଖ୍ୟ ଚିକିତ୍ସାଧିକାରୀ ଦେବାଶିଷ ଆଚାର୍ଯ୍ୟ କୁହନ୍ତି ଅଭିଯୋଗ ଆସିଲେ ନିଶ୍ଚୟ ପଦକ୍ଷେପ ନେବୁ।

# ପାକିସ୍ତାନ, ଆଫଗାନିସ୍ତାନ ଯୋଗୁଁ ବଢ଼ୁଛି ଦିଲ୍ଲୀର ପ୍ରଦୂଷଣ



**ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି):** ଦେଶର ରାଜଧାନୀ ଦିଲ୍ଲୀର ଅବସ୍ଥା ଅତ୍ୟନ୍ତ ଗମ୍ଭୀର ରହିଛି । ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ବାୟୁ ପ୍ରଦୂଷଣ ଅତ୍ୟନ୍ତ ବିପଜ୍ଜନକ ସ୍ତରରେ ପହଞ୍ଚିଛି । ଅନ୍ୟପକ୍ଷରେ ପାକିସ୍ତାନର ଦୁଇଟି ସହର ଲାହୋର ଓ ମୁଲତାନରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୨୦୦୦ ଅତିକ୍ରମ କରିଛି । ଏହାକୁ ଦୃଷ୍ଟିରେ ରଖି ପାକିସ୍ତାନ ସରକାର ଏହି ଦୁଇ ସହରରେ ସମ୍ପୂର୍ଣ୍ଣ ଲକଡାଉନ ଲାଗୁ କରିଛନ୍ତି । ଭାରତ-ଗାଙ୍ଗେୟ ସମତଳ ଅଞ୍ଚଳରେ ବାୟୁ ପ୍ରଦୂଷଣ ପ୍ରତି ଶୀତଦିନେ ବିପଜ୍ଜନକ ସ୍ତର ଅତିକ୍ରମ କରିଥାଏ । ପ୍ରତିବର୍ଷ ଦୀପାବଳି ପରେ ଉତ୍ତର ଓ କେନ୍ଦ୍ରୀୟ ଭାରତରେ ଋଷ ଜମିରେ ନିଆଁ ଲାଗିଥାଏ । ଯାହା ଫଳରେ ଦିଲ୍ଲୀ ସମେତ ଏହାର ଆଖପାଖ ଅଞ୍ଚଳରେ ପ୍ରଦୂଷଣ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ନିକଟରେ ଆମେରିକୀୟ ମହାକାଶ ଏଜେନ୍ସି ନାସା ଏକ ସାଟେଲାଇଟ୍ ଫଟୋ ଜାରି କରିଛି, ଯେଉଁଥିରେ ଭାରତ ଓ ପାକିସ୍ତାନର ଏକ ବଡ଼ଅଂଶ କଳା ଧୂଆଁରେ ଆଚ୍ଛାଦିତ ହୋଇଛି । ଶୀତଦିନେ ଭାରତର ୭୨ ପ୍ରତିଶତ ବାୟୁ ଉତ୍ତର ପଶ୍ଚିମ ଦିଗରୁ ଆସିଥାଏ । ଏହି ପବନ ସହ ରାଜସ୍ଥାନ, ପାକିସ୍ତାନ ଓ ଆଫଗାନିସ୍ତାନର ଧୂଳି ମାଟି ଦେଶର ରାଜଧାନୀ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ପହଞ୍ଚିଛି । ସେହିପରି ଥର୍ମାଲ ଇନଭର୍ସନ ଯୋଗୁଁ ବାୟୁମଣ୍ଡଳର ଉପର ସ୍ତରକୁ ପ୍ରଦୂଷଣ ବ୍ୟାପିନଥାଏ । ତେଣୁ ଦିଲ୍ଲୀରେ ବାୟୁ ପ୍ରଦୂଷଣର ପ୍ରକୋପ ଦ୍ରୁତ ଗତିରେ ବୃଦ୍ଧି ପାଉଛି ।

# ଭାରତୀୟ ସେନାରେ ରହିବେନି ନେପାଳୀ ଗୋର୍ଖା !

**ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି):** ଭାରତର ପୂର୍ବତନ ସେନାଧକ୍ଷ ଫିଲଡ୍ ମାର୍ସାଲ ଶାମ୍ ମାନେକସା ଥରେ କହିଥିଲେ ଯେ ଯଦି ଜଣେ କହୁଛି ଯେ ସେ ମୃତ୍ୟୁକୁ ଭୟ କରେ ନାହିଁ, ତେବେ ସେ ମିଛ କହୁଛି ଅଥବା ସେ ଜଣେ ଗୋର୍ଖା । ଭାରତୀୟ ସେନାରେ ଗୋର୍ଖାମାନଙ୍କ ସ୍ଥାନ ସ୍ୱତନ୍ତ୍ର । ସେମାନଙ୍କ ଅନେକ ବୀର୍‌ବର ଗାଥା ରହିଛି । ଭାରତୀୟ ସେନାରେ ଦୁଇ ପ୍ରକାରର ଗୋର୍ଖା ଅଛନ୍ତି, ଗୋଟିଏ ବର୍ଗ ହେଉଛନ୍ତି ନେପାଳରୁ ଆସୁଥିବା ଗୋର୍ଖା ଓ ଅନ୍ୟ ବର୍ଗଟି ହେଉଛି ଭାରତୀୟ ଗୋର୍ଖା । କିନ୍ତୁ ଭାରତୀୟ ସେନାରେ ଧୀରେ ଧୀରେ ନେପାଳୀ ଗୋର୍ଖାଙ୍କ ଆଗମନ କମିବାରେ ଲାଗିଛି ଓ କୁହାଯାଉଛି ଯେ ଆସନ୍ତା ୧୦ ବର୍ଷରେ ଭାରତୀୟ ସେନାରେ କୌଣସି ନେପାଳୀ ଗୋର୍ଖା ନଥିବେ ।ଏହା ସହିତ ଗତ ୨୦୦ ବର୍ଷର ଏକ



ଗୌରବୋଜ୍ଜଳ ପରମ୍ପରାର ଅନ୍ତ ଘଟିବ । ଭାରତୀୟ ସେନାକୁ ନେପାଳୀ ଗୋର୍ଖା ନଆସିବାର କାରଣ ହେଉଛି ଭାରତୀୟ ସେନାର ଅଗ୍ନିବୀର ସ୍କିମ୍ । ଏତେ କମ ସମୟ ପାଇଁ ଭାରତୀୟ ସେନାରେ ଯୋଗ ଦେବାକୁ ଚାହୁଁନାହାନ୍ତି ନେପାଳୀ ଯୁବକ । ସେମାନେ ପୂର୍ବର ବ୍ୟବସ୍ଥା ଅନୁସାରେ ଭାରତୀୟ ସେନାରେ ଯୋଗ ଦେବାକୁ ଚାହୁଁଛନ୍ତି । ଏଥିପାଇଁ ଅଗ୍ନିବୀର ସ୍କିମ ଆରମ୍ଭ ହେବା ପରଠାରୁ ନେପାଳରେ ଭାରତୀୟ ସେନାର କୌଣସି ନିଯୁକ୍ତି ରାଲି ଆୟୋଜନକୁ ନେପାଳ ସରକାର ଅନୁମତି ଦେଉନାହାନ୍ତି । ଗୋଟିଏ ପଟେ ନେପାଳରୁ କୌଣସି ଗୋର୍ଖା ଆସୁନଥିବାବେଳେ ବର୍ତ୍ତମାନ ସେବାରତ ଗୋର୍ଖାମାନେ ଅବସର ନେବାରେ ଲାଗିଛନ୍ତି । ଏପରି ସ୍ଥିତି ଲାଗିରହିଲେ ଆସନ୍ତା ୧୦ ବର୍ଷରେ ଭାରତୀୟ ସେନାରେ କୌଣସି ନେପାଳୀ ଗୋର୍ଖା ନଥିବେ ।

# ହିଜବୁଲ୍ଲାର ଗଡ ଭାଙ୍ଗି ଦେଇଛି ଇସ୍ରାଏଲ

**ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି):** ଇସ୍ରାଏଲ ଗତ କିଛି ଦିନ ହେବ ଇରାନ ସମର୍ଥିତ ଗୋଷ୍ଠୀ ହିଜବୁଲ୍ଲା ଉପରେ ଆକ୍ରମଣ କରୁଛି । ଏହି ସମୟରେ ଇସ୍ରାଏଲ ହିଜବୁଲ୍ଲାର ଗଡ ଭାଙ୍ଗି ଦେଇଛି ଏବଂ ସଙ୍ଗଠନର ମୁଖ୍ୟ ହାସନ ନସରଲ୍ଲାଙ୍କ ସମେତ ଏହାର ଉତ୍ତରାଧିକାରୀଙ୍କ ସମେତ ଅନେକ ପ୍ରମୁଖ ସଦସ୍ୟଙ୍କୁ ନିପାତ କରିଛି । ଇତିମଧ୍ୟରେ ନ୍ୟୁୟର୍କ ଟାଇମ୍ସର ରିପୋର୍ଟ ଅନୁଯାୟୀ, ଇସ୍ରାଏଲର ଅସ୍ତ୍ରବିରତି ପ୍ରସ୍ତାବର ସର୍ତ୍ତାବଳୀକୁ ଗ୍ରହଣ କରିବା ଏବଂ ଲିଟାନି ନଦୀର ଉତ୍ତରରେ ଥିବା ନିଜ ସେନା ପ୍ରତ୍ୟାହାର କରିବାକୁ ଇରାନ ହିଜବୁଲ୍ଲାକୁ କହିଛି । ଲେବନାନର ଜଣେ ଶୀର୍ଷ ଅଧିକାରୀ କହିଛନ୍ତି ଯେ ସେମାନେ ଏପର୍ଯ୍ୟନ୍ତ ଲଢ଼େଇ ଶେଷ କରିନାହାଁନ୍ତି ।



ଅନ୍ୟପକ୍ଷରେ ଇସ୍ରାଏଲ କହିଛି ଲେବନାନର ଅସ୍ତ୍ରବିରତି ନେଇ ଆଲୋଚନାରେ ଅଗ୍ରଗତି ହୋଇଛି । ଇସ୍ରାଏଲର ବୈଦେଶିକ ମନ୍ତ୍ରୀ ଗିଡିଓନ ସାର୍ କହିଛନ୍ତି ହିଜବୁଲ୍ଲା ବିରୋଧରେ ଏହାର ଯୁଦ୍ଧ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ । କୌଣସି ଅସ୍ତ୍ରବିରତି ଚୁକ୍ତି ସମ୍ମୁଖରେ ମୁଖ୍ୟ ଆହ୍ୱାନ ହେବ । ଯଦିଓ ଆଲୋଚନାରେ କିଛି ଅଗ୍ରଗତି ହୋଇଛି କିଛି ପଜିଟିଭ ଆଶା କରାଯାଇପାରେ । ସୀମାଠାରୁ ପ୍ରାୟ ୨୦ ମାଇଲ ଦୂର ଲିଟାନି ନଦୀର ଉତ୍ତରରେ ହିଜବୁଲ୍ଲା ପଛକୁ ହଟିବାକୁ ଇସ୍ରାଏଲ ଚାହୁଁଛି ବୋଲି ଜେରୁଜେଲମରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଇସ୍ରାଏଲ ସେନାର ଅଧିକାରୀ ।

# ରୁଷ ଉପରେ ଦୂରଗାମୀ ଆମେରିକୀୟ କ୍ଷେପଣାସ୍ତ୍ର ପକାଇଲା ୟୁକ୍ରେନ୍

**ମସ୍କୋ,୨୦।୧୧(ଏଜେନ୍ସି):** ଯାହା ଭୟ କରାଯାଉଥିଲା ଶେଷରେ ତାହା ହେଲା । ରୁଷ ସହିତ ଚାଲିଥିବା ଯୁଦ୍ଧରେ ୟୁକ୍ରେନ ଆମେରିକୀୟ କ୍ଷେପଣାସ୍ତ୍ର ପ୍ରୟୋଗ କରିଛି । ଏଥିପାଇଁ କିଛିଦିନ ତଳେ ବାଇଡେନ ପ୍ରଶାସନ ଏହି ଘଟଣା ଚଳିତ ଯୁଦ୍ଧର ମୋଡ଼ ବଦଳାଇଦେବ ବୋଲି ଆଶଙ୍କା କରାଯାଉଛି । କାରଣ ରୁଷ ପୂର୍ବରୁ ଏ ନେଇ ଚେତାବନୀ ଶୁଣାଇସାରିଛି । ୟୁକ୍ରେନ ମଙ୍ଗଳବାର ଏକ ଆମେରିକୀୟ କ୍ଷେପଣାସ୍ତ୍ର ବ୍ୟବହାର କରି ରୁଷିଆ । ଉପରେ ଆକ୍ରମଣ କରିଥିଲା ଯାହାକୁ ଭ୍ଲାଦିମିର ପୁଟିନ ପରମାଣୁ ଯୁଦ୍ଧ ପାଇଁ ଚେତାବନୀ ଦେଇଥିଲେ । ବାସ୍ତବରେ, ଏକ ରିପୋର୍ଟରେ ଦାବି କରାଯାଇଛି ଯେ ୟୁକ୍ରେନ ସେନା ରୁଷିଆ ବିରୋଧରେ ଆର୍ମି ଟ୍ୟାକ୍ଟିକାଲ୍ ମିସାଇଲ



ସିଷ୍ଟମ (ଏଟିଏସିଏମଏସ) ବ୍ୟବହାର କରିଛି । ଇଣ୍ଟରଫ୍ୟାକ୍ସ ନ୍ୟୁଜ୍ ଏଜେନ୍ସି ରୁଷିଆର ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଉଦ୍ଧୃତ କରି କହିଛି ଯେ ୟୁକ୍ରେନ୍ ପଶ୍ଚିମ ବ୍ରାୟାନକୁ ଅଞ୍ଚଳରେ ଏକ ସାମରିକ କେନ୍ଦ୍ର ଉପରେ ଆକ୍ରମଣ କରିବା ପାଇଁ ଏଟିଏସିଏମ୍ଏସ୍ କ୍ଷେପଣାସ୍ତ୍ର ବ୍ୟବହାର କରିଥିଲା, ଯାହା ୟୁକ୍ରେନକୁ ସୀମିତ ଉପାୟରେ ଏହି ଅସ୍ତ୍ରଶସ୍ତ୍ର ବ୍ୟବହାର କରିବାକୁ ଅନୁମତି ଦେବା ପରେ ପ୍ରଥମ ଆକ୍ରମଣ ।

# ଭାରତ ଆସିବେ ପୁଟିନ୍

**ମସ୍କୋ,୨୦।୧୧(ଏଜେନ୍ସି):** ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଖୁବଶୀଘ୍ର ଭାରତ ଗସ୍ତରେ ଆସିବେ । ଖୁବଶୀଘ୍ର ତାଙ୍କ ଗସ୍ତର ତାରିଖ ଚୂଡ଼ାନ୍ତହେବ । କ୍ରେମଲିନର ପ୍ରେସ୍ ସେକ୍ରେଟାରୀ ଦିମିତ୍ରୀ ପେସ୍କୋଭ ଆଜି ଏହି ସୂଚନା ଦେଇଛନ୍ତି । ପୁତିନଙ୍କ ଗସ୍ତ ଉପରେ ବିଶ୍ୱର ନଜର ରହିବ କାରଣ ଏହି ସମୟରେ ସେ ପିଏମ ମୋଦୀଙ୍କୁ ଭେଟିବେ । ଆମେରିକାରେ ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ବିଜୟୀ ହୋଇଥିବା ବେଳେ ଉଭୟ ମୋଦୀ ଓ ପୁଟିନଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଛି । ଚଳିତ ବର୍ଷ ଜୁଲାଇ ୨୦୨୪ରେ ପ୍ରଧାନମନ୍ତ୍ରୀ ମୋଦୀ ରୁଷିଆରେ ପୁଟିନଙ୍କୁ ଭେଟିଥିଲେ । ଏହି ବୈଠକରେ ଦୁଇ ନେତାଙ୍କ ଘନିଷ୍ଠତା ସ୍ପଷ୍ଟ ଭାବେ ଦେଖିବାକୁ ମିଳିଥିଲା । ୟୁକ୍ରେନ ଉପରେ ରୁଷ୍ ର ଆକ୍ରମଣର ପ୍ରାୟ ଦୁଇ ବର୍ଷ ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହା ପ୍ରଥମ ରୁଷିଆ ଗସ୍ତ ଥିଲା । ଏହି ଗସ୍ତକୁ ଏକ ବ୍ୟାପକ ଭୂ-



ରାଜନୈତିକ ପରିପ୍ରେକ୍ଷୀ ଏବଂ ସୂଚକ ଭାବରେ ଦେଖିବାକୁ ମିଳିଥିଲା । ମସ୍କୋରେ ପହଞ୍ଚିବା ପରେ ମୋଦୀ କହିଥିଲେ ଯେ ଭବିଷ୍ୟତରେ ଦ୍ୱିପାକ୍ଷିକ ଭାଗିଦାରୀକୁ ଆହୁରି ତୀବ୍ର କରିବାକୁ ସେ ଆଗ୍ରହୀ ଏବଂ ଭାରତ ଏବଂ ରୁଷ୍ ମଧ୍ୟରେ ସୁଦୃଢ଼ ସମ୍ପର୍କ ଆମ ଲୋକମାନଙ୍କୁ ବହୁତ ଉପକୃତ କରିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ ଏକ ଶାନ୍ତିପୂର୍ଣ୍ଣ ଏବଂ ସ୍ଥିର ଅଞ୍ଚଳ ପାଇଁ ସହାୟକ ଭୂମିକା ଗ୍ରହଣ କରିବାକୁ ଚାହୁଁଛି ।

# ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ

କେନ୍ଦୁଝର, (ନିପ୍ର) : କେନ୍ଦୁଝର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଦରବାର ହଲଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ସମାରୋହରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିବା ସହ ଗଣମାଧ୍ୟମ ସମାଜର ଦର୍ପଣ, ତେଣୁ ସତ୍ୟନିଷ୍ଠା ଓ ନିରପେକ୍ଷ ଭାବେ ନିଜ ଦାୟିତ୍ୱକୁ ସଠିକ୍ ଭାବେ ତୁଲାଇ ଜନସମାଜର ବିକାଶ ସହିତ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହେବା ପାଇଁ ନିବେଦନ କରିଥିଲେ । ସାମ୍ପ୍ରତିକ ସ୍ଥିତିରେ ନୂତନ ଡିଜିଟାଲ/ଆର୍ଟିଫିସିଆଲ ଇଂଟେଲିଜେନ୍ସ ଯୁଗରେ ବିଭିନ୍ନ ଡିଜିଟାଲ ଉପକରଣର ବ୍ୟବହାର କରି ସୂଚନାକୁ ଯଥାଶୀଘ୍ର ଲୋକଙ୍କୁ ପରିବେଷଣ କରିବାକୁ ଗୁରୁତ୍ୱ ଦେବା ସହ ସଠିକ ଓ ସତ୍ୟ ଖବର ପରିବେଷଣକୁ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ହରପ୍ରିୟା ନାୟକ, ଡ଼େପୁଟି କଲେକ୍ଟର ସୁଶ୍ରୀ ରୁପାଲି ହାଂସଦା, କେନ୍ଦୁଝର ପ୍ରେସ କ୍ଲବ ଉପସଭାପତି ଜୟକୃଷ୍ଣ ପଣ୍ଡା, ସମ୍ପାଦକ ଶରତ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସାମ୍ବାଦିକ ସର୍ବଶ୍ରୀ ଶରତ କୁମାର ଜେନା, ସତ୍ୟଜିତ ମିଶ୍ର ଓ ସୁଦାମ ପତି ଏହି ଅବସରରେ ନିଜର ସୁଚିନ୍ତିତ ମତାମତ ପୋଷଣ କରି ଏହି ଦିବସ ପାଳନକୁ ଆହୁରି ଜୀବନ୍ତ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସାର୍ଥକ ରାୟ କାର୍ଯ୍ୟକ୍ରମକୁ ପରିଚାଳନା କରି ପରିବର୍ତ୍ତନଶୀଳ ଗଣାମଧ୍ୟମର ସ୍ୱରୂପ ଆଲୋଚନା କରିଥିଲେ । ମୁଦ୍ରିତରୁ ବୈଦ୍ୟୁତିକ ଓ ଏବେ ଡ଼ିଜିଟାଲ ଗଣମାଧ୍ୟମର ଯୁଗ ଚାଲିଛି । ଲୋକଙ୍କ ନିକଟରେ ପହଂଚିବାର ମାଧ୍ୟମ ଭିନ୍ନ ହେଇଥାଇ ପାରେ କିନ୍ତୁ ଖବର ପ୍ରସାରଣ ନିମନ୍ତେ ସାମ୍ବାଦିକତାର ସେହି ମୌଳିକ ନୀତି ଓ ଆଦର୍ଶ ସର୍ବ କ୍ଷେତ୍ରରେ ଆପଣାଇବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ମତ ଦେଇଥିଲେ । ଜିଲ୍ଲା ପ୍ରଶାସନକୁ ପୂର୍ବପରି ଆଗାମୀ ଦିନରେ ସହଯୋଗ ଜାରି ରଖି ଜନସାଧାରଣଙ୍କ ହିତ ପାଇଁ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ ।

# 'ଗୀତାର ପ୍ରଥମ ଶବ୍ଦ' ବାଚସ୍ପତିଙ୍କ କରକମଳରେ ଉନ୍ମୋଚିତ

**ଓଡଗାଁ,(ନି.ପ୍ର) :** ନୟାଗଡ଼ ଜିଲ୍ଲାର ମୂର୍ଦ୍ଧନ୍ୟ ସାରସ୍ୱତ ସାଧକ ଗାଳ୍ପିକ, ଔପନ୍ୟାସିକ, କାବ୍ୟକାର, କବି ଡ.ସୁରେଶ ଚନ୍ଦ୍ର ବରାଡଙ୍କ ଆଧାତ୍ମିକ ପୁସ୍ତକ 'ଗୀତାର ପ୍ରଥମ ଶବ୍ଦ' ରଣପୁର ବିଧାୟିକା ତଥା ଓଡ଼ିଶାର ମାନ୍ୟବର ବାଚସ୍ପତି ସୁରମା ପାଢ଼ୀଙ୍କ କରକମଳରେ ଉନ୍ମୋଚିତ ହୋଇଯାଇଛି । ଶରଣକୁଳ ପଥୁରିଆସାହି ଦାମୋଦର ଶିଶୁରାଇଜର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରୀମତୀ ପାଢ଼ୀ ଡଃ.ବରାଡଙ୍କ ଏହି ପୁସ୍ତକର ଲୋକାର୍ପଣ କରିଥିଲେ । ଦାମୋଦର ଶିଶୁରାଇଜର ଏହି ସପ୍ତମ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବିଭୁଦତ୍ତ ମହାପାତ୍ର ପୌରହିତ୍ୟ କରିଥିଲା ବେଳେ ମୁଖ୍ୟ ଅତିଥି ଭାବରେ ଓଡ଼ିଶାର ବାଚସ୍ପତି ତଥା ରଣପୁର ନିର୍ବାଚନ ମଣ୍ଡଳୀ ବିଧାୟିକା ମାନ୍ୟବର ଶ୍ରୀମତୀ ସୁରମା ପାଢ଼ୀ ଯୋଗଦେଇ ଉତ୍ସବର ଉଦ୍ଘାଟନ କରିଥିଲେ । ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଚିନ୍ମୟୀ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥିଭାବରେ ଶରଣକୁଳ ଗ୍ରା.ପ.



ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ସମିତିସଭ୍ୟ ପ୍ରତୀକ ମହାପାତ୍ର ଓ ଯୁବ ସମାଜସେବୀ ପ୍ରମୋଦ କୁମାର ପ୍ରଧାନ ପ୍ରଭୃତି ଯୋଗଦେଇଥିଲେ । ପ୍ରଥମେ ଅତିଥିମାନଙ୍କ ଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କୁନି କୁନି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ଅତିଥି ପରିଚୟ ପ୍ରଦାନ ପର୍ବ ଅନୁଷ୍ଠିତ ହୋଇଥିଲା । ପରେ ପରେ ସମ୍ପାଦକୀୟ ବିବରଣୀ ପାଠ କରାଯାଇଥିଲା । ମଞ୍ଚାସିନ ଅତିଥିମାନଙ୍କୁ ଅନୁଷ୍ଠାନ ତରଫରୁ ଉତ୍ତରୀୟ ଓ ଚାରା ବୃକ୍ଷ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏ ଅବସରରେ ଶରଣକୁଳ ଅଞ୍ଚଳର ସାହିତ୍ୟିକ ଡ.ବରାଡଙ୍କର ପୁସ୍ତକକୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଗହଣରେ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର ଉପସ୍ଥିତ ରହି ଉନ୍ମୋଚନ କରିଥିଲେ । ମୁଖ୍ୟଅତିଥି ମାନ୍ୟବର ବାଚସ୍ପତି ଓଡିଶା ଶିଶୁଦିବସ ରାଜ୍ୟର ପୁରପଲ୍ଲୀର ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମକ ବିକାଶ କରିବାରେ ସାହାଯ୍ୟ କରେ ବୋଲି କହିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ମ୍ୟୁଜିକ ଚେୟାର, ଡ୍ରଇଂ ପ୍ରଯୋଗୀତା ହୋଇଥିବା ବେଳେ ମହିଳା ମାନଙ୍କ ଦ୍ୱାରା ଝୋଟି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରସଂଶାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଦାମୋଦର ଶିଶୁରାଇଜର ସମସ୍ତ ସଦସ୍ୟ ସଦସ୍ୟା ସମେତ ପଥୁରିଆସାହିର ସମସ୍ତ ପରିବାରଙ୍କ ସହଯୋଗ କରିଥିଲେ । କବି କୁସୁମ ନିରାକାର ସ୍ୱାଇଁ, ନୃତ୍ୟ ନିର୍ଦ୍ଦେଶକ ଗୋଦାବରୀ ବସନ୍ତିଆ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସମାଜ ସେବୀ ତଥା ଗଣିତ ପ୍ରାଧ୍ୟାପକ ଆଶୁତୋଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନାରେ ସହଯୋଗ କରିଥିଲେ ।

# ଧରତି ଆବା ବିର୍ସାମୁଣ୍ଡାଙ୍କ ଜୟନ୍ତୀ ମହାସମାରୋହରେ ପାଳିତ

**ନୂଆପଡ଼ା,(ନି.ପ୍ର):** ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଧରତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ପାଳନର ଜିଲ୍ଲା ସ୍ତରୀୟ ସମାରୋହ କୋମନା ବ୍ଲକ୍ ପରିସରରେ ପାଳିତ ହୋଇଯାଇଛି । ଆଜି ସମଗ୍ର ଦେଶରେ ଏହି ଦିନକୁ ଜନଜାତିୟ ଗୌରବ ଦିବସ ହିସାବରେ ପାଳନ କରାଯାଉଛି । ଏହି ଅବସରରେ ସମ୍ମାନୀୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବିହାର ଯାମୁଇ ଠାରେ ଏକ ବିଶାଳ ଆଦିବାସୀ ସମାରୋହରେ ଯୋଗଦେଇ ସେମାନଙ୍କ ପାଇଁ ନିର୍ମିତ ୬୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏବେ ଦେଶରେ ଆଗାମୀ ୫ ବର୍ଷ ଧରି ଧର୍ତୀ ଆବ୍ବା ଜନଜାତି ଗ୍ରାମୀଣ ଉତ୍କର୍ଷ ଅଭିଯାନ ଚାଲିବ । ଏହି ଯୁଗାନ୍ତକାରୀ ଘଟଣାବଳୀର ସମୁଚିତ ପ୍ରଚାର ପ୍ରସାର ପାଇଁ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ପଡ଼ିଆରେ ହଜାର ହଜାର ଆଦିବାସୀ ଏବଂ ଆଦିମ ଜନଜାତି ମାନଙ୍କ ଏକ ବିଶାଳ ସାଧାରଣ ସଭାର ଆୟୋଜିତ ହୋଇଥିଲା । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଇ ସମାରୋହରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ । ଏହି ସମାରୋହରେ ଜିଲ୍ଲା ମୂଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ,



ଜିଲ୍ଲା ପରିଷଦ ସଦସ୍ୟ ଭାନୁ ମାଝୀ, ଆଦିବାସୀ ପ୍ରତିନିଧି ହୋମ ସିଂ ମାଝୀ, ଦୃଷ୍ଟି ମାଝୀ, ମୁରଲୀ ଭୋଇ, ସାଂସଦ ପ୍ରତିନିଧି ପ୍ରେମ୍ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ବିର୍ସା ମୁଣ୍ଡାଙ୍କ ଫୋଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପାଞ୍ଜଳୀ ପ୍ରଦାନ କରିଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ ଓ କୋମନା ବିଡିଓ ସିତାଂଶୁ ସାମଲ ସମାରୋହ ପରିଚାଳନା କରିଥିଲେ । ଏହି ଜନଜାତି ଉତ୍ଥାନ କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାର ଯେଉଁ ଗ୍ରାମରେ ଜନ ସଂଖ୍ୟାର ୫୦ ପ୍ରତିଶତରୁ ଅଧିକ ଆଦିବାସୀ ଅଛନ୍ତି ସେହିପରି ୨୬୦ଟି ଗ୍ରାମକୁ ସାମିଲ୍ କରାଯାଇଛି । ପର୍ଯ୍ୟାୟକ୍ରମେ ୫ ବର୍ଷ ଧରି ଏହି ବିକାଶ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ୧୭ଟି ମନ୍ତ୍ରାଳୟ ଓ ରାଜ୍ୟର ୧୩ଟି ମନ୍ତ୍ରାଳୟ ଭାଗନେବେ । କୋମନା ବ୍ଲକ୍ ପଡ଼ିଆରେ ଆୟୋଜିତ ହେଇ ଥିବା ଏଇ ବିଶାଳ ମେଳା ତଥା ସମାରୋହରେ ସ୍ୱାସ୍ଥ୍ୟ ସେବା, ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ, ଆଧାର କାର୍ଡ, ପ୍ରଧାନମନ୍ତ୍ରୀ ଜନଧନ ଖାତା, ପିଏମ୍ କିଶାନ୍, ଜାତି ପ୍ରମାଣପତ୍ର, ଖାଉଟି କାର୍ଡ ଇତ୍ୟାଦି ସେବା ଯୋଗାଇଦେବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗ ଷ୍ଟଲ୍ ଖୋଲିଥିଲେ । ଜାମୁଇ ଠାରେ ହେଉଥିବା ପ୍ରଧାନମନ୍ତ୍ରୀଙ୍କ ବିଶାଳ କାର୍ଯକ୍ରମର ସିଧାପ୍ରସାରଣ ଏଠାରେ ପ୍ରଦର୍ଶୀତ ହେବା ସହିତ ଚକୋଟିଆ ଭୂଞ୍ଜିଆ ଆଦିବାସି ସଂପ୍ରଦାୟ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ସମ୍ମାନୀୟ ବିଧାୟକ, ଜିଲ୍ଲାପାଳ ଓ ଅତିଥି ମାନେ ଜନ ଜାତି ବିକାଶର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ଏକ ପ୍ରଚାର ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଓ ଆଦିବାସୀ ପୁରୁଷ ଏବଂ ମହିଳା ମାନଙ୍କୁ ଘର ଡିହ ପଟ୍ଟା ବଣ୍ଟନ କରିଥିଲେ । ସଭାରେ ଜିଲ୍ଲାର ବିଭିନ୍ନ ଲୋକପ୍ରତିନିଧିଙ୍କ ସହିତ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ଶିଳ୍ପକେନ୍ଦ୍ର ମ୍ୟାନେଜର ସମୀର ମୁଦୁଲି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାତ୍ର, ଏଲଡିଏମ୍ ସୀତାରାମ ମେହେର, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ଯୋଗଦାନ ଦେଇଥିଲେ । କୋମନା ବିଡିଓ ସିତାଂଶୁ ସାମଲ୍ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଜିଲ୍ଲା ମଙ୍ଗଳ ବିଭାଗ ଓ କୋମନା ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ । ସମାବେଶ ତଥା ଶିବିରର ସଫଳ ଅୟୋଜନ ପାଇଁ ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ବିଭାଗ ମାନଙ୍କୁ ଧନ୍ୟବାଦ ଜଣାଇ ଆଗମୀ ଦିନରେ ଜିଲ୍ଲାରେ ଧରତି ଆବା ଜନ ଜାତିୟ ଉନ୍ନତ ଗ୍ରାମ ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

# ହାଓଡ଼ା-ଚେନ୍ନାଇ ମୁଖ୍ୟ ଲାଇନରେ କବଚ ସ୍ଥାପନ କରିବ ପୂର୍ବତଟ ରେଳପଥ

**ଭୁବନେଶ୍ୱର,(ନି.ପ୍ର):** ପୂର୍ବତଟ ରେଳପଥ ଓଡିଶାର ରାଣୀତାଲ (ଭଦ୍ରକ) ଏବଂ ଆନ୍ଧ୍ରପ୍ରଦେଶର ଦୁଭାଡା (ବିଶାଖାପାଟନମ୍) ମଧ୍ୟରେ ୫୯୫ କିଲୋମିଟରର ଦୂରତା ବିଶିଷ୍ଟ ରେଳ ମାର୍ଗରେ ଉନ୍ନତ କବଚ ପ୍ରଣାଳୀ ସ୍ଥାପନ ପାଇଁ ଯୋଜନା କରି ଏକ ପ୍ରମୁଖ ସୁରକ୍ଷା ଉନ୍ନତି ପ୍ରକଳ୍ପ ଆରମ୍ଭ କରିଛି, ଯାହା ହାଓଡ଼ା-ଚେନ୍ନାଇ ମୁଖ୍ୟ ରେଳ ଲାଇନର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅଟେ । ଏଥିପାଇଁ ସର୍ଭେ, ଡିଜାଇନ୍, ଯୋଗାଣ, ସ୍ଥାପନ, ପରୀକ୍ଷଣ, ଏବଂ କବଚ ଉପକରଣର କାର୍ଯ୍ୟକ୍ଷମ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ଆନୁମାନିକ ମୂଲ୍ୟ ୨୮୦ କୋଟି ସହିତ ଏହି କବଚ କାର୍ଯ୍ୟ ପାଇଁ ଟେଣ୍ଡର ଆମନ୍ତ୍ରଣ କରାଯାଇଛି । ବ୍ୟସ୍ତବହୁଳ ତଥା ଗୁରୁତ୍ୱପୂର୍ଣ୍ଣ ରେଳ କରିଡରରେ ସୁରକ୍ଷା ବୃଦ୍ଧି କରାଇବା ପାଇଁ ମାନ୍ୟବର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳ ଦ୍ୱାରା ଟ୍ରେନ୍ ଧକ୍କା ଏଡାଇବା ପ୍ରଣାଳୀ ବା କବଚ ପ୍ରଣାଳୀ ସ୍ଥାପନ ଏକ ପ୍ରମୁଖ ପ୍ରାଥମିକତା ଅଟେ । ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଅବଶିଷ୍ଟ ରେଳ ସେକ୍ସନ ଗୁଡିକରେ କବଚ ସଂସ୍ଥାପନ ପାଇଁ ଏକ ବିସ୍ତୃତ ଆକଳନ ଚାଲିଛି । ନିରାପତ୍ତାକୁ ବୃଦ୍ଧି କରାଇବା ପାଇଁ ପୂର୍ବତଟ ରେଳପଥ ମଧ୍ୟ ମାନବ ତ୍ରୁଟିକୁ କମ୍ କରିବା ପାଇଁ ଆଧୁନିକ ସିଗନାଲ୍ ଏବଂ ଇଣ୍ଟରଲକ୍ ସିଷ୍ଟମ୍ ଉପରେ ଧ୍ୟାନ ଦେଉଛି । କବଚ, ଏକ ସ୍ୱଦେଶୀ ବିକଶିତ ଅଟୋମେଟିକ୍ ଟ୍ରେନ୍ ପ୍ରୋଟେକ୍ସନ୍ (ଏଟିପି) ସିଷ୍ଟମ୍ ଯାହା ଟ୍ରେନ୍ ଧକ୍କା ଏଡ଼ାଇବା ଏବଂ ବର୍ଦ୍ଧିତ ପରିଚାଳନାଗତ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଡିଜାଇନ୍ କରାଯାଇଛି । ଥରେ କାର୍ଯ୍ୟକ୍ଷମ ହୋଇଗଲେ ଏହା ସ୍ୱୟଂଚାଳିତ ବ୍ରେକିଂ, ସ୍ପିଡ୍ ରେଗୁଲେସନ୍ ପ୍ରଦାନ କରିବ ଏବଂ ମାନବ ତ୍ରୁଟିରୁ ରକ୍ଷା ପାଇବାରେ ସାହାଯ୍ୟ କରିବ, ବିଶେଷ କରି ଜରୁରୀକାଳୀନ ପରିସ୍ଥିତିରେ । ପରବର୍ତ୍ତୀ ପର୍ଯ୍ୟାୟରେ ଏହି ପ୍ରଣାଳୀ ପାଇଁ ପୃଥକ ଟାୱାର ସହିତ ଟ୍ରାକ୍, ଲେଭଲ୍ କ୍ରସିଂ ଗେଟ୍ସ ଏବଂ ନିର୍ଦ୍ଧାରିତ ରେଳ ସେକ୍ସନ ସହିତ ଷ୍ଟେସନରେ ଯନ୍ତ୍ରପାତି ସ୍ଥାପନ କରାଯିବ । ଭିତ୍ତିଭୂମି କାର୍ଯ୍ୟଗୁଡିକ ସମାପ୍ତ ହେବା ପରେ, କବଚ ଉପକରଣଗୁଡ଼ିକ ଏହି ବ୍ୟସ୍ତବହୁଳ କରିଡରରେ ଚାଲୁଥିବା ଟ୍ରେନ ଗୁଡିକରେ ଲଗାଯିବ ସହିତ ଟ୍ରେନ୍, ଷ୍ଟେସନ୍ ଏବଂ କଣ୍ଟ୍ରୋଲ୍ ସେଣ୍ଟର୍ ମଧ୍ୟରେ ପ୍ରକୃତ ସମୟର ଯୋଗାଯୋଗ ନିଶ୍ଚିତ କରିବ, ଯାହାଦ୍ୱାରା ଦୁର୍ଘଟଣାର ଆଶଙ୍କା କମ୍ ହେବ । ଏହି ପଦକ୍ଷେପ ଭାରତୀୟ ରେଳବାଇର ଭିତ୍ତିଭୂମି ଆଧୁନିକୀକରଣ, ଯାତ୍ରୀଙ୍କ ସୁରକ୍ଷା ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ପ୍ରତିବଦ୍ଧତା ସହିତ ଅନୁରୂପ ଅଟେ । ହାଓଡ଼ା-ଚେନ୍ନାଇ ମୁଖ୍ୟ ରେଳ ମାର୍ଗର ଏହି ଗୁରୁତ୍ୱପୂର୍ଣ୍ଣ ରେଳ ମାର୍ଗରେ କବଚ ବ୍ୟବସ୍ଥାର ସଫଳ ରୂପାୟନ ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ରେଳ କାର୍ଯ୍ୟ ପାଇଁ ଏକ ମାନଦଣ୍ଡ ସ୍ଥିର କରିବ, ଯାହା ସିଗନାଲ୍ ପାସ୍ ଆଟ୍ ଡେଞ୍ଜର ଏବଂ ହେଡ୍-ଅନ୍ ଧକ୍କା ହେବାର ସମ୍ଭାବନାକୁ ହ୍ରାସ କରିବ । ଯାତ୍ରୀମାନଙ୍କ ପାଇଁ ଏହା ଏକ ନିରାପଦ ଭ୍ରମଣ ଅଭିଜ୍ଞତା ।

## ମହିଳା ଏସିଆନ ଚାମ୍ପିୟନସ୍ ଟ୍ରଫି

# ଚାଇନାକୁ ହରାଇ ଭାରତ ପୁଣି ଚାମ୍ପିଅନ




ନୂଆଦିଲ୍ଲୀ, ୨୦।୧୧: ପୁଣିଥରେ ମହିଳା ଏସିଆନ ଚାମ୍ପିୟନସ୍ ଟ୍ରଫି କବଜା କରିଛି ଭାରତୀୟ ମହିଳା ହକି ଟିମ। ବିହାରର ରାଜଗିରରେ ଭାରତୀୟ ମହିଳା ଟିମ ରାଜ

### କ୍ରମାଗତ ଦ୍ୱିତୀୟ ଥର ପାଇଁ ଚାମ୍ପିଅନ୍

କରିଛି।ଆଜି ଫାଇନାଲରେ ଭାରତୀୟ ମହିଳା ଦଳ ଚାଇନାକୁ ୧-୦ରେ ହରାଇ କ୍ରମାଗତ ଦ୍ୱିତୀୟ ଥର ପାଇଁ ଚାମ୍ପିୟନ ହୋଇଛି।୨୦୨୩ରେ ଦଳ ଜାପାନକୁ ୪-୦ ଗୋଲରେ ହରାଇ ରାଞ୍ଚିରେ ଟ୍ରଫି ଟେକିଥିଲା। ଏଥର ବିହାରରେ ଭାରତର ଫାଇନାଲ ଶିକାର ବନିଛି ଚାଇନା ମୁଖ୍ୟକୋଚ ଭାବେ ହରେନ୍ଦ୍ର ସିଂହ ପ୍ରଥମ ଟାଇଟଲ ଜିତିବାକୁ ମଧ୍ୟ ସକ୍ଷମ ହୋଇଛନ୍ତି। ଆଜିର ଫାଇନାଲରେ ଭାରତ ପକ୍ଷରୁ ଏକମାତ୍ର ଗୋଲ ଦୀପିକା ସ୍କୋର କରିଛନ୍ତି। ୩୧ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ନବନୀତ କୌର ଠିକ ଭାବେ ହିଟ କରିପାରି ନଥିଲେ। ଏହା ତାଙ୍କ ଷ୍ଟିକରେ ବାଜି ଦୀପିକାଙ୍କ ପାଖକୁ ଚାଲି ଯାଇଥିଲା। ଦୀପିକା କୌଣସି ତ୍ରୁଟି ନ କରି ଏହାକୁ ଗୋଲରେ ପରିଣତ କରିଥିଲେ। ଏହି ଗୋଲରେ ହିଁ ଭାରତ ବିଜୟ ହୋଇଛି। ଅବଶ୍ୟ ପରବର୍ତ୍ତୀ ଅବସ୍ଥାରେ ଦୀପିକାଙ୍କୁ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା। ହେଲେ ସେ ଏହାକୁ ଗୋଲରେ ପରିଣତ କରିପାରି ନଥିଲେ। ଭାରତ ଶେଷରେ ୧-୦ରେ ମ୍ୟାଚ ଜିତି ଚାମ୍ପିୟନ ହୋଇଛି। ଭାରତ ପୂରା ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହିବା ସହ ଟ୍ରଫି କବଜା କରିଛି ସେମି ଫାଇନାଲରେ ଦଳ ଜାପାନକୁ ୨-୦ରେ ହରାଇଥିଲା। ୨୦୧୦ରୁ ମହିଳା ଏସିଆନ ଚାମ୍ପିୟନସ୍ ଟ୍ରଫି ଆୟୋଜନ ହେଉଛି। ଭାରତ ପ୍ରଥମଥର ପାଇଁ ୨୦୧୬ରେ ଟ୍ରଫି ଜିତିଥିଲା। ୨୦୧୮ରେ ଦଳକୁ ଫାଇନାଲରେ ଦକ୍ଷିଣ କୋରିଆଠାରୁ ୦-୧ରେ ହାରିବାକୁ ପଡ଼ିଥିଲା ହେଲେ ୨୦୨୩ ଓ ୨୦୨୪ରେ ଭାରତୀୟ ମହିଳା ଦଳ ଚାମ୍ପିୟନ ହୋଇଛି।

# ସୟଦ ମୁସ୍ତାକ ଅଲି ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷଣା

କଟକ, ୨୦।୧୧: ସୟଦ ମୁସ୍ତାକ ଅଲି ଟ୍ରଫି ପାଇଁ ଆଜି ଘୋଷଣା ହୋଇଛି ଓଡ଼ିଶା ଦଳ। ୧୮ ଜଣିଆ ଟିମ୍ ଘୋଷଣା କରିଛି ଓଡ଼ିଶା କ୍ରିକେଟ ସଂଘ। ଗୋବିନ୍ଦ ପୋଦାରଙ୍କୁ ମିଳିଛି ଅଧିନାୟକ ପଦ ଏନେଇ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି ଓସିଏ ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ।




### ଗୋବିନ୍ଦ ପୋଦ୍ଦାର ଅଧିନାୟକ

ଉଭୟ ଯୁବ ଓ ଅଭିଜ୍ଞଙ୍କୁ ଦଳରେ ସ୍ଥାନ ମିଳିଛି। ଯଦି ବ୍ୟାଟିଂ ଟପ୍ ଅର୍ଡର ଉପରେ ନଜର ପକାଇବା ତେବେ ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ, ଗୌରବ ଚୌଧୁରୀ, ପ୍ରବୀନ ଲୋହା, ରାକେଶ ପଟ୍ଟନାୟକ, କାର୍ତ୍ତିକ ବିଶ୍ୱାଳଙ୍କ ଭଳି ବ୍ୟାଟର ଦଳରେ ରହିଛନ୍ତି। ସେହିପରି ବୋଲିଂ ଲାଇନ ଅପରେ ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ତାରିଣୀ ସ, ହର୍ଷିତ ରାଠୋଡ଼ ପ୍ରମୁଖ ଦଳରେ ରହିଛନ୍ତି।ଦଳରେ ୫ ଜଣ ନୂଆ ମୁହଁକୁ ସ୍ଥାନ ଦେଇଛି। ଓସିଏ ଚୟନ କମିଟି ଶୁଭମ ଶତ୍ରୁଜିତ, ସମ୍ବିତ କୁମାର ବରାଳ, ପ୍ରଦୀପ ପ୍ରଧାନ, ଜମଲା ଭଂଜନ ମହାପାତ୍ର ଓ ଅଂଶୁମାନ ବେଜ।

ବିସିସିଆଇ ଘରୋଇ ସିଜିନର ଟି-୨୦ ଫର୍ମାଟର ମେଗା ଟୁର୍ଣ୍ଣାମେଣ୍ଟ ହେଉଛି। ମୁସ୍ତାକ ଅଲି ଟ୍ରଫି ଆସନ୍ତା ୨୩ ତାରିଖରୁ ବିଦର୍ଭ ବିପକ୍ଷରେ ଓଡ଼ିଶା ତାର ପ୍ରଥମ ମ୍ୟାଚ ଖେଳିବ। ଏହାପରେ ରେଲେ, ପଣ୍ଡିଚେରି, ଛତିଶଗଡ଼, ଆସାମ ଓ ଚଣ୍ଡୀଗଡ଼ ବିପକ୍ଷରେ ଖେଳିବ ଓଡ଼ିଶା । ତେବେ ଏହି ଟିମ୍ ଚୟନ ପୂର୍ବରୁ ଓଡ଼ିଶା ଅନେକ ଅଭ୍ୟାସ ମ୍ୟାଚ ଖେଳିଛି। ବିଭିନ୍ନ ଗ୍ରାଉଣ୍ଡରେ ହୋଇଥିବା କ୍ୟାମ୍ପରୁ ହିଁ ଟିମ୍ ଚୟନ କରାଯାଇଛି ଯୁବ ଓ ଅଭିଜ୍ଞ ମିଶ୍ରିତ ଏହି ଦଳ ନିଶ୍ଚୟ ଟି-୨୦ ଫର୍ମାଟରେ ଭଲ ପ୍ରଦର୍ଶନ କରିବ ବୋଲି କହିଛନ୍ତି ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ ଓ ଚୟନ କମିଟି ମୁଖ୍ୟ ଅମୀୟ ରାଏ।

# ଚୂଡ଼ାନ୍ତ ଏକାଦଶରୁ ବାଦ୍ ପଡ଼ିବେ ଜାଡେଜା




### ନୀତିଶ କୁମାରଙ୍କୁ ସୁଯୋଗ




ପର୍ଥ, ୨୦।୧୧: ଭାରତ ଓ ଅଷ୍ଟ୍ରେଲିଆ। ମଧ୍ୟରେ ଆରମ୍ଭ ହେବାକୁ ଥିବା ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟକୁ ମଝିରେ କେବଳ ଗୋଟିଏ ଦିନ ବାକି ରହିଛି। ଶୁକ୍ରବାର ଭାରତ ଓ ଅଷ୍ଟ୍ରେଲିଆ। ପର୍ଥରେ ମୁହାଁମୁହିଁ ହେବେ। ପ୍ରଥମ ଟେଷ୍ଟରେ ଭାରତରର ନେତୃତ୍ୱ ନିୟମିତ ଅଧିନାୟକ ରୋହିତ ଶର୍ମା ନେବେ ନାହିଁ। ତାଙ୍କ ବଦଳରେ ସ୍ୱିଡଷ୍ଟର ଯଶପ୍ରୀତ ବୁମରା କମାଣ ସମ୍ଭାଳିବେ। ସେହିପରି ଆହତ କାରଣରୁ ଶୁଭମନ ଗିଲ ମଧ୍ୟ ପ୍ରଥମ ଟେଷ୍ଟରୁ ବାଦ ପଡ଼ିଛନ୍ତି। ଏବେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ପର୍ଥ ଟେଷ୍ଟର ଚୂଡ଼ାନ୍ତ ଏକାଦଶରେ ରବୀନ୍ଦ୍ର ଜାଡେଜାଙ୍କୁ ସୁଯୋଗ ମିଳିବ ନାହିଁ। ଭାରତ ଏକମାତ୍ର ସ୍ପିନର ରବିଚନ୍ଦ୍ର ଅଶ୍ୱିନଙ୍କ ସହ ପଡ଼ିଆକୁ ଓହ୍ଲାଇବ। ଦ୍ରୁତ ବୋଲରଙ୍କୁ ପିଚ୍ ସୁହାଇବାର ସମ୍ଭାବନା ଥିବାରୁ ଟିମ ମ୍ୟାନେଜମେଣ୍ଟ ଏପରି ନିଷ୍ପତ୍ତି ନେଇଛି।

ଦଳ ୩ ଦ୍ରୁତ ବୋଲର ଓ ଦ୍ରୁତି ବୋଲିଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ନେଇ ପ୍ରଥମ ଟେଷ୍ଟ ଖେଳିବ। ନୀତୀଶ କୁମାର ରେଡ୍ଡୀ ଏଯାଏ ଟେଷ୍ଟରେ ଡେବ୍ୟୁ କରି ନାହାନ୍ତି।ତେଣୁ ପ୍ରଥମ ଟେଷ୍ଟରେ ସେ ଭାରତ ପାଇଁ ଡେବ୍ୟୁ କରିବେ।

ଜାଡେଜାଙ୍କ ବଦଳରେ ଅଶ୍ୱିନଙ୍କୁ ସୁଯୋଗ ଦେବା ପଛରେ ଯଥେଷ୍ଟ କାରଣ ରହିଛି। କାରଣ ଅଷ୍ଟ୍ରେଲିଆର ଚୂଡ଼ାନ୍ତ ଏକାଦଶରେ ଉସମାନ ଖାଓ୍ୱାଜା, ଟ୍ରାଭିସ ହେଡ ଓ ଆଲେକ୍ସ କେରୀଙ୍କ ଭଳି ବାମହାତୀ ବ୍ୟାଟର ରହିଛନ୍ତି।ତେଣୁ ଅଶ୍ୱିନ ଏମାନଙ୍କ ବିପକ୍ଷରେ ଘାତକ ସାବ୍ୟସ୍ତ ହୋଇପାରନ୍ତି। ଅଶ୍ୱିନଙ୍କ ବ୍ୟତୀତ ସ୍କ୍ୱାଡରେ ଜାଡେଜା ଓ ସ୍ପିନ ଅଲରାଉଣ୍ଡର ଓ୍ୱାଶିଂଟନ ସୁନ୍ଦର ମଧ୍ୟ ରହିଛନ୍ତି।

### ବିରାଟଙ୍କ ପୋଷ୍ଟ ଦେଖି ପ୍ରଶଂସକ ଛାନିଆ

ମୁମ୍ବାଇ, ୨୦।୧୧: ଭାରତୀୟ କ୍ରିକେଟର ବିରାଟ କୋହଲି ସୋସିଆଲ ମିଡିଆରେ ବହୁତ ସକ୍ରିୟ ରୁହନ୍ତି ।ସେ ପ୍ରତିଦିନ ନିଜ ପ୍ରଶଂସକଙ୍କ ପାଇଁ କିଛି ନା କିଛି ପୋଷ୍ଟ ସେୟାର କରନ୍ତି ବୁଧବାର ସକାଳେ ବିରାଟ ଏକ ପୋଷ୍ଟ ସେୟାର କରିଥିଲେ ଯାହାକୁ ଦେଖି ତାଙ୍କ ପ୍ରଶଂସକମାନେ ଡରି ଯାଇଥିଲେ। ପ୍ରଶଂସକମାନେ ଭାବି ନେଇଥିଲେ ଯେ, ବିରାଟ ଛାଡପତ୍ର ଘୋଷଣା କରିବା ପାଇଁ ଏହି ପୋଷ୍ଟ କରିଛନ୍ତି। ମଙ୍ଗଳବାର ରାତିରେ ଏଆର ରହମାନଙ୍କ ପତ୍ନୀ ସାଇରା ଛାଡ଼ପତ୍ର ବିଷୟରେ ଘୋଷଣା କରିଥିବା ବେଳେ ବୁଧବାର ସକାଳୁ ବିରାଟଙ୍କ ଏଭଳି ପୋଷ୍ଟ ସମସ୍ତଙ୍କୁ କିଛି ସମୟ ପାଇଁ ଛୋଟ ହୃଦଘାତ ଦେଇଥିଲା ।ବିରାଟ କୋହଲି ତାଙ୍କ ବ୍ରାଣ୍ଡକୁ ୧୦ବର୍ଷ ପୂରଣ ହୋଇଥିବାରୁ ଅଭିନନ୍ଦନ ଜଣାଇ ଏହି ପୋଷ୍ଟ କରିଥିଲେ। କିନ୍ତୁ ପୋଷ୍ଟର ଆରମ୍ଭ ଯେଉଁଭଳି ଭାବେ ସେ କରିଥିଲେ ତାହା କିଛି ସମୟ ପାଇଁ ସମସ୍ତଙ୍କୁ ଭାବିବାକୁ ବାଧ୍ୟ କରିଥିଲା ।

# ପୂରା ସିରିଜରେ ରହିବେ ଅଗରକର

ନୂଆଦିଲ୍ଲୀ, ୨୦।୧୧: ଟିମ ଇଣ୍ଡିଆର ଦୁଇ ଅଭିଜ୍ଞ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ନେଇ ଆସିଛି ବଡ଼ ଖବର। ଅଷ୍ଟ୍ରେଲିଆ। ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫି ପରେ ଏହି ଦୁଇ ଖେଳାଳିଙ୍କ ଭବିଷ୍ୟତ ଉପରେ ନିଆଯିବ ବଡ଼ ନିଷ୍ପତ୍ତି। ଏଥିପାଇଁ ବିସିସିଆଇର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ ସମୟରେ ଅଷ୍ଟ୍ରେଲିଆରେ ରହିବାକୁ କୁହାଯାଇଛି।

ସେ ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ସହ ମିଶି ଭବିଷ୍ୟତର ଧଳା ବଲ କ୍ରିକେଟ ଟିମ ସହ ଟେଷ୍ଟ କ୍ରିକେଟର ରୋଡ ମ୍ୟାପ ପ୍ରସ୍ତୁତ କରିବେ। ଏଥିସହ ଗମ୍ଭୀରଙ୍କୁ ଅଗରକର ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ପାଇଁ ମଧ୍ୟ ପରାମର୍ଶ ଦେଇପାରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି।

ନ୍ୟୁଜିଲ୍ୟାଣ୍ଡ ଠାରୁ ଭାରତ ଘରୋଇ ମାଟିରେ ୦-୩ରେ ହାରିବା ପରେ ଟିମ ମ୍ୟାନେଜମେଣ୍ଟ ପ୍ରଶ୍ନ ଘେରରେ ରହିଛି। ଫଳସ୍ୱରୂପ ଅଗରକରଙ୍କୁ ପୂରା ଟେଷ୍ଟ ସିରିଜ ସମୟରେ ଅଷ୍ଟ୍ରେଲିଆରେ ରହି ଗମ୍ଭୀରଙ୍କ ସହ ମିଳିତ ଭାବେ କାମ କରିବାକୁ କୁହାଯାଇଛି।

ବିସିସିଆଇ ସୂତ୍ରରେ କୁହାଯାଇଛି, ଉଭୟ ଅଗରକର ଓ ଗମ୍ଭୀର ଭଲ ଭାବେ ଜାଣିଛନ୍ତି ଯେ ଭାରତରେ ଦୁର୍ବଳ ପ୍ରଦର୍ଶନ ନିଶ୍ଚିତ ଭାବେ ସମାଲୋଚନାକୁ ନିମନ୍ତ୍ରଣ କରିବ ଏହା ମଧ୍ୟ ସ୍ୱାଭାବିକ ଯେହେତୁ ଅଷ୍ଟ୍ରେଲିଆରେ ଭାରତ ୫ଟି ଟେଷ୍ଟ ଖେଳିବ, ତେଣୁ ଅଗରକର ଓ ଗମ୍ଭୀର ଏକାଠି ବସି ସିରିଜ ପରେ ଦଳର ରୂପରେଖ କେମିତି ଆଗକୁ ରହିବ, ସେବିଷୟରେ ଆଲୋଚନା ପାଇଁ ସମୟ ପାଇପାରିବେ ।

ଶକ୍ତିଶାଳୀ ବ୍ୟାକଅପ ସହ ଗୋଟିଏ ଦୃଢ଼ ଟିମ ଗଠନ ପାଇଁ ଉଭୟଙ୍କୁ ସମ୍ଭବତଃ ଦେଢ଼ ବର୍ଷ ସମୟ ଲାଗିପାରେ। ଏଥିପାଇଁ ଉଭୟଙ୍କୁ ଏକାଠି ରହି ପ୍ରକ୍ରିୟା ଆରମ୍ଭ କରିବାକୁ କୁହାଯାଇଛି।



ରିପୋର୍ଟ ଅନୁସାରେ, ଦଳର ବରିଷ୍ଠ ଖେଳାଳିଙ୍କ ଭବିଷ୍ୟତକୁ ନେଇ ମଧ୍ୟ ଆଲୋଚନା ହେବ ରୋହିତ ଶର୍ମା, ବିରାଟ କୋହଲି, ରବି ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଏବେ ବୟସ୍କ ହୋଇସାରିଲେଣି। ଏମାନେ ଯେକୌଣସି ସମୟରେ ଅବସର ମଧ୍ୟ ନେଇପାରନ୍ତି। ତେଣୁ ବରିଷ୍ଠ ଖେଳାଳିଙ୍କ ପରେ ଟିମର ରୂପରେଖ କେମିତି ରହିବ, ତାର ଯୋଜନା ମଧ୍ୟ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପରେ ପ୍ରସ୍ତୁତ ହେବ ବର୍ଡର-ଗାଭାସ୍କର ଟ୍ରଫି ପରେ ରୋହିତ ଓ ବିରାଟଙ୍କ ଭଳି ବରିଷ୍ଠ ଖେଳାଳିଙ୍କ ଭବିଷ୍ୟତ ଉପରେ ମଧ୍ୟ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

# ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ଦେବେନ୍ଦ୍ର ସିଂଙ୍କର ପରଲୋକ

ଭୁବନେଶ୍ୱର, ୨୦।୧୧: କ୍ରୀଡ଼ା ଜଗତରୁ ଆସିଛି ଏକ ବଡ଼ ଦୁଃଖ ଖବର। ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ଦେବେନ୍ଦ୍ର ସିଂ ଆଉ ନାହାନ୍ତି । ୮୨ ବର୍ଷ ବୟସରେ ଏହି ଫୁଟବଲ କିମ୍ବଦନ୍ତୀ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। କେବଳ ଓଡ଼ିଶା ନୁହେଁ, ସାରା ଭାରତରେ ଜଣେ ଦକ୍ଷ ଫୁଟବଲ ଖେଳାଳି ଭାବେ ଦେବେନ୍ଦ୍ର ବେଶ୍ ପରିଚୟ ହାସଲ କରିପାରିଥିଲେ। ସେ ବହୁଦିନ ଧରି ଜାତୀୟ ଦଳରେ ପ୍ରତିନିଧି କରିବା ସହ ସନ୍ତୋଷ ଟ୍ରଫିରେ ଓଡ଼ିଶା ତରଫରୁ ଅଧିନାୟକ ରହିଥିଲେ। ତାଙ୍କର ବିୟୋଗରେ କ୍ରୀଡ଼ା ଜଗତ ସହ ଜଡ଼ିତ ଅନେକ ବ୍ୟକ୍ତିବିଶେଷ ଗଭୀର ଶୋକ ବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ୨୦୧୮ ମସିହାରେ ଦେବେନ୍ଦ୍ରଙ୍କୁ ଓଡ଼ିଶା ସ୍ପୋର୍ଟ୍ସ ଜର୍ଣ୍ଣାଲିଷ୍ଟସ ଆସୋସିଏସନ (ଓସଜା) ତରଫରୁ ପ୍ରତିଷ୍ଠା ଦିବସରେ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ନିଜ ପରିବାରରେ ପତ୍ନୀ, ଦୁଇ ପୁଅ ଓ ଜଣେ ଝିଅଙ୍କୁ ଛାଡ଼ି ଦେବେନ୍ଦ୍ର ଇହଲୀଳା ସମ୍ବରଣ କରିଛନ୍ତି। ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ସମେତ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ତରଫରୁ ଏନେଇ ଶୋକ ପ୍ରକାଶ କରାଯାଇଛି। ଦେବେନ୍ଦ୍ରଙ୍କ ପୁଅ ରାଜେନ୍ଦ୍ର ପ୍ରତାପ ସିଂ ମଧ୍ୟ ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଖେଳାଳି ଅଟନ୍ତି।

# ହାର୍ଦ୍ଦିକ ପାଣ୍ଡ୍ୟା ବିଶ୍ୱର ନମ୍ବର-୧ ଅଲରାଉଣ୍ଡର

ନୂଆଦିଲ୍ଲୀ, ୨୦।୧୧: ଭାରତର ଦକ୍ଷ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ବିଶ୍ୱର ନମ୍ବର-୧ ଅଲରାଉଣ୍ଡର ହୋଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟର ସର୍ବଶେଷ ଅନ୍ତର୍ଜାତୀୟ ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଏକ ନମ୍ବର ଅଲରାଉଣ୍ଡର ହୋଇଛନ୍ତି। ସେ ଟି-୨୦ ଅନ୍ତର୍ଜାତୀୟ ମାନ୍ୟତାରେ ପ୍ରଥମ ଅଲରାଉଣ୍ଡର ହେବା ପାଇଁ ଇଂଲଣ୍ଡର ଲିଆମ ଲିଭିଙ୍ଗଷ୍ଟୋନଙ୍କୁ ଅତିକ୍ରମ କରିଛନ୍ତି।




ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ଟି-୨୦ ବିଶ୍ୱ ନମ୍ବର ହୋଇପାରି ନାହାଁନ୍ତି ସେ ଏହି ଫର୍ମାଟର ର୍‍ୟାଙ୍କିଙ୍ଗରେ ପ୍ରଥମ ସ୍ଥାନ ହାସଲ କରିସାରିଛନ୍ତି। ସେ ଅନ୍ତର୍ଜାତୀୟ ଟି-୨୦ ଟିମ ଇଣ୍ଡିଆର ପ୍ରମୁଖ ଖେଳାଳି ଉଭୟ ବଲ ଏବଂ ବ୍ୟାଟ ସହିତ ହାର୍ଦ୍ଦିକ ମଧ୍ୟ ଭଲ ଫର୍ମରେ ଅଛନ୍ତି।ଚଳିତ ବର୍ଷ ହାର୍ଦ୍ଦିକ ଅନ୍ତର୍ଜାତୀୟ ଟି-୨୦ରେ ୩୫୨ ରନ ସଂଗ୍ରହ କରିଛନ୍ତି। ଏହା ସହିତ ସେ ଚଳିତ ବର୍ଷ ୧୬ଟି ଉଇକେଟ ନେଇଛନ୍ତି । ଅନ୍ତର୍ଜାତୀୟ ଟି-୨୦ରେ ପାଣ୍ଡ୍ୟା ୨୪୪ ରେଟିଂ ପଏଣ୍ଟ ସହ ଏକ ନମ୍ବରରେ ଅଛନ୍ତି। ନେପାଳର ଦୀପେନ୍ଦ୍ର ସିଂ ଆରି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏହାପୂର୍ବରୁ ଇଂଲଣ୍ଡର ଲିଆମ ଲିଭିଙ୍ଗଷ୍ଟୋନ ଶୀର୍ଷରେ ଥିଲେ, କିନ୍ତୁ ବର୍ତ୍ତମାନ ସେ ଦୁଇଟି ସ୍ଥାନକୁ ଖସି ଆସିଛନ୍ତି। ଲିଭିଙ୍ଗଷ୍ଟୋନ ବର୍ତ୍ତମାନ ତିନି ନମ୍ବରରେ ପହଞ୍ଚିଛନ୍ତି। ଅଷ୍ଟ୍ରେଲିଆର ମାର୍କସ ଷ୍ଟୋଇନିସ ଚତୁର୍ଥ ସ୍ଥାନରେ ଏବଂ ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ ୱାନିନ୍ଦୁ ହାସାରଙ୍ଗା ପଞ୍ଚମ ସ୍ଥାନରେ ଅଛନ୍ତି।

# କ୍ୟାରିୟରର ଶ୍ରେଷ୍ଠ ସ୍ଥାନରେ ତିଲକ ବର୍ମା

ଦୁବାଇ, ୨୦।୧୧: ଆଇସିସି ଟି-୨୦ ବ୍ୟାଟିଂ ରାଙ୍କିଙ୍ଗରେ ଭାରତର ଯୁବ ବ୍ୟାଟର ତିଲକ ବର୍ମାଙ୍କୁ ମିଳିଛି ବଡ଼ ସଫଳତା। ସେ ରାଙ୍କିଙ୍ଗରେ ରେକର୍ଡ ୬୯ଟି ସ୍ଥାନ ଉପରକୁ ଉଠି ସିଧା ୩ନଂରେ ପହଞ୍ଚି ଯାଇଛନ୍ତି। ଏହା ତାଙ୍କ ଟି-୨୦ କ୍ୟାରିୟରର ଶ୍ରେଷ୍ଠ ସ୍ଥାନ ସେ ଟିମ ଇଣ୍ଡିଆର ଟି-୨୦ ଅଧିନାୟକ ସୂର୍ଯ୍ୟ କୁମାର ଯାଦବଙ୍କୁ ମଧ୍ୟ ପଛରେ ପକାଇ

### ୬୯ ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନରେ

ଦେଇଛନ୍ତି। ଟି-୨୦ ରାଙ୍କିଙ୍ଗରେ ସର୍ବଶ୍ରେଷ୍ଠ ଭାରତୀୟ ବ୍ୟାଟର ମଧ୍ୟ ବନି ଯାଇଛନ୍ତି।

ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଥିବା ତିଲକ ବର୍ମାଙ୍କ ଉପରେ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ ଓ ଇଂଲଣ୍ଡର ଫିଲ ସଲ୍ଟ ରହିଛନ୍ତି ତିଲକ ପ୍ରଥମଥର ପାଇଁ ତାଙ୍କ ଟି-୨୦ କ୍ୟାରିୟରରେ ଆଇସିସି ରାଙ୍କିଙ୍ଗର ଟପ୍ ୧୦ରେ ପ୍ରବେଶ କରିଛନ୍ତି।ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜରେ ତାଙ୍କ ବ୍ୟାଟରୁ ଦୁଇଟି ଶତକ ଦେଖିବାକୁ ମିଳିଥିଲା। ଏହି ସଫଳତା ପରେ ତାଙ୍କୁ ରାଙ୍କିଙ୍ଗରେ ଫାଇଦା ମିଳିଛି। ଭାରତ ୩-୧ରେ ଟି-୨୦ ସିରିଜ ଜିତିଥିବା ବେଳେ ତିଲକ ବର୍ମା ୧୯୮ ଷ୍ଟ୍ରାଇକ ରେଟରେ ୨୮୦ ରନ କରିଥିଲେ ।ସେ ୨୦ଟି ଛକା ମଧ୍ୟ ମାରିଛନ୍ତି। ଚଳିତ ବର୍ଷ ଆରମ୍ଭରେ ସୂର୍ଯ୍ୟ କୁମାର ରାଙ୍କିଙ୍ଗର ୧ନଂ ସ୍ଥାନରେ ରହିଥିଲେ। କିନ୍ତୁ ଏବେ ସେ ୪ନଂକୁ ଖସି ଆସିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷର ସିରିଜରେ ସେ ନିଜ ୩ନଂ ବ୍ୟାଟିଂ ସ୍ଥାନକୁ ତିଲକଙ୍କ ପାଇଁ ଛାଡ଼ି ଦେଇଥିଲେ ସୂର୍ଯ୍ୟ ୪ନଂରେ ବ୍ୟାଟିଂ କରିଥିବା ବେଳେ ୪ ମ୍ୟାଚ୍‌ରୁ ୩ ଇନିଂସରେ କେବଳ ୨୬ ରନ ହିଁ କରିଛନ୍ତି।




ଦକ୍ଷିଣ ଆଫ୍ରିକା ବିପକ୍ଷରେ ସଞ୍ଜୁ ସାମସନଙ୍କ ବ୍ୟାଟରୁ ମଧ୍ୟ ଦୁଇଟି ଶତକ ଦେଖିବାକୁ ମିଳିଥିଲା। ସେ ରାଙ୍କିଙ୍ଗରେ ୧୭ଟି ସ୍ଥାନ ଉଠି ୨୨ ନମ୍ବରରେ ପହଞ୍ଚିଛନ୍ତି। ଟପ୍ ୧୦ରେ ତିଲକ ଓ ସୂର୍ଯ୍ୟ କୁମାରଙ୍କ ବ୍ୟତୀତ ଭାରତର ଯଶସ୍ୱୀ ଜୈସାଲ ୮ନଂ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ଟି-୨୦ ଅଲରାଉଣ୍ଡର ରାଙ୍କିଙ୍ଗରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ପୁଣି ୧ନଂରେ ପହଞ୍ଚି ଯାଇଛନ୍ତି ସେ ଇଂଲଣ୍ଡର ଲିଆମ ଲିଭିଙ୍ଗଷ୍ଟୋନକୁ ପଛକୁ ଠେଲି ଏପରି ସଫଳତା ପାଇଛନ୍ତି।

# ଦୃଷ୍ଟିହୀନ ବିଶ୍ୱକପରୁ ଓହରିଲା ଭାରତ

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ପାକିସ୍ତାନରେ ଆୟୋଜିତ ହେବାକୁ ଯାଉଥିବା ଦୃଷ୍ଟିହୀନ ଟି-୨୦ ବିଶ୍ୱକପରୁ ଡିଫେଣ୍ଡିଂ ଚାମ୍ପିୟନ ଭାରତ ଓହରି ଯାଇଛି। ଭାରତୀୟ ଟିମ ପାକିସ୍ତାନ ଯିବାକୁ ଚାହୁଁଥିଲେ ହେଁ ବୈଦେଶିକ ମନ୍ତ୍ରଣାଳୟ ଏଥିପାଇଁ ଅନୁମତି ଦେଇନାହିଁ।ପ୍ରାଥମିକ ଅବସ୍ଥାରେ ଦୃଷ୍ଟିହୀନ ଭାରତୀୟ କ୍ରିକେଟ ଟିମକୁ ପାକିସ୍ତାନ ଯିବାକୁ କ୍ରୀଡ଼ା ମନ୍ତ୍ରଣାଳୟ ଦେଇଥିଲା। ଏହାପରେ ନିୟମ ଅନୁସାରେ ଟିମ ବୈଦେଶିକ ମନ୍ତ୍ରଣାଳୟର ଅନୁମତିକୁ ଅପେକ୍ଷା କରିଥିଲା। ହେଲେ ଏବେ ବୈଦେଶିକ ମନ୍ତ୍ରଣାଳୟ ଅନୁମତି ଦେବାକୁ ମନା କରି ଦେଇଛି। ଏଥିପାଇଁ ଭାରତୀୟ ଟିମ ବିଶ୍ୱକପରୁ ଓହରି ଯାଇଛି।

ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଆସୋସିଏସନ (ଆଇବିସିଏ)ର ସାଧାରଣ ସମ୍ପାଦକ ଶୈଳେନ୍ଦ୍ର ଯାଦବ ଏହାକୁ ନିଶ୍ଚିତ କରିଛି। ତାଙ୍କ କହିବା କଥା ଯେ ପାକିସ୍ତାନ ଯିବାକୁ ବୈଦେଶିକ ମନ୍ତ୍ରଣାଳୟ ଅନୁମତି ଦେଇ ନଥିବା ବେଳେ ଟୁର୍ଣ୍ଣାମେଣ୍ଟରୁ ଓହରି ଯିବାକୁ ପରାମର୍ଶ ଦେଇଥିଲା। ଏଥିଯୋଗୁ ନଭେମ୍ବର ୨୩ରୁ ଡିସେମ୍ବର ୩ ଯାଏ ପାକିସ୍ତାନରେ ହେବାକୁ ଥିବା ଦୃଷ୍ଟିହୀନ ଟି-୨୦ ବିଶ୍ୱକପରୁ ଭାରତୀୟ ଟିମ ଓହରି ଯାଇଥିବା ସେ କହିଛନ୍ତି।

ତେବେ ଏଯାଏ ଅନୁମତି ମନା ସଂକ୍ରାନ୍ତ ଚିଠି ଆଇବିସିଏ ପାଖରେ ପହଞ୍ଚି ନାହିଁ କେବଳ ମୌଖିକ ଭାବେ ସେମାନଙ୍କୁ ଅନୁମତି ମିଳି ନଥିବା ମନ୍ତ୍ରଣାଳୟ କହିଛି।

ଯାଦବ କହିଛନ୍ତି, ଆମେ ପ୍ରାୟ ୨୫ ଦିନ ହେବ ପାକିସ୍ତାନ ଯିବା ପାଇଁ ସରକାରଙ୍କ ଅପେକ୍ଷାରେ ରହିଥିଲୁ। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଥିବାରୁ ଆମେ ଆଉ ଅପେକ୍ଷା କରିପାରିବୁ ନାହିଁ। ଏନେଇ ମୁଁ ବୈଦେଶିକ ମନ୍ତ୍ରଣାଳୟର ଅଧିକାରୀଙ୍କ ସହ ଫୋନରେ କଥା ହୋଇଥିଲି। ଅଧିକାରୀ ଜଣଙ୍କ ପାକିସ୍ତାନ ଯିବାକୁ ଅନୁମତି ମିଳିପାରିବ ନାହିଁ କହିବା ସହ ଟୁର୍ଣ୍ଣାମେଣ୍ଟରୁ ଓହରି ଯିବାକୁ କହିଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ ଖୁବଶୀଘ୍ର ଏନେଇ ଗୋଟିଏ ଚିଠି ମଧ୍ୟ ଜାରି କରାଯିବ। ଚିଠି ଏଯାଏ ଆସିନି। କିନ୍ତୁ ଆମେ ଆଲୋଚନା ପରେ ଟୁର୍ଣ୍ଣାମେଣ୍ଟରୁ ଓହରି ଯାଉଛୁ। ଯାଦବଙ୍କ କହିବା କଥା ଭାରତ ବ୍ୟତୀତ ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡ ଭଳି ଦେଶ ମଧ୍ୟ ପାକିସ୍ତାନରେ ଆୟୋଜିତ ଦୃଷ୍ଟିହୀନ ଟି-୨୦ ବିଶ୍ୱକପରେ ସାମିଲ ହେଉ ନାହାନ୍ତି। ଭାରତ ହେଉଛି ଦୃଷ୍ଟିହୀନ ଟି-୨୦ ବିଶ୍ୱକପର ଡିଫେଣ୍ଡିଂ ଚାମ୍ପିୟନ। ଭାରତୀୟ ଟିମ ଟି-୨୦ ବିଶ୍ୱକପର ସମସ୍ତ ୩ଟି ଯାକ ସଂସ୍କରଣରେ ଚାମ୍ପିୟନ ହୋଇଛି। ୨୦୧୨, ୨୦୧୭ ଓ ୨୦୨୨ରେ ଦଳ ବିଶ୍ୱକପ ଜିତିଥିଲା। ୨୦୨୨ ବିଶ୍ୱକପ ଫାଇନାଲରେ ଭାରତୀୟ ଟିମ ୧୨୦ ରନରେ ବାଂଲାଦେଶକୁ ହରାଇ ବେଙ୍ଗାଲୁରୁରେ ଚାମ୍ପିୟନ ହୋଇଥିଲା।

# ୮ ବର୍ଷ ପରେ ସୟଦ ମୁସ୍ତାକ ଅଲି ଟ୍ରଫିରେ ପାଣ୍ଡ୍ୟା

ନୂଆଦିଲ୍ଲୀ ୨୦/୧୧: ୮ ବର୍ଷ ପରେ ହାର୍ଦ୍ଦିକ ପାଣ୍ଡ୍ୟା ଏହି ଦଳକୁ ଫେରିଛନ୍ତି, ବିସିସିଆଇକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିଛନ୍ତି ଦକ୍ଷିଣ ଆଫ୍ରିକା ଗସ୍ତରୁ ଫେରିବା ପରେ ହାର୍ଦ୍ଦିକ ଆଜିକାଲି ଏକ ବ୍ରେକ୍‌ରେ ଅଛନ୍ତି।କିନ୍ତୁ ବର୍ତ୍ତମାନ ସେ ପୁନର୍ବାର କ୍ରିକେଟ୍ ପଡ଼ିଆକୁ ଫେରିବାକୁ ଯାଉଛନ୍ତି। ଏହାର କାରଣ ଟିମ୍ ଇଣ୍ଡିଆର ସିରିଜ୍ ନୁହେଁ, ବରଂ ଏକ ଘରୋଇ ଟୁର୍ଣ୍ଣାମେଣ୍ଟ ।



ନଭେମ୍ବର ୨୩ରୁ ସୟଦ ମୁସ୍ତାକ ଅଲି ଟ୍ରଫି ପାଇଁ ହାର୍ଦ୍ଦିକ ତାଙ୍କ ଘରୋଇ ଦଳ ବରୋଦାକୁ ଫେରୁଛନ୍ତି। ଯେଉଁଠାରେ ସେ ତାଙ୍କ। ବଡ଼ ଭାଇ କ୍ରୁନାଲ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ ଖେଳିବେ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଏହି ଟି-୨୦ ଟୁର୍ଣ୍ଣାମେଣ୍ଟ ପାଇଁ ଡାହାଣହାତୀ ଦ୍ରୁତ ବୋଲିଂ-ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଉପଲବ୍ଧ ଏବଂ ଏଭଳି ପରିସ୍ଥିତିରେ ସେ ସ୍ୱାଭାବିକ ଭାବେ ଦଳରେ ସ୍ଥାନ ପାଇଛନ୍ତି। ଏହି ଋତୁରେ ରଣଜୀ ଟ୍ରଫିରେ ବହୁତ ଭଲ ଆରମ୍ଭ କରିଥିବା ବରୋଦାକୁ ହାର୍ଦ୍ଦିକଙ୍କ ପ୍ରତ୍ୟାବର୍ତ୍ତନ ଅତୁଳନୀୟ ଶକ୍ତି ପ୍ରଦାନ କରିବ ଗତ ସିଜନରେ ଦଳ ମୁସ୍ତାକ ଅଲି ଟ୍ରଫି ଜିତିବାକୁ ହରାଇଥିଲା ଏବଂ ଫାଇନାଲରେ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା ।

ଆହତ କାରଣରୁ ହାର୍ଦ୍ଦିକ କ୍ରିକେଟ୍ କାର୍ଯ୍ୟରୁ ଦୂରେଇ ଯାଇଥିଲେ। ୮ ବର୍ଷ ପରେ ହାର୍ଦ୍ଦିକ ଏହି ଟୁର୍ଣ୍ଣାମେଣ୍ଟ ଜରିଆରେ ଦଳକୁ ଫେରୁଛନ୍ତି। ସେ ଶେଷ ଥର ପାଇଁ ୨୦୧୬ରେ ମୁସ୍ତାକ୍ ଅଲି ଟ୍ରଫିରେ ଭାଗ ନେଇଥିଲେ। ନଭେମ୍ବର ୨୩ରୁ ବିସିସିଆଇର ଘରୋଇ କ୍ରିକେଟ୍ ର ଏହି ପ୍ରମୁଖ ଟି-୨୦ ଟୁର୍ଣ୍ଣାମେଣ୍ଟରେ ବରୋଦାଙ୍କୁ ଉତ୍ତରାଖଣ୍ଡ, ତାମିଲନାଡୁ, ତ୍ରିପୁରା, କର୍ଣ୍ଣାଟକ, ସିକ୍କିମ୍ ଏବଂ ଦୁଇ ପଡ଼ୋଶୀ ସୌରାଷ୍ଟ୍ର ଏବଂ ଗୁଜୁରାଟ ସହିତ ଗ୍ରୁପ୍ ବିରେ ସ୍ଥାନିତ କରାଯାଇଛି ।।

ବରୋଦାଙ୍କ ପ୍ରଥମ ମ୍ୟାଚ୍ ଗୁଜୁରାଟ ବିପକ୍ଷରେ ହେବ, ଯାହା ଇନ୍ଦୋରର ହୋଲକର ଷ୍ଟାଡିୟମରେ ଖେଳାଯିବ। ଡିସେମ୍ବର ୧୫ରେ ଫାଇନାଲ ସହିତ ଶେଷ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟା ଉପଲବ୍ଧ ହେବ ବୋଲି ଆଶା କରାଯାଉଛି। ଏହି ଅବଧି ମଧ୍ୟରେ ଟିମ୍ ଇଣ୍ଡିଆକୁ କୌଣସି ଧଳା ବଲ୍ ସିରିଜ୍ କିମ୍ବା ଟୁର୍ଣ୍ଣାମେଣ୍ଟ ଖେଳିବାକୁ ପଡିବ ନାହିଁ। ଏଭଳି ପରିସ୍ଥିତିରେ ହାର୍ଦ୍ଦିକଙ୍କୁ ମ୍ୟାଚ୍ ଫିଟ୍ ରହିବାକୁ ଏବଂ ଆଗାମୀ ଆହ୍ୱାନଗୁଡିକ ପାଇଁ ପ୍ରସ୍ତୁତ ହେବାରେ ଏହି ଟୁର୍ଣ୍ଣାମେଣ୍ଟ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହେବ। ଏହା ପରେ ହାର୍ଦ୍ଦିକ ଜାନୁଆରୀ ୨୦୨୫ରେ ଇଂଲଣ୍ଡ ବିପକ୍ଷ ଦିନିକିଆ ଏବଂ ଟି୨୦ ସିରିଜରୁ ଫେରିବେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ